- Vol.- 46, Issue No. 95
- Sunday, 05 July 2026
- ରବିବାର, ୦୫ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com



ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI



https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ବର୍ଷା ଆସୁ ଆସୁ ବାଣୀବିହାରରେ ଅଘଟଣ

# ମୁକୁଳା ଡ୍ରେନ୍‌ରେ ଯୁବକ ଭାସି ନିଖୋଜ

■ ୬ ଘଣ୍ଟା ଧରି ଖୋଜାଖୋଜି ସତ୍ତ୍ୱେ ମିଳିନାହାଁନ୍ତି ପତ୍ତା ■ ଆଜି ପୁଣି ଆରମ୍ଭ ହେବ ଅଭିଯାନ

ଭୁବନେଶ୍ୱର,୪ ।୭(ନିପ୍ର): ଭୁବନେଶ୍ୱରରେ ଶନିବାର ମୁକୁଳା ଡ୍ରେନ୍‌ରେ ଭାସି ଜଣେ ଯୁବକ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି । ନିଖୋଜ ଯୁବକ ସ୍ଥାନୀୟ ପଥରବନ୍ଧ ବସ୍ତି ଅଞ୍ଚଳର ଅନିଲ ସିଂ । ଯୁଦ୍ଧକାଳୀନ ଭିତ୍ତିରେ ତାଙ୍କୁ ଖୋଜାଖୋଜି ଜାରି ରହିଛି ।ଅପରାହ୍ଣ ୩ରୁ ପ୍ରାୟ ୬ ଘଣ୍ଟା ଧରି ଏକାଧିକ ଅଗ୍ନିଶମ ଟିମ୍‌ର କର୍ମଚାରୀ ଓ ଓଡ୍ରାଫ ଟିମ୍ ଅନୁସନ୍ଧାନ କରିଥିଲେ ବି ଉଦ୍ଧାର ସମ୍ଭବ ହୋଇପାରି ନଥିଲା । ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ରବିବାର ପୁଣି ଖୋଜାଖୋଜି ଆରମ୍ଭ ହେବ ବୋଲି ସୂଚନା ମିଳିଛି । ବର୍ଷା ଋତୁ ଆସୁ ଆସୁ ଭୁବନେଶ୍ୱରରେ ଏହି ଅଘଟଣ ଏଠାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ଭୁବନେଶ୍ୱରର ବିଭିନ୍ନ ଡ୍ରେନରେ ବର୍ଷା ଜଳର ସ୍ରୋତ ପ୍ରବଳ ରହିଛି । ବାଣୀବିହାର ଏବଂ ପଥରବନ୍ଧ ବସ୍ତି ମଧ୍ୟରେ ଥିବା ମୁକୁଳା ଡ୍ରେନରେ ଯୁବକ ଜଣଙ୍କ ନିଖୋଜ ହୋଇଯାଇଥିବା ଖବର ପାଇ ମଞ୍ଚେଶ୍ୱର ଅଗ୍ନିଶମ ଦଳ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଖୋଜା ଖୋଜି ଆରମ୍ଭ କରିଛି । ଅପରପକ୍ଷେ ଉକ୍ତ ସ୍ଥାନଟି ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ଥିବାବେଳେ ଯୁବକ ଜଣଙ୍କ ସେଠାକୁ କେମିତି ଏବଂ କାହିଁକି ଗଲେ ତାହା ମଧ୍ୟ ଅସ୍ପଷ୍ଟ ରହିଛି । ଏକ ସୂତ୍ରରୁ ପ୍ରକାଶ ଯେ ଯୁବକ ଜଣଙ୍କ ଜରିଗୋଟା କାର୍ଯ୍ୟ କରୁଥିଲେ । ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଓ ବିଏମସି କମିଶନର ଚଞ୍ଚଳ ରଣା ପ୍ରମୁଖ ପହଞ୍ଚି ତଲାସି ଅପରେସନର ତଦାରଖ କରିଥିଲେ । ରାଜଧାନୀରେ ଡ୍ରେନ୍ ଟ୍ରାଜେଡି କିଛି ନୂଆ ନୁହେଁ, ପୂର୍ବରୁ ୨୦୨୪ ଜୁନରେ ୟୁନିଟ୍ ୩ ଅଞ୍ଚଳରେ ଅବୁ ବକର ସାହା ନାମକ ଜଣେ ୬ ବର୍ଷର ବାଳକ ଡ୍ରେନ୍‌ରେ ବୁଡ଼ି ପ୍ରାଣ ହରାଇଥିଲେ । ସେହିଭଳି ୨୦୨୧ ସେପ୍ଟେମ୍ବରରେ ବରମୁଣ୍ଡା ଶତାବ୍ଦୀ ନଗରରେ ଜଣେ ୧୦ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଥିଲା । ୨୦୧୫ରେ ନୟାପଲ୍ଲୀ ବ୍ରିଟ୍ କଲୋନୀର ଜଣେ ୯ ବର୍ଷର ବାଳକ ମଧ୍ୟ ମୁକୁଳା ଡ୍ରେନରେ ଖସିଯିବାରୁ ତାର ମୃତ୍ୟୁ ହୋଇଥିଲା । ସେହିଭଳି ୨୦୧୭, ୨୦୧୮ ଏବଂ ୨୦୧୯ରେ ଡ୍ରେନ୍ ଟ୍ରାଜେଡି ସାମ୍ନାକୁ ଆସିଥିଲା ।



# ସ୍ୱାଭାବିକ ହେଲା ସ୍ୱାସ୍ଥ୍ୟସେବା

★ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ
★ ଓମ୍‌ସା ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମଧ୍ୟରେ ହେଲା ଆଲୋଚନା
★ ୨୨ ତାରିଖରେ କମିଟିର ପ୍ରଥମ ବୈଠକ



ଭୁବନେଶ୍ୱର,୪।୭: ରାଜ୍ୟରେ ଗତ ୪ ଦିନ ଧରି ଚାଲିଥିବା ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ଶନିବାରଠାରୁ ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ଓମ୍‌ସା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଓମ୍‌ସାର ଦାବି ନେଇ ଉଚ୍ଚସ୍ତରୀୟ ବୈଠକ ପରେ ଏକ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି । କମିଟିରେ ସ୍ୱାସ୍ଥ୍ୟ, ଜିଏ, ଅର୍ଥ, ଆଇନ ସଚିବ ସ୍ଥାନିତ ହୋଇଛନ୍ତି । ଆସନ୍ତା ୨୨ ତାରିଖରେ କମିଟିର ପ୍ରଥମ ବୈଠକ ବସିବ । ସୂଚନାଯୋଗ୍ୟ,ସରକାରଙ୍କ ଦ୍ୱାରା ଗଠିତ ଏହି ଉଚ୍ଚସ୍ତରୀୟ ସଚିବ କମିଟି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଓମସାର ପ୍ରମୁଖ ଦାବିଗୁଡ଼ିକୁ ଯାଞ୍ଚ କରି ସମାଧାନର ପନ୍ଥା ବାହାର କରିବ । ଡାଇନାମିକ୍ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ ଯୋଜନାର ଲାଗୁ , ଚାକିରି କ୍ଷେତ୍ରରେ ସଂସ୍କାର ଏବଂ କ୍ୟାଡରର ପୁନର୍ଗଠନ, ଡାକ୍ତରମାନଙ୍କ ପାଇଁ ଏକ ସ୍ୱଚ୍ଛ ଓ ସଠିକ୍ ବଦଳି ପ୍ରକ୍ରିୟା ପ୍ରଣୟନ, ସମୟାନୁବର୍ତ୍ତୀ ପ୍ରମୋଶନ ବ୍ୟବସ୍ଥା, ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀଗୁଡ଼ିକରେ ତୁରନ୍ତ ନିଯୁକ୍ତି ଓ ହସ୍ପିଟାଲଗୁଡ଼ିକରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ନିଶ୍ଚିତ କରିବା ପ୍ରଭୃତି ଦାବି ରହିଛି । ଆସୋସିଏସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସେମାନେ ସରକାରଙ୍କ ଏହି କମିଟି ପ୍ରକ୍ରିୟା ଉପରେ ଭରସା ରଖି ବର୍ତ୍ତମାନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିଛନ୍ତି ।

## ୨୩ ଜଣଙ୍କୁ 'ଆତଙ୍କବାଦୀ' ଘୋଷଣା

ନୂଆଦିଲ୍ଲୀ,୪ ।୭: ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ତଥା ଆତଙ୍କବାଦୀ ନେଟୱର୍କକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଶନିବାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ଅଧୀନରେ ପାକିସ୍ତାନରୁ ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଉଥିବା ୨୩ ଜଣ ଆତଙ୍କବାଦୀଙ୍କୁ ବ୍ୟକ୍ତିଗତ ଭାବେ 'ଆତଙ୍କବାଦୀ' ଘୋଷଣା କରାଯାଇଛି । ଏଥିରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା (ଏଲଇଟି) ର ପ୍ରତିଷ୍ଠାତା ହାଫିଜ୍ ମହମ୍ମଦ ସୟିଦର ନିକଟତମ ସହଯୋଗୀ ଏବଂ ଜୈଶ-ଇ-ମହମ୍ମଦ (ଜେଇଏମ୍) ର ସଦସ୍ୟମାନେ ସାମିଲ ଅଛନ୍ତି । ଏହି ନୂତନ ତାଲିକା ପ୍ରକାଶ ପାଇବା ପରେ ୟୁଏପିଏ ଆଇନର ଚତୁର୍ଥ ଅନୁସୂଚୀ ଅନୁଯାୟୀ ଭାରତ ଦ୍ୱାରା ଚିହ୍ନଟ ହୋଇଥିବା ମୋଟ ଆତଙ୍କବାଦୀଙ୍କ ସଂଖ୍ୟା ୮୦ରେ ପହଞ୍ଚିଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତଙ୍କବାଦ ବିରୋଧୀ ଶୂନ୍ୟ ସହନଶୀଳତାର ଦୂରଦୃଷ୍ଟିକୁ ଆଧାର କରି ଗୃହ ମନ୍ତ୍ରଣାଳୟ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଚିହ୍ନଟ ହୋଇଥିବା ୨୩ ଜଣଙ୍କ ମଧ୍ୟରୁ ୧୭ ଜଣ ପାକିସ୍ତାନୀ ନାଗରିକ ହୋଇଥିବା ବେଳେ ୬ ଜଣ ଭାରତୀୟ ନାଗରିକ ଅଛନ୍ତି । ବର୍ତ୍ତମାନ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜାମ୍ମୁ-କାଶ୍ମୀର (ପିଓକେ) ରେ ରହି ସେମାନେ ଭାରତ ବିରୋଧରେ ଷଡ଼ଯନ୍ତ୍ର କରୁଥିବା କୁହାଯାଇଛି ।

# ୫ ଜିଲ୍ଲାକୁ ପ୍ରବଳ ବର୍ଷା, ରେଡ୍ ଆଲର୍ଟ

✶ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାକୁ ବିପଦ ✶ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ✶ ୧୧୫.୮ ପ୍ରତିଶତ ଅଧିକ ରହିଛି ବର୍ଷା

ଭୁବନେଶ୍ୱର,୪ ।୭: ଓଡ଼ିଶା, ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଲଘୁଚାପ ଏବେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ରହିଛି । ଏହା ପ୍ରଭାବରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ।୫ ତାରିଖରେ ଆଭ୍ୟନ୍ତରୀଣ ୫ଟି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାକୁ ଥିବାରୁ ରେଡ୍ ଆଲର୍ଟ ଜାରି କରାଯାଇଛି । ପ୍ରବଳ ବର୍ଷା ଯୋଗୁଁ ପାହାଡ଼ିଆ ଅଞ୍ଚଳରେ ପଥର ଧସିବା, ସହରାଞ୍ଚଳରେ ଜଳବନ୍ଦ ଓ ଟ୍ରାଫିକ୍ ସମସ୍ୟା ଉପୁଜିପାରେ । ପ୍ରବଳ ବର୍ଷା ଯୋଗୁଁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇପାରେ । ମାଟି ଘର ସହ ଚାଷ ପ୍ରଭାବିତ ଓ ନଦୀର ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ପ୍ରକାଶ ପାଇଛି । ତାହାକୁ ନଜରରେ ରଖି ଏସଆରସିଙ୍କ ପକ୍ଷରୁ ସମସ୍ତ ଜିଲ୍ଲାକୁ ସତର୍କ କରାଯିବା ସହ ମୁକାବିଲା ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ ହୋଇଛି । ଏଥିସହ ପାରାଦୀପ ଓ ଧାମରା ବନ୍ଦରରେ ୩ ନମ୍ବର ସଙ୍କେତ ଜାରି କରାଯାଇଛି । ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଛି । ଗତ ୨୪ ଘଣ୍ଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି । ଭାରତୀୟ ପାଣିପାଗ ବିଭାଗ ର ସୂଚନା ଅନୁଯାୟୀ, ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି । ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି ।



### ପୁରୀ ରଥଯାତ୍ରା ପାଇଁ ପଦ୍ମବିଜେତାଙ୍କୁ ନିମନ୍ତ୍ରଣ

## ସମ୍ମାନର ସହିତ ନିମନ୍ତ୍ରଣ କରୁଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୪ ।୭: ଆଗାମୀ ପୁରୀ ରଥଯାତ୍ରା ୨୦୨୬ ରେ ଯୋଗଦେବା ପାଇଁ ରାଜ୍ୟର ସମସ୍ତ ପଦ୍ମ ପୁରସ୍କାରପ୍ରାପ୍ତ ବିଶିଷ୍ଟବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିମନ୍ତ୍ରଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସିଧାସଳଖ ଜାରି କରାଯାଇଥିବା ନିମନ୍ତ୍ରଣରେ କୁହାଯାଇଛି ଯେ 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ, ମୁଁ ଆଶା କରୁଛି ଯେ ଆପଣମାନେ ସୁସ୍ଥ ଏବଂ ସୁସ୍ଥ ଅଛନ୍ତି । ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନଙ୍କର ଦେଶ ଏବଂ ସମାଜ ପ୍ରତି ଅମୂଲ୍ୟ ଅବଦାନ ପ୍ରତି ରାଜ୍ୟ ଅପାର ଗର୍ବ ପ୍ରକାଶ କରେ । ମୁଁ ଆପଣମାନଙ୍କୁ ରଥଯାତ୍ରାରେ ଯୋଗଦେବା ପାଇଁ ସମ୍ମାନର ସହିତ ନିମନ୍ତ୍ରଣ କରୁଛି । ଆପଣଙ୍କ ପରି ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଆମ ସମସ୍ତଙ୍କ ପାଇଁ ଆନନ୍ଦ ଏବଂ ଗର୍ବର ବିଷୟ ହେବ ।' ସେ ପୁରସ୍କାରପ୍ରାପ୍ତ ମାନଙ୍କୁ ଏହି ପବିତ୍ର ଅବସରରେ ଏକାଠି ହୋଇ ଓଡ଼ିଶାର ସମୃଦ୍ଧି ଏବଂ ଏହାର ଲୋକଙ୍କ କଲ୍ୟାଣ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବାକୁ ଏବଂ ଦିବ୍ୟ ଆଶୀର୍ବାଦ ପାଇବାକୁ ଅନୁରୋଧ କରିଥିଲେ । ଚଳିତ ବର୍ଷର ପୁରୀ ରଥଯାତ୍ରା ୧୬ ଜୁଲାଇରେ ଆରମ୍ଭ ହେବାକୁ ଯାଉଛି ।

## ଜୁଲାଇ ୨୦ରୁ ସଂସଦର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ,୪ ।୭: ଚଳିତବର୍ଷ ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୦ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବ । ଭାରତ ସରକାରଙ୍କ ସୁପାରିସକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ କରିବା ପରେ ସଂସଦର ଉଭୟ ଗୃହକୁ ଡକାଯାଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶନିବାର ସୂଚନା ଦେଇଛନ୍ତି । କିରେନ ରିଜିଜୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ'ରେ କରିଥିବା ପୋଷ୍ଟରେ କହିଛନ୍ତି, 'ଭାରତ ସରକାରଙ୍କ ସୁପାରିସ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨୦୨୬ ମୌସୁମୀ ଅଧିବେଶନ ପାଇଁ ସଂସଦର ଉଭୟ ଗୃହକୁ ଡକାଇବାକୁ ଅନୁମୋଦନ କରିଛନ୍ତି ।' ଏହି ଅଧିବେଶନ ସମୟରେ କେନ୍ଦ୍ର ସରକାର ବିଭିନ୍ନ ବିଧେୟକ ଉପସ୍ଥାପନ କରିବା ସହ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପ୍ରସଙ୍ଗରେ ଆଲୋଚନା କରିବାର ସମ୍ଭାବନା ରହିଛି । ସେହିପରି ବିରୋଧୀ ଦଳଗୁଡ଼ିକ ମଧ୍ୟ ବିଭିନ୍ନ ଜନସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଉଠାଇପାରନ୍ତି ।

### ବଦ୍ରିନାଥ ଧାମରେ ଦାନ ହେରଫେର ଅଭିଯୋଗ

# ତଦନ୍ତ ପାଇଁ ସ୍ୱତନ୍ତ୍ର ପ୍ୟାନେଲ

### କର୍ମଚାରୀଙ୍କୁ ଜାରି ହେଲା କାରଣ ଦର୍ଶାଅ ନୋଟିସ

ବଦ୍ରିନାଥ,୪ ।୭: ଅଯୋଧ୍ୟା ରାମ ମନ୍ଦିରରେ ଚାନ୍ଦା ଚୋରି ଅଭିଯୋଗକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ, ଏବେ ଶ୍ରୀବଦ୍ରିନାଥ-କେଦାରନାଥ ଧାମରୁ ମଧ୍ୟ ଦାନ ହେରଫେର ଅଭିଯୋଗ ସାମ୍ନାକୁ ଆସିଛି । ସୋଶାଲ ମିଡିଆରେ ଏହାକୁ ନେଇ ଲଗାତାର ଅଭିଯୋଗ ପ୍ରକାଶ ପାଇବା ପରେ ଶ୍ରୀବଦ୍ରିନାଥ-କେଦାରନାଥ ମନ୍ଦିର କମିଟି (ବିକେଟିସି) ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି ।ବିକେଟିସି ଅଧ୍ୟକ୍ଷ ହେମନ୍ତ ଦ୍ୱିବେଦୀ କହିଛନ୍ତି ଯେ, ଘଟଣାର ନିରପେକ୍ଷ ଓ ତଥ୍ୟଭିତ୍ତିକ ତଦନ୍ତ ପାଇଁ ସ୍ୱତନ୍ତ୍ର ପ୍ୟାନେଲ ଗଠନ କରାଯାଇଛି । ଦାନ ଗଣତିରେ ସମ୍ପୃକ୍ତ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ତଦନ୍ତରେ କେହି ଦୋଷୀ ସାବ୍ୟସ୍ତ ହେଲେ ତାଙ୍କ ବିରୋଧରେ କଠୋର ଆଇନଗତ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।ଏହି ମାମଲା ସେତେବେଳେ ସାମ୍ନାକୁ ଆସିଥିଲା, ଯେତେବେଳେ ହିନ୍ଦୁ ସଂଗଠନ ଭୈରବ ସେନାର ପ୍ରତିଷ୍ଠାତା ସଭାପତି ସନ୍ଦୀପ ଖତ୍ରୀ ବିକେଟିସିର ସିଇଓ ସୋହନ ସିଂହ ରାଙ୍ଗଡ଼ଙ୍କୁ ଏକ ଅଭିଯୋଗପତ୍ର ପଠାଇଥିଲେ । ଚିଠିରେ ଜୁଲାଇ ୨ ତାରିଖ ଦାନ ଗଣତି ସମୟରେ ଟଙ୍କା ଚୋରି ହୋଇଥିବା ଓ ସେହି ଘଟଣା ସିସିଟିଭିରେ ରେକର୍ଡ ହୋଇଥିବା ଦାବି କରାଯାଇଛି । ଅଭିଯୋଗ ଆଧାରରେ ତୁରନ୍ତ ଏଫଆଇଆର ରୁଜୁ କରି ନିରପେକ୍ଷ ତଦନ୍ତ ଦାବି ମଧ୍ୟ କରାଯାଇଛି ।ତେବେ ବିକେଟିସିର ସିଇଓ ସୋହନ ସିଂହ ରାଙ୍ଗଡ଼ କହିଛନ୍ତି, ଅଭିଯୋଗ ପରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲେ ମଧ୍ୟ ଉପଲବ୍ଧ ଫୁଟେଜରେ ଚୋରି ସମ୍ପର୍କରେ ସ୍ପଷ୍ଟ ପ୍ରମାଣ ମିଳିନାହିଁ । ସେ କହିଛନ୍ତି, ସମ୍ପୃକ୍ତ କର୍ମଚାରୀଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି ଏବଂ ଆଭ୍ୟନ୍ତରୀଣ ତଦନ୍ତ କମିଟି ଗଠନ ପାଇଁ ପ୍ରସ୍ତାବ ରଖାଯାଇଛି ।ଅନ୍ୟପକ୍ଷରେ, ସୋଶାଲ ମିଡିଆରେ ଜଣେ କର୍ମଚାରୀଙ୍କୁ ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ବୋଲି ଦର୍ଶାଇ ଅଭିଯୋଗ କରାଯାଉଥିବା ବେଳେ, ଏହାକୁ ହେମନ୍ତ ଦ୍ୱିବେଦୀ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ତାଙ୍କର କୌଣସି ବ୍ୟକ୍ତିଗତ ସଚିବ ନାହାନ୍ତି ଏବଂ ଯାହାଙ୍କ ନାମ ଉଠୁଛି ସେ ମନ୍ଦିର କମିଟିର ଜଣେ ନିୟମିତ କର୍ମଚାରୀ ।



## ପେନିସିଲିନ୍ ଇଞ୍ଜେକ୍ସନ ହେବନାହିଁ ଆଉ ଯନ୍ତ୍ରଣାଦାୟକ

### ଆରଏମ୍‌ଏଲରେ ଲିଡୋକେନ୍ ଉପରେ ଚାଲିଛି ଗବେଷଣା

ନୂଆଦିଲ୍ଲୀ, ୪ ।୭:ରୁମେଟିକ୍ ହୃଦ୍‌ରୋଗ ପୀଡିତ ପିଲାମାନଙ୍କ ପାଇଁ ଏକ ଭଲ ଖବର ଅଛି । ଦିଲ୍ଲୀର ଆରଏମଏଲ ହସ୍ପିଟାଲରେ ଚାଲିଥିବା ଗବେଷଣା ଯନ୍ତ୍ରଣାଦାୟକ ପେନିସିଲିନ୍ ଇଞ୍ଜେକ୍ସନକୁ କମ୍ ଯନ୍ତ୍ରଣାଦାୟକ କରିବାର ଆଶା ସୃଷ୍ଟି କରିଛି । ଯଦି ସଫଳ ହୁଏ, ତେବେ ଏହି ପ୍ରୟାସ ପିଲାମାନଙ୍କ ପାଇଁ ଦୀର୍ଘ ସମୟ ପାଇଁ ଚିକିତ୍ସା ଜାରି ରଖିବା ସହଜ କରିପାରିବ । ଆରଏମଏଲ ହସ୍ପିଟାଲର ଶିଶୁ ରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ଦିନେଶ କୁମାର ଯାଦବ ବ୍ୟାଖ୍ୟା କରିଛନ୍ତି ଯେ ହୃଦ୍‌ରୋଗ ପୀଡିତ ପିଲାମାନଙ୍କୁ ସେମାନଙ୍କ ହୃତ୍‌ପିଣ୍ଡକୁ ସୁରକ୍ଷା ଦେବା ପାଇଁ ପ୍ରତି ୩-୪ ସପ୍ତାହରେ ବେଞ୍ଜାଥିନ୍ ପେନିସିଲିନ୍-ଏ ଇଞ୍ଜେକ୍ସନ କିଛି ବର୍ଷ ପର୍ଯ୍ୟନ୍ତ ନେବା ଆବଶ୍ୟକ । ଏହି ଇଞ୍ଜେକ୍ସନ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଯନ୍ତ୍ରଣାର ଭୟ ଅନେକ ପିଲା ହସ୍ପିଟାଲକୁ ଆସିବାକୁ ଏଡ଼ାଇଥାଏ ଏବଂ କିଛି ପରିବାର ଚିକିତ୍ସା ମଧ୍ୟ ଛାଡ଼ି ଦିଅନ୍ତି । ଏହି ସମସ୍ୟାର ସମାଧାନ ପାଇଁ, ହସ୍ପିଟାଲରେ ଚାଲିଥିବା ଗବେଷଣା ବିପିଜି ଇଞ୍ଜେକ୍ସନ ସହିତ ଲିଡୋକେନ୍ ମିଶ୍ରଣ କରୁଛି । ପ୍ରାରମ୍ଭିକ ଫଳାଫଳ ଉତ୍ସାହଜନକ ହୋଇଛି ଏବଂ ପିଲାମାନଙ୍କ ମଧ୍ୟରେ ଇଞ୍ଜେକ୍ସନରୁ ଯନ୍ତ୍ରଣାରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ରିପୋର୍ଟ କରାଯାଇଛି ।

# ଥାନା ଆଇଆଇସିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



- କେହି ଦାୟୀ ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ: ଆଇନ ମନ୍ତ୍ରୀ
- ମୃତ୍ୟୁ ପଛରେ ବ୍ୟକ୍ତିଗତ କାରଣ ଥାଇପାରେ: ସିପି
- ବିଭିନ୍ନ ମହଲରେ ଶୋକର ଛାୟା

କଟକ/ଭୁବନେଶ୍ୱର,୪ ।୭(ନିପ୍ର): କଟକ ଚାଉଳିଆଗଞ୍ଜ ଥାନା ଆଇଆଇସି ୩୮ ବର୍ଷୀୟା ବିଯୁଟି ମହାନ୍ତିଙ୍କ ଝୁଲନ୍ତା ମୃତଦେହ ଶନିବାର ଉଦ୍ଧାର ହୋଇଛି । ଥାନା ଉପର ମହଲାରେ ଥିବା ରେଷ୍ଟରୁମରୁ ତାଙ୍କର ମୃତଦେହ ମିଳିଛି । ମିଳିଥିବା ସୂଚନା ମୁତାବକ ଶ୍ରୀମତୀ ମହାନ୍ତି ଶୁକ୍ରବାର ରାତିରେ ଡ୍ୟୁଟି ସାରି ଥାନା ଉପର ମହଲାରେ ଥିବା ତାଙ୍କ ବିଶ୍ରାମ କକ୍ଷକୁ ଯାଇଥିଲେ । ଶନିବାର ସକାଳୁ ସେ ନ ଆସିବାରୁ ଥାନାର ଅନ୍ୟ କର୍ମଚାରୀ ତାଙ୍କୁ ଫୋନ କରିଥିଲେ । ବାରମ୍ବାର ଫୋନ ରିଂ ହୋଇ କଟିଥିଲା । ଏହାପରେ ଅନ୍ୟ କର୍ମଚାରୀ ଯାଇ କବାଟ ବାଡେଇବା ପରେ ମଧ୍ୟ କବାଟ ଖୋଲି ନଥିଲେ । ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ କବାଟ ଭଂଗାଯାଇଥିଲା ଓ ଝୁଲନ୍ତା ଅବସ୍ଥାରେ ତାଙ୍କ ଶରୀରକୁ ଦେଖି ତୁରନ୍ତ ତାଙ୍କୁ ଏସସିବିକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁର କାରଣ କ'ଣ ଜଣାପଡ଼ିନାହିଁ । ଗତକାଲି ସେ ସ୍ୱାଭାବିକ ଥିଲେ । ମୃତ୍ୟୁ କେମିତି ହେଲା ତାକୁ ନେଇ ଆରମ୍ଭ ହୋଇଛି ଅନୁସନ୍ଧାନ । ଘଟଣା ସ୍ଥଳକୁ ନିଜେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂହଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଏସସିବିରେ ପହଂଚି ଥିଲେ । ସିପି କହିଛନ୍ତି ତାଙ୍କ ମୃତ୍ୟୁ ପଛରେ ବ୍ୟକ୍ତିଗତ କାରଣ ଥାଇପାରେ । ବିନା କୌଣସି କାରଣରେ କେହି ଜୀବନ ହାରେ ନାହିଁ । ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ । ତାଙ୍କର ଶେଷ କଲ୍‌କୁ ନେଇ ତଦନ୍ତ କରାଯାଉଛି । ଶେଷ ଥର ପାଇଁ ସେ କାହା ସହ କଥାବର୍ତ୍ତା ହୋଇଥିଲେ ତାକୁ ଆଧାର କରି ତଦନ୍ତ ଆରମ୍ଭ ହୋଇଛି । ଶାରୀରିକ ଓ ମାନସିକ ଭାବେ ସେ ବହୁତ ମଜଭୁତ ଥିଲେ ବୋଲି ସିପି କହିଛନ୍ତି । ବିଯୁଟି ମହାନ୍ତିଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକଙ୍କୁ ପୋଲିସ ଅବଗତ କରିଥିଲା । ଖବର ପାଇ ତାଙ୍କ ୨ ଭଉଣୀ, ଭିଣୋଇ, ଭାଇ ଓ ପିତାମାତା ଏସସିବିରେ ପହଞ୍ଚିଥିଲେ । ତାଙ୍କ ସ୍ୱାମୀ ବମ୍ବେରେ ରହୁଥିବାରୁ ତାଙ୍କୁ ମଧ୍ୟ ଖବର ଦିଆଯାଇଥିଲା । ମୃତ ଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ପୂର୍ବରୁ ବିଯୁଟି ମହାନ୍ତି ମର୍କତ ନଗର, ମହିଳା ଥାନା, ଭୁବନେଶ୍ୱର ଏବଂ ପାହାଳ ଥାନା ଆଇଆଇସି ଭାବେ କାର୍ଯ୍ୟ କରିଥିଲେ । ନିକଟରେ ତାଙ୍କୁ ଚାଉଳିଆଗଞ୍ଜ ଥାନାକୁ ଟ୍ରାନ୍ସଫର କରାଯାଇଥିଲା । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଂଚଳ ଏବଂ ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି । ଆଇଆଇସିଙ୍କ ମୃତ୍ୟୁ ପାଇଁ କେହି ଦାୟୀ ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।



# ସୁସ୍ଥ ହେବେ ମହାପ୍ରଭୁ

## ଲାଗି ହେଉଛନ୍ତି ଫୁଲୁରି ତେଲ



**ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗି ହେବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି । ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ଓଡ଼ିଆ ମଠ ଏହା ଯୋଗାଇ ଥାଆନ୍ତି । ବଡ଼ଓଡ଼ିଆ ମଠ ଏହି ତେଲକୁ ପ୍ରସ୍ତୁତ କରିଥିବାବେଳେ ପ୍ରଥମେ ଶୋଭାଯାତ୍ରା ସହକାରେ ଶ୍ରୀମନ୍ଦିରକୁ ଫୁଲୁରି ତେଲକୁ ବିଜେ କରା ଯାଇଥାଏ । ବୈଦ୍ୟଙ୍କ ପରାମର୍ଶକ୍ରମେ ଅଣସର ପିଣ୍ଡିରେ ଶ୍ରୀଜିଉଙ୍କୁ ଏହି ଫୁଲୁରି ତେଲର ଚିକିତ୍ସା ସେବା ଯୋଗାଇ ଦିଆଯାଏ ।**



ଅଣସରରେ ତିନି ଠାକୁର। ୧୦୮ ଗରା ପାଣିରେ ଗାଧୋଇ ପଡି ଜ୍ୱରରେ ଆକ୍ରାନ୍ତ। ଏହି ଜ୍ୱରର ଉପଚାର ପାଇଁ ଆବଶ୍ୟକ ହୋଇଥାଏ 'ଫୁଲୁରି ତେଲ' ଓ 'ଦଶମୂଳ ମୋଦକ' । ଏହି ଫୁଲୁରି ତେଲ ଶ୍ରୀ ବିଗ୍ରହଙ୍କ ପାଦରେ ଘସାଯିବ । ଏହାଦ୍ୱାରା ମହାପ୍ରଭୁଙ୍କୁ ଜ୍ୱର ଛାଡି ଯାଏ ବୋଲି କୁହାଯାଏ । ଆଷାଢ଼ କୃଷ୍ଣ ପଞ୍ଚମୀ ବା 'ଅଣସର ପଞ୍ଚମୀ' ଦିନରୁ ଆଷାଢ଼ କୃଷ୍ଣ ସପ୍ତମୀ ମଧ୍ୟରେ ଏହି ନୀତି ହୋଇଥାଏ । ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗି ହେବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି । ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ବଡ଼ଓଡ଼ିଆ ମଠ ଏହା ଯୋଗାଇ ଥାଆନ୍ତି । ବଡ଼ଓଡ଼ିଆ ମଠ ଏହି ତେଲକୁ ପ୍ରସ୍ତୁତ କରିଥିବାବେଳେ ପ୍ରଥମେ ଶୋଭାଯାତ୍ରା ସହକାରେ ଶ୍ରୀମନ୍ଦିରକୁ ଫୁଲୁରି ତେଲକୁ ବିଜେ କରା ଯାଇଥାଏ । ବୈଦ୍ୟଙ୍କ ପରାମର୍ଶକ୍ରମେ ଅଣସର ପିଣ୍ଡିରେ ଶ୍ରୀଜିଉଙ୍କୁ ଏହି ଫୁଲୁରି ତେଲର ଚିକିତ୍ସା ସେବା ଯୋଗାଇ ଝିଅଯାଏ । ପରମ୍ପରା କ୍ରମେ ଅସୁସ୍ଥ ଶ୍ରୀଜିଉ ମାନେ ଏବେ ସୁସ୍ଥ ହେଉଛନ୍ତି। ଶୟନ ଅବସ୍ଥାରୁ ବିଗ୍ରହମାନଙ୍କୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଏଣେ ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡାଇବାକୁ କରାଯିବ ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହେବେ ଫୁଲୁରି ତେଲ। ବଡ଼ଓଡ଼ିଆ ମଠ ପ୍ରତିବର୍ଷ ଅଣସରରେ ୬ ସେର ଫୁଲୁରି ତେଲ ଯୋଗାଯାଇଥାଏ । କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରି ତେଲ ଦିଆ ଯାଇଥାଏ । ଆଷାଢ଼ କୃଷ୍ଣ ପଞ୍ଚମୀରୁ ସପ୍ତମୀ ଫୁଲୁରି ତେଲକୁ ଲାଗି କରାଯାଇଥାଏ । ସ୍ୱତନ୍ତ୍ର ପ୍ରଣାଳୀରେ ପ୍ରସ୍ତୁତ ହୋଇଥାଏ । ବର୍ଷେ ପୂର୍ବରୁ ହେରାପଞ୍ଚମୀ ତିଥିରେ ତିନୋଟି ତିନି ସେରିଆ ମାଟି ଘଡ଼ିର ଆବଶ୍ୟକତା ରହିଥାଏ । ତିନି ଘଡ଼ିରେ ଘଣା ପେଡ଼ା ରାଶି ତେଲ ସହିତ କୃଷ୍ଣଭୋଗ ଧାନ, ବେଣା ଚେର, ଚନ୍ଦନ କାଠ, କେତକୀ, ଚମ୍ପା, ବଉଳ, ମାଳତୀ, ମଲ୍ଲୀ, ଜୁଇ, ଜାଇ ଆଦି ଫୁଲର ମିଶ୍ରଣ, ଶାଳ ପର୍ଣ୍ଣ, ଗମ୍ଭାରୀ, ଲବାଙ୍ଗ କୁଳି, ଫଣଫଣା, କୃଷ୍ଣ ପର୍ଣ୍ଣ, ବେଲ, ଖଣି ବଥୁ, ପଟଳି, ଖୁଆ, ଅଙ୍କରାନ୍ତି, ଗୋଖରା, ଲମ୍ବାଗୋଡି, ଦେଶୀ ଘିଅ, ମହୁ, ନବାତ, ଖୁଆସର ଅଦିକୁ ମିଶାଇ ଏକ ବର୍ଷ ପର୍ଯ୍ୟନ୍ତ ମାଟି ତଳେ ପୋତା ହୋଇ ରଖାଯାଇଥାଏ , ଯାହାକୁ ଫୁଲରି ତେଲ ବୋଲି କୁହାଯାଇଥାଏ। ଏହି ମିଶ୍ରଣକୁ ମାଟିତଳେ ଦୀର୍ଘ ଏକ ବର୍ଷ କାଳ ରଖିବା ପରେ ଦେବସ୍ନାନ ପୂର୍ଣ୍ଣିମା ଦିନ ମାଟିରୁ ବାହାର କରାଯାଇଥାଏ। ଏହି ଅବଧିରେ ଏହି ମିଶ୍ରିତ ତୈଳ ଔଷଧରେ ରୂପାନ୍ତରିତ ହୋଇଥାଏ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏ ସମସ୍ତ ଫୁଲ ଓ ବେଣା ଚେରରେ ରହି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି ଦେବ। ଏଣୁ ମହାପ୍ରଭୁମାନେ ପ୍ରବଳ ସ୍ନାନ ଯୋଗୁଁ ଅସୁସ୍ଥ ହୋଇପଡିଥିବା କଳ୍ପନା କରାଯାଇ ଶ୍ରୀଅଙ୍ଗରେ ଏହି ତୈଳ ମର୍ଦ୍ଦନ କରାଯାଇଥାଏ। ଏହି ଫୁଲୁରି ତେଲ ମାଲିସ ପରେ ଶ୍ରୀଜିଉ ସୁସ୍ଥ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଏହି ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ। ଦେଉଳ କରଣଙ୍କ ନେତୃତ୍ୱରେ ଏହାକୁ ଅଣସର ଗୃହକୁ ଆଣାଯିବା ପରେ ପତି ମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଏହି ତେଲକୁ ଦଇତାପତି ସେବକ ମାନେ ଚତୁର୍ଦ୍ଧା ବିଗ୍ରହଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥାନ୍ତି । ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହି ତେଳ ପ୍ରସ୍ତୁତ ମହୌଷଧି ଲାଗି ହେବା ପରେ ମହାପ୍ରଭୁ ସୁସ୍ଥ ହେବେ ଏବଂ ନବଯୌବନ ପ୍ରାପ୍ତି ହେବେ ।

**- ବିଜୟ ପଟ୍ଟନାୟକ, ପୁରୀ**

# ବ୍ରହ୍ମାଣ୍ଡର ମୌଳିକ ଶବ୍ଦ

ଓ



ମାନବ ସଭ୍ୟତାର ଆରମ୍ଭରୁ ଶବ୍ଦର ଅପାର ମହତ୍ତ୍ୱ ରହିଛି। ଶବ୍ଦ ହେଉଛି ଚିନ୍ତାଧାରାର ପ୍ରକାଶ, ଜ୍ଞାନର ବାହକ ଏବଂ ସମାଜ ସୃଷ୍ଟି ପଛରେ ମୌଳିକ ଶକ୍ତି। ଭାରତୀୟ ଦାର୍ଶନିକ ଚିନ୍ତାଧାରାରେ 'ଶବ୍ଦ ବ୍ରହ୍ମ' ନାମକ ଏକ ଗଭୀର ଧାରଣା ଅଛି। ଏହାର ଅର୍ଥ ହେଉଛି ଶବ୍ଦ ହେଉଛି ପରମ ସତ୍ୟ ଓ ସୃଷ୍ଟିର ମୂଳ କାରଣ। ବେଦ, ଉପନିଷଦ ଏବଂ ପୁରାଣରେ, ଶବ୍ଦକୁ ଦିବ୍ୟ ଶକ୍ତି ଭାବରେ ବର୍ଣ୍ଣନା କରାଯାଇଛି। 'ଓଁ' ଶବ୍ଦକୁ ସମଗ୍ର ବ୍ରହ୍ମାଣ୍ଡର ମୌଳିକ ଶବ୍ଦ ଭାବରେ ବିବେଚନା କରାଯାଏ। ତେଣୁ ଜୀବନ ସଂହିତା ହେଉଛି ମାନବ ଜୀବନ ପାଇଁ ନୀତି, ଆଦର୍ଶ, ମୂଲ୍ୟବୋଧ ଏବଂ ଆଚରଣର ଏକ ସଂଗ୍ରହ। ଏହା ମଣିଷକୁ ସଠିକ୍ ପଥ ଅନୁସରଣ କରିବାକୁ ଶିଖାଏ। ଜୀବନକୁ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସଫଳ କରିବା ପାଇଁ ଜୀବନ ସଂହିତା ଅତ୍ୟାବଶ୍ୟକ। ଶବ୍ଦ ବ୍ରହ୍ମର ଆତ୍ମାକୁ ଜାଗ୍ରତ କରୁଥିବା ବେଳେ ଜୀବନ ସଂହିତା ମଣିଷକୁ ନୈତିକତାର ପଥରେ ମାର୍ଗଦର୍ଶନ କରେ। 'ଶବ୍ଦ' ଅର୍ଥ ଶବ୍ଦ, ଭାଷା ଏବଂ ଅର୍ଥର ପ୍ରକାଶ। 'ବ୍ରହ୍ମ' ଅର୍ଥ ହେଉଛି ପରମ ସତ୍ୟ କିମ୍ବା ସର୍ବଶକ୍ତିମାନ ନୀତି। ତେଣୁ 'ଶବ୍ଦ ବ୍ରହ୍ମ' ଅର୍ଥ ହେଉଛି ସେହି ଶବ୍ଦ ଯେଉଁଠାରୁ ସମସ୍ତ ସୃଷ୍ଟି ଉତ୍ପନ୍ନ ହୋଇଛି। ଭାରତୀୟ ସଂସ୍କୃତିରେ ଶବ୍ଦଗୁଡ଼ିକୁ କେବଳ କୁହାଯାଇ ନାହିଁ ବରଂ ଏକ ଆଧ୍ୟାତ୍ମିକ ଶକ୍ତି ଭାବରେ ବିବେଚନା କରାଯାଏ। ବେଦ କହେ ଯେ ସୃଷ୍ଟି 'ନାଦ' ସହିତ ଆରମ୍ଭ ହୋଇଥିଲା। ଏହି ନାଦ ହେଉଛି ବ୍ରହ୍ମ ଶବ୍ଦ। 'ଓମ୍' ଶବ୍ଦକୁ ଏହି ବ୍ରହ୍ମ ଶବ୍ଦର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ଶବ୍ଦ ଯୋଗ, ଧ୍ୟାନ ଏବଂ ତପସ୍ୟାରେ ବିଶେଷ ଗୁରୁତ୍ୱ ରଖେ। ଏହା ମନକୁ ଶାନ୍ତ କରେ ଏବଂ ଆତ୍ମାକୁ ପରମ ପୁରୁଷଙ୍କ ସହିତ ସଂଯୋଗ କରେ।

ବେଦ ଶବ୍ଦର ଏକ ଅଦ୍ଭୁତ ସଂଗ୍ରହ। ଧ୍ୟାନ ଏବଂ ତପସ୍ୟା ମାଧ୍ୟମରେ ଋଷିମାନେ ଯେଉଁ ଦିବ୍ୟ ଶବ୍ଦ ଅନୁଭବ କରନ୍ତି ତାହା ପରବର୍ତ୍ତୀ ସମୟରେ ବୈଦିକ ମନ୍ତ୍ର ଭାବରେ ଉଭା ହୋଇଥିଲା। ବେଦ କହେ ଯେ ଶବ୍ଦ ଅନନ୍ତ ଏବଂ ଅବିନାଶୀ। ଉପନିଷଦ 'ନାଦ ବ୍ରହ୍ମ'ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରେ। ନାଦ ଅର୍ଥ ଶବ୍ଦ, ଯାହା ସମଗ୍ର ବ୍ରହ୍ମାଣ୍ଡରେ ବ୍ୟାପି ରହିଛି। ଯେତେବେଳେ ଜଣେ ବ୍ୟକ୍ତି ଧ୍ୟାନ କରେ, ସେ ଏହି ଅନ୍ତର୍ନିହିତ ଶବ୍ଦକୁ ଅନୁଭବ କରିପାରିବ। ଏହି ଶବ୍ଦ ପରମ ସତ୍ୟକୁ ପ୍ରବେଶ ପ୍ରଦାନ କରେ। ଭାରତୀୟ ସଂସ୍କୃତିରେ ଶବ୍ଦକୁ ଏକ ଦିବ୍ୟ ଶକ୍ତି ଭାବରେ ବିବେଚନା କରାଯାଏ। ମନ୍ତ୍ର, ସ୍ତୁତି, ଏବଂ ସ୍ତୋତ୍ର ମାଧ୍ୟମରେ ବ୍ୟକ୍ତି ଆଧ୍ୟାତ୍ମିକ ଶକ୍ତି ଲାଭ କରେ। ଗାୟତ୍ରୀ ମନ୍ତ୍ର ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ମନ୍ତ୍ରର ଶବ୍ଦ ମନକୁ ଶୁଦ୍ଧ କରେ। ପ୍ରାଚୀନ କାଳରେ ଗୁରୁମାନେ ସେମାନଙ୍କ ଶିଷ୍ୟମାନଙ୍କୁ ଶବ୍ଦ ମାଧ୍ୟମରେ ଜ୍ଞାନ ପ୍ରଦାନ କରୁଥିଲେ। ଏହା ପ୍ରମାଣିତ କରେ ଯେ ଶବ୍ଦ ହେଉଛି ଜ୍ଞାନର ମୂଳଦୁଆ। ଧର୍ମ, ସଂସ୍କୃତି ଏବଂ ପରମ୍ପରା ପିଢ଼ି ପରେ ପିଢ଼ି ଶବ୍ଦ ମାଧ୍ୟମରେ ଚାଲିଆସିଛି। ଶବ୍ଦରେ ଅପାର ଶକ୍ତି ଅଛି। ଏକ ମଧୁର ଶବ୍ଦ କାହାର ହୃଦୟ ଜିତିପାରେ ଏବଂ ଏକ କଠୋର ଶବ୍ଦ ସମ୍ପର୍କକୁ ଭାଙ୍ଗିପାରେ। ଶବ୍ଦ ଜଣେ ବ୍ୟକ୍ତିଙ୍କୁ ପ୍ରେରଣା ଦେଇପାରେ କିମ୍ବା ହତାଶା ଆଡ଼କୁ ନେଇଯାଇପାରେ। ସ୍ୱାମୀ ବିବେକାନନ୍ଦ ଏବଂ ଅନ୍ୟାନ୍ୟ ମହାନ ବ୍ୟକ୍ତିମାନେ ସେମାନଙ୍କ ଶବ୍ଦର ଶକ୍ତିରେ ସମାଜକୁ ପରିବର୍ତ୍ତନ କରିଥିଲେ। ସେମାନଙ୍କର ଭାଷଣ ଏବଂ ଶିକ୍ଷା ଲକ୍ଷଲକ୍ଷ ଲୋକଙ୍କୁ ନୂତନ ଜୀବନ ଦେଇଥିଲା। ସଙ୍ଗୀତକୁ ମଧ୍ୟ ନାଦ ବ୍ରହ୍ମ କୁହାଯାଏ। ସଙ୍ଗୀତର ଶବ୍ଦ ମନ ଏବଂ ଆତ୍ମାକୁ ପ୍ରଭାବିତ କରେ। ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ରାଗ ଏବଂ ତାଳର ବିଶେଷ ଗୁରୁତ୍ୱ ଅଛି। ସଙ୍ଗୀତ ମନକୁ ଶାନ୍ତ କରେ, ଦୁଃଖ ଦୂର କରେ ଏବଂ ଆତ୍ମାକୁ ଈଶ୍ୱରଙ୍କ ସହିତ ଯୋଡେ। ମୀରାବାଇ ଏବଂ ଜୟଦେବଙ୍କ ପରି ସନ୍ଥମାନେ ସଙ୍ଗୀତ ମାଧ୍ୟମରେ ଭକ୍ତିକୁ ପ୍ରୋତ୍ସାହିତ କରିଥିଲେ।



**- ଡ. ଅମୂଲ୍ୟ କୁମାର ପଣ୍ଡା**
ମୋ - ୮୨୪୯୫୦୨୭୭୬



## ମହେଶ୍ୱରଙ୍କ ପୂଜା ଏବଂ ଉପବାସ

# ପୂରଣ ହୁଏ ମନବାଞ୍ଛା



ମହେଶ୍ୱରଙ୍କ ପୂଜା ଏବଂ ଉପବାସ କରିବା ଦ୍ୱାରା ମନବାଞ୍ଛା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଅବିବାହିତା ଯୁବତୀ ଭଲ ସ୍ୱାମୀ ପାଇବା ପାଇଁ ଏହି ବ୍ରତ ପାଳନ କରନ୍ତି । ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ ଏବଂ ପାରିବାରିକ ସୁଖ ପାଇଁ ବ୍ରତ ପାଳନ କରନ୍ତି । ଉପବାସ, ସ୍ୱାସ୍ଥ୍ୟ, ଧନ ଏବଂ ସମୃଦ୍ଧି ପାଇଁ ଅତ୍ୟନ୍ତ ଲାଭଦାୟକ । ଚନ୍ଦ୍ରଙ୍କ ଅଶୁଭ ପ୍ରଭାବରୁ ମୁକ୍ତି ପାଇଁ ମଧ୍ୟ ଏହି ବ୍ରତକୁ ଉତ୍କୃଷ୍ଟ ବୋଲି କୁହାଯାଏ । ସ୍ନାନ କରି ସଫା ପୋଷାକ ପିନ୍ଧନ୍ତୁ । ଘରେ କିମ୍ବା ମନ୍ଦିରରେ ଗଙ୍ଗା ଜଳରେ ଶିବଲିଙ୍ଗକୁ ସ୍ଥାପନ କରାନ୍ତୁ । କ୍ଷୀର, ଦହି, ଘିଅ, ମହୁ ଏବଂ ଗୁଡ଼ ବ୍ୟବହାର କରି ପଞ୍ଚାମୃତ ଅଭିଷେକ କରନ୍ତୁ । ଶିବଲିଙ୍ଗକୁ ବେଲପତ୍ର, ଧଳା ଫୁଲ, ଦୁଦୁରା ଏବଂ ଅଖଣ୍ଡ ଚାଉଳ ଦାନା ଅର୍ପଣ କରନ୍ତୁ । ଦୀପ ଏବଂ ଧୂପ ଜାଳି ଶିବ ଚାଳିଶା କିମ୍ବା ରୁଦ୍ରାଷ୍ଟକମ୍ ପାଠ କରନ୍ତୁ । ଶିବ ଆରତୀ ଗାନ କରି ପୂଜା ସମାପ୍ତ କରନ୍ତୁ । ଶେଷରେ ଚନ୍ଦ୍ରଙ୍କୁ ଜଳ ଅର୍ପଣ କରନ୍ତୁ ଏବଂ 'ଓଁ ଚନ୍ଦ୍ରାୟ ନମଃ' ମନ୍ତ୍ର ଜପ କରନ୍ତୁ । ସମସ୍ତ ବାଧାରୁ ମୁକ୍ତି ପାଇଁ ସୋମବାରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତୁ । ସମସ୍ତ ଇଚ୍ଛା ପୂରଣ ପାଇଁ ପଞ୍ଚାକ୍ଷରୀ ମନ୍ତ୍ର ଜପ କରନ୍ତୁ । ଯଦି ବିବାହରେ ବାଧା ସୃଷ୍ଟି ହେଉଛି ତେବେ ସୋମବାର ସକାଳେ ଶୀଘ୍ର ଉଠି ସ୍ନାନ କରନ୍ତୁ ଏବଂ ନିୟମିତ ଭାବରେ ଭଗବାନ ଶିବଙ୍କୁ ପୂଜା କରନ୍ତୁ । ଭୋଳାନାଥଙ୍କ ଅଭିଷେକ କରନ୍ତୁ । ଏଭଳି କରିବା ଦ୍ୱାରା ଜୀବନରୁ ସମସ୍ତ ବିବାହ ସମ୍ବନ୍ଧୀୟ ସମସ୍ୟା ଶୀଘ୍ର ଦୂର ହୁଏ ବୋଲି ମାନ୍ୟତା ରହିଛି । ପୂଜାରେ ବେଲପତ୍ର, ଚନ୍ଦନ, ଦୁଦୁରାର ବ୍ୟବହାର କରନ୍ତୁ । ଯେକୌଣସି ଇଚ୍ଛା ପୂରଣ କରିବା ପାଇଁ ସୋମବାର ଦିନ ସ୍ନାନ ଇତ୍ୟାଦି ପରେ ୧୦୮ ଥର ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରନ୍ତୁ । କ୍ୟାରିୟର ଏବଂ ଚାକିରିରେ ଉନ୍ନତି ପାଇଁ, ଶିବଲିଙ୍ଗରେ ଗଙ୍ଗା ଜଳ ଅର୍ପଣ କରନ୍ତୁ ଏବଂ 'ଓଁ ନମଃ ଶିବାୟ' ଜପ କରନ୍ତୁ । ଚନ୍ଦ୍ରଦୋଷ ଦୂର କରିବା ପାଇଁ ରାତିରେ ଚନ୍ଦ୍ରଙ୍କୁ କ୍ଷୀର ଅର୍ପଣ କରନ୍ତୁ । ଧଳା ବସ୍ତ୍ର ଦାନ କରିବା ଦ୍ୱାରା ଶିବ ଏବଂ ଚନ୍ଦ୍ର ପ୍ରସନ୍ନ ହୁଅନ୍ତି । ଶିବଲିଙ୍ଗରେ କ୍ଷୀର କିମ୍ବା ଦହି ଅର୍ପଣ କରିବା ପରେ ଗରିବ ଲୋକଙ୍କୁ ଦାନ କରନ୍ତୁ । ମହାଦେବଙ୍କୁ ଅର୍ପଣ ହୋଇଥିବା ଚାଉଳ ଦାନ କରିବା ଅତ୍ୟନ୍ତ ଶୁଭ । ପ୍ରଭୁଙ୍କୁ ଧଳା ମିଠା ଅର୍ପଣ କରି ଗରିବଙ୍କୁ ଦାନ କରନ୍ତୁ ଜୀବନରେ ମଧୁରତାର ଆଭାସ ମିଳିବ ।



# ସ୍ୱପ୍ନ ଦିଏ ଶୁଭ ସଂକେତ

ଶୋଇବା ବେଳେ ସମସ୍ତଙ୍କୁ କିଛି ନା କିଛି ସ୍ୱପ୍ନ ଆସେ। ସ୍ୱପ୍ନଶାସ୍ତ୍ର ଅନୁସାରେ ଏହି ସ୍ୱପ୍ନଗୁଡ଼ିକର ଅର୍ଥ ଥାଏ। ଭବିଷ୍ୟତରେ ଘଟିବାକୁ ଥିବା କିଛି ଘଟଣା ବିଷୟରେ ଏହା ପୂର୍ବାଭାଷ ହୋଇଥାଏ। ତେବେ ଆପଣ ଜାଣିଛନ୍ତି କି ? ସ୍ୱପ୍ନରେ ଆଳତି କିମ୍ବା ପୂଜା କରିବାର ଦେଖିଲେ କି ସଙ୍କେତ ମିଳେ? ସ୍ୱପ୍ନ ଶାସ୍ତ୍ର ଅନୁସାରେ, ଯଦି କୌଣସି ବ୍ୟକ୍ତି ପୂଜା କରୁଥିବା ଦେଖନ୍ତି, ତାହେଲେ ତାହା ଶୁଭ ସଙ୍କେତ ହୋଇଥାଏ। ଏହାର ଅର୍ଥ ତାଙ୍କ ଜୀବନରେ ଚାଲୁଥିବା ଅସୁବିଧା ଧୀରେ ଧୀରେ ଦୂର ହେବ। ଉକ୍ତ ବ୍ୟକ୍ତିଙ୍କ ମଧ୍ୟରେ ଆଧ୍ୟାତ୍ମିକତା ଓ ଆତ୍ମବିଶ୍ୱାସ ବଢୁଛି। ତାଙ୍କୁ ମାନସିକ ଶାନ୍ତି ମଧ୍ୟ ମିଳୁଛି। ଯଦି ଦୀର୍ଘ ଦିନ ଯାଏଁ କୌଣସି କାମ ଅଟକି ରହିଛି, ତାହେଲେ ମଧ୍ୟ ଏହା ପୂରଣ ହେବାର ସମ୍ଭାବନା ରହିଛି। ଯଦି ସ୍ୱପ୍ନରେ ଦୀପ ଜାଳି ଆଳତି କରୁଥିବା ଦେଖନ୍ତି, ତାହେଲେ ଜାଣିବେ



ଆପଣଙ୍କ ଜୀବନରୁ ନକାରାତ୍ମକତା ଦୂର ହେଉଛି। ଶୁଭ ଅବସର ମିଳିବାର ସମ୍ଭାବନା ବଢୁଛି। ପରିବାରକୁ ସୁଖ-ଶାନ୍ତି ଫେରୁଛି। ମନରେ ଥିବା ଅଶାନ୍ତି ଧୀରେ ଧୀରେ ଦୂର ହେଉଛି। ଯଦି ସ୍ୱପ୍ନରେ କୌଣସି ମନ୍ଦିରରେ ପୂଜା କରୁଥିବା ଦେଖୁଥିବେ ତାହେଲେ ଜାଣିବେ, ଆପଣଙ୍କ ମନୋସ୍କାମନା ଖୁବ୍ ଶୀଘ୍ର ପୂରଣ ହେବ। କିଛି ଶୁଭ ଖବର ମିଳିବ। ଜୀବନରେ କୌଣସି ସକାରାତ୍ମକତା ପରିବର୍ତ୍ତନ ହେବ। ସ୍ୱପ୍ନରେ ଆପଣ ଭଗବାନଙ୍କୁ ପୂର୍ଣ୍ଣ ଶ୍ରଦ୍ଧାର ସହ ଆରାଧନା କରୁଥିବା ଦେଖୁଥିଲେ ଜାଣିବେ ଆପଣଙ୍କୁ ପରିଶ୍ରମର ଫଳ ମିଳିବ। ସେହିପରି ଯଦି ସ୍ୱପ୍ନରେ ଯଦି ପୂଜା ଅଧୁରା ରହିଥିବା ଦେଖନ୍ତି ତାହେଲେ ଏହାର ଅର୍ଥ ଆପଣ ଜୀବନରେ କୌଣସି ଅଧୁରା କାମ ରହିଛି। ଯାହା ଉପରେ ଆପଣଙ୍କୁ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ। ଏହି ସ୍ୱପ୍ନ ବ୍ୟକ୍ତିକୁ ଧୈର୍ଯ୍ୟ ରଖିବା ପାଇଁ ସଙ୍କେତ ଦେଇଥାଏ।

# ଆଦିବାସୀ ଲୋକେ ନିଜେ ରାସ୍ତା ନିର୍ମାଣ କଲେ



କାଶୀନଗର,(ନିପ୍ର): ସ୍ଥାନୀୟ ପ୍ରଶାସନ ବିଫଳ ହେବା ପରେ ଆଦିବାସୀ ଲୋକେ ବଳପୂର୍ବକ ରାସ୍ତା ନିର୍ମାଣ କଲେ । କାଶୀନଗର ବ୍ଲକ୍ ଅନ୍ତର୍ଗତ କେ. ସୀତାପୁର ପଞ୍ଚାୟତ ଅଧୀନରେ ଥିବା ମିନିଗାଁଗୁଡା ଗ୍ରାମ ସହ ରାଜ୍ୟ ରାଜପଥକୁ ସଡକ ସଂଯୋଗ ନ ଥିବାରୁ ଗାଁର ଆଦିବାସୀ ଲୋକେ ଅନେକ ଥର ଅଭିଯୋଗ ଆଣିଥିଲେ। ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ ନ ଥିବାରୁ ଗ୍ରାମବାସୀ ବହୁ ଅସୁବିଧା ଯେପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନର ଅସୁବିଧାର ସମ୍ମୁଖୀନ ହେଉଥିଲେ।

ଜିଲ୍ଲା ପ୍ରଶାସନ ବିଫଳ ଏହି ଗ୍ରାମକୁ ଗମନାଗମନର ସୁବିଧା ପାଇଁ କୌଣସି ପଦକ୍ଷେପ ନ ନେବାରୁ ଆଦିବାସୀ ଲୋକେ ବଳପୂର୍ବକ ରାସ୍ତା ନିର୍ମାଣ କରି ମୁଖ୍ୟ ରାସ୍ତାକୁ ସଂଯୋଗ କରିଛନ୍ତି । ବାରମ୍ବାର ବ୍ଲକ୍ ଓ ଜିଲ୍ଲା ପ୍ରଶାସନକୁ ଜଣାଇବା ସହ ନିଜର ଦାବି ନେଇ ଦୁଇ ଦୁଇ ଥର ରାସ୍ତାରୋକ କଲେ ସୁଦ୍ଧା ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲେ । ଖୋଦ୍ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ବି ପ୍ରତିଶୃତି କାର୍ଯ୍ୟକାରୀ ହେଲାନାହିଁ ବୋଲି କୁହାଯାଇଛି। ଗାଁ ଓ ମୁଖ୍ୟ ରାସ୍ତା ସହ ସଂଯୋଗ କ୍ଷେତ୍ରରେ ସମସ୍ୟା ଥିଲା ଦୁଇ ଜଣ ଧନୀକ ଶ୍ରେଣୀର ଲୋକଙ୍କ ଘରୋଇ ଜମି । ସେମାନେ ରାସ୍ତା ପାଇଁ ନିଜର ଅଳ୍ପ ଜମିକୁ ସ୍ୱେଚ୍ଛାକୃତ ଭାବେ ଦେଉ ନ ଥିଲେ କି ଗାଁ ଲୋକଙ୍କୁ ବିକ୍ରି କରିବାକୁ ରାଜି ନଥିଲେ । ପ୍ରଶାସନ ମଧ୍ୟ ସେମାନଙ୍କ ଘରୋଇ ଜମିକୁ ଅଧିଗ୍ରହଣ କରି ରାସ୍ତା ନିର୍ମାଣ କରିବାକୁ ଆଗଭର ହେଉ ନ ଥିଲା । ଏଭଳି ପରିସ୍ଥିତିରେ ଗାଁର ଆଦିବାସୀ ଲୋକ ଅଖିଳ ଭାରତ କିଶାନ୍ ମଜଦୁର ସଭାର ନେତୃତ୍ୱରେ ସମ୍ପୃକ୍ତ ଜମି ଉପର ଦେଇ ରାସ୍ତା ନିର୍ମାଣ କରିଥିବା ମଜଦୁର ସଂଘ ର ସଭାପତି କେଦାର ଶବର ସୂଚନା ଦେଇଛନ୍ତି।

## ହିଙ୍ଗୁଳା ମନ୍ଦିରର ବିକାଶ ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ସାଂସଦଙ୍କ ଆଲୋଚନା

ତାଳଚେର,(ନିପ୍ର): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦୁଇ ଦିନିଆ ଅନୁଗୁଳ ଜିଲ୍ଲା ଗସ୍ତ କରି ବିଭିନ୍ନ ମନ୍ଦିର ବୁଲି ଦର୍ଶନ କରିଛନ୍ତି । କାଙ୍ଗୁଲା ମା ଦକ୍ଷିଣ କାଳୀ ମନ୍ଦିର, ଅନୁଗୁଳ ବୁଢ଼ୀ ଠାକୁରାଣୀ ମନ୍ଦିର, ଛେଣ୍ଡିପଦା କୋଶଳା ମା ରାମଚଣ୍ଡୀ ମନ୍ଦିରରେ ଦର୍ଶନ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା । ଏହି ଅବସରରେ ଅନୁଗୋଳରୁ ଛେଣ୍ଡିପଦା କୋଶଳା ଯିବା ବାଟରେ ଉପ ମୁଖ୍ୟମନ୍ତ୍ରୀଙ୍କୁ



ଭେଟିଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି । ଅନୁଗୋଳ ଜିଲ୍ଲାର ପର୍ଯ୍ୟଟନର ବିକାଶ, ପୁରାତନ ମନ୍ଦିର ଗୁଡିକର ଉନ୍ନତିକରଣ ତଥା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳା ମନ୍ଦିରର ବିକାଶ ପାଇଁ ସାଂସଦ ଶ୍ରୀ ପାଣି ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ।ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସାଂସଦଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସାଂସଦଙ୍କ ସହ ବରିଷ୍ଠ ଶ୍ରମିକ ନେତା ଅରୁଣ କୁମାର ପ୍ରଧାନ, ରାଜେନ୍ଦ୍ର ସିଂହ, ଗଗନ ସାହୁ ଉପସ୍ଥିତ ଥିଲେ ।

## ହକି ତାରକା କିରଣ ଏକ୍କାଙ୍କୁ ସମ୍ମାନ

ରାଉରକେଲା,(ନିପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ ସତ ହେବାକୁ ଯାଉଛି ଆଧାରରେ ନୂଆଗାଁ ବ୍ଲକ ଲିମଡା ପଞ୍ଚାୟତର କିରଣ ଏକ୍କା, ଟୋକିଓ ଠାରେ ଆୟୋଜିତ ଅଣ୍ଡର-୧୮ ହକି ପ୍ରତିଯୋଗିତାରେ ଜାତୀୟ ସ୍ତରରେ ବ୍ରୋଞ୍ଜ ମେଡାଲ ହାସଲ କରିବା ପରେ, ସେ ପରବର୍ତ୍ତୀ ପ୍ରତିଯୋଗିତା ଓମାନରେ ଯୋଗ ଦେବାକୁ ଯାଉଛନ୍ତି। ହକି ଖେଳାଳି କିରଣ ଏକ୍କା ବୀରମିତ୍ରପୁର ବିଧାୟକଙ୍କୁ ହକି ଷ୍ଟିକ୍ ପାଇଁ ଅନୁରୋଧ କରିଥିଲେ। ଏହି ପରିପେକ୍ଷୀରେ ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ ନିଜେ ହକି ତାଲିମ କେନ୍ଦ୍ର ସୁନ୍ଦରଗଡ଼କୁ ଯାଇ କିରଣ ଏକ୍କାଙ୍କୁ ହକି ଷ୍ଟିକ୍ ପ୍ରଦାନ କରିଛନ୍ତି। ଅଗାମୀ



ଦିନରେ ସେ ଦେଶ ପାଇଁ ଏବଂ ଆମ ଜିଲ୍ଲା ତଥା ନିର୍ବାଚନ ମଣ୍ଡଳୀର ନାଁ ରଖିବେ ବୋଲି ଏକ ଛୋଟ ଭେଟି – ହକି ଷ୍ଟିକ୍ ପ୍ରଦାନ କରିଥିଲେ। କାଲି ତୁମେ ଦେଶ ପାଇଁ ସୁନା ଆଣିବ, ଏହି ବିଶ୍ୱାସ ଆମର ଅଛି, ଆଗେଇ ଚାଲ ବୋଲି ପରାମର୍ଶ ଦେଇଥିଲେ ବିଧାୟକ ରୋହିତ ଯୋଶେଫ ତିର୍କୀ।

## ଯୁବ ସାହିତ୍ୟିକ ବୈଷ୍ଣବ ଚରଣ ଦାଶଙ୍କୁ 'ସ୍ୱତନ୍ତ୍ର ପ୍ରତିଭା ସମ୍ମାନ'

ବୁଗୁଡ଼ା,(ନିପ୍ର): ୧୯୮୯ରେ ଗଞ୍ଜାମ ଜିଲ୍ଲା ବୁଗୁଡ଼ାରେ ପ୍ରତିଷ୍ଠିତ ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ୩୮ ବର୍ଷରେ ପଦାର୍ପଣ କରିବା ଅବସରରେ ଆସିକା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିନୋଦ ଚନ୍ଦ୍ର ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଦୁର୍ଗା ପ୍ରସାଦ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ବୁଗୁଡ଼ା ବୀର ଧନଞ୍ଜୟପୁର ଶାସନର ଯୁବ ସାହିତ୍ୟିକ ବୈଷ୍ଣବ ଚରଣ



ଦାଶଙ୍କୁ 'ସ୍ୱତନ୍ତ୍ର ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାବନ୍ଧିକ ଶ୍ରୀ ଦାଶ ଏକାଧାରରେ ଜଣେ ସୁଲେଖକ, କବି, ଶିକ୍ଷକ ଓ କର୍ମକାଣ୍ଡବିତ୍ ଭାବେ ଗଞ୍ଜାମ ଜିଲ୍ଲାରେ ଜଣାଶୁଣା। ତାଙ୍କରି ତିନୋଟି ପୁସ୍ତକ ବର୍ତ୍ତମାନ ପ୍ରକାଶ ପାଇସାରିଛି। 'ଶାରଦୀୟ ଦୁର୍ଗାପୂଜା ପଦ୍ଧତି', 'ପର୍ବ ଆମ ପରମ୍ପରାର', 'ସଂସ୍କୃତି ସଞ୍ଚୟନ' ପୁସ୍ତକ ତିନୋଟି ସବୁ ବର୍ଗର ପାଠକ ମାନଙ୍କୁ ବେଶ୍ ସହାୟକ ହୋଇପାରିଛି। ଶ୍ରୀ ଦାଶ ଓଡ଼ିଶା ସରକାରଙ୍କ ଠାରୁ ପ୍ରକୃତି ବନ୍ଧୁ ପୁରସ୍କାର ପାଇବା ସହ ଅନେକ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ

ଚାରିଛକ,(ନିପ୍ର): ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ପଂଚାୟତ ଦଣ୍ଡିକିରା ଗ୍ରାମର ଜଣେ ଚାଷୀଙ୍କର ବଜ୍ରଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନା ମୁତାବକ ଉକ୍ତ ଗ୍ରାମର ସୁବାସ ପରିଡା(୫୫) ତାଙ୍କ ଚାଷ ଜମିରେ ତଳି ପକାଉଥିବା ସମୟରେ ବଜ୍ରାଘାତରେ ସେଠାରେ ଟଳି ପଡିଥିଲେ । ସ୍ଥାନୀୟ ଲୋକମାନେ ସେଠାରୁ ତାଙ୍କୁ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ କୃଷକନେତା କୃଷ୍ଣଚନ୍ଦ୍ର ରାଉତ,ଅର୍ଜୁନ ସ୍ୱାଇଁଙ୍କ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଶିଶୁ ବିକାଶ ପ୍ରକଳ୍ପ ଓ ମିସନ ଶକ୍ତି ଭବନ ସମ୍ମୁଖରେ ଅବ୍ୟବସ୍ଥା

### ଅନାବନା ଗଛଲତାରେ ପରିପୂର୍ଣ୍ଣ ପରିସର, ପ୍ରଶାସନର ଦୃଷ୍ଟି ପଡୁନାହିଁ !

ଗୋଲାମୁଣ୍ଡା,(ନି.ପ୍ର ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଏବଂ ବ୍ଲକ ମିସନ ଶକ୍ତି ଭବନ ସମ୍ମୁଖ ପରିସର ଅନାବନା ଗଛଲତା ଓ ଲଟାବୁଦାରେ ଭରି ରହିଥିବା ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟାଳୟର ମୁଖ୍ୟ ପ୍ରବେଶ ପଥ ଏପରି ଅପରିଷ୍କାର ଅବସ୍ଥାରେ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରତିଦିନ ଶତାଧିକ ମହିଳା, ଶିଶୁ, ଅଙ୍ଗନୱାଡ଼ି କର୍ମୀ, ମିସନ ଶକ୍ତି ସଦସ୍ୟ ଏବଂ ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ଏହି କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ପରିସରର ସଫେଇ ପ୍ରତି ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ସରକାରୀ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ସାପ ଓ ଅନ୍ୟାନ୍ୟ ବିଷାକ୍ତ ପ୍ରାଣୀଙ୍କ ଭୟ ମଧ୍ୟ ସୃଷ୍ଟି ହେଉଛି। ସରକାର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିବା ବେଳେ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ



ଏପରି ଅବ୍ୟବସ୍ଥା ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ କରୁଛି। ଏହି ପରିସ୍ଥିତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠୁଛି ଯେ, ଯଦି ସରକାରୀ କାର୍ଯ୍ୟାଳୟର ସମ୍ମୁଖର ଅବସ୍ଥା ଏପରି, ତେବେ ସାଧାରଣ ଅଞ୍ଚଳର ସ୍ୱଚ୍ଛତା ପ୍ରତି କେତେ ଗୁରୁତ୍ୱ ଦିଆଯାଉଛି ? ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ତୁରନ୍ତ ସଫେଇ କରାଯିବା ସହ ନିୟମିତ ରକ୍ଷଣାବେକ୍ଷଣ ପାଇଁ ଦାବି କରିଛନ୍ତି।

## ଏଆଇଜେ ଓଡ଼ିଶା ଶାଖା ସଭାପତି ହେଲେ ପ୍ରଦୀପ କୁମାର ଦାଶ

ଭୁବନେଶ୍ୱର : ଭାରତୀୟ ପତ୍ରକାର ସଂଘ ବା ଆସୋସିଏସନ ଅଫ୍ ଇଣ୍ଡିଆନ୍ ଜର୍ଣ୍ଣାଲିଷ୍ଟ (ଏଆଇଜେ)ର ଓଡ଼ିଶା ଶାଖା ଗଠିତ ହୋଇଛି। ଓଡ଼ିଶା ରାଜ୍ୟ ଶାଖା ସଭାପତି ଭାବେ ଦୈନିକ 'ପ୍ରଶାନ୍ତ'ର ସଂପାଦକ ପ୍ରଦୀପ କୁମାର ଦାଶଙ୍କ ସଂଘ ପକ୍ଷରୁ ନିଯୁକ୍ତି



ଦିଆଯାଇଛି। ସଂଘର ଜାତୀୟ କାର୍ଯ୍ୟକାରୀ ସଭାପତି କିରଣ କୁମାର ଗୋଗୋଇ ଏ ସଂକ୍ରାନ୍ତରେ ଶ୍ରୀ ଦାଶଙ୍କର ନିଯୁକ୍ତପତ୍ର ଜାରି କରିଛନ୍ତି। ସଂଘ ମୁଖ୍ୟତଃ ସାମ୍ବାଦିକମାନଙ୍କ ଭିତରେ ସମନ୍ୱୟ ସହ ଆବଶ୍ୟକୀୟ ସରକାରୀ ଓ ବେସରକାରୀ ସୁବିଧା ସୁଯୋଗ ଦିଆଯିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି।

## ବିଦ୍ୟାଳୟରେ ବନ ମହୋତ୍ସବ

ରାୟଗଡା,(ନି:ପ୍ର): କାର୍ଲାକୋନା, ୭୭ତମ ବନ ମହୋତ୍ସବ ଅବସରରେ ଜେକେ ପେପରର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ବିଭାଗ ପକ୍ଷରୁ କାର୍ଲାକୋନାସ୍ଥିତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଲାକୋନା ଗ୍ରାମ ପଞ୍ଚାୟତର ସରପଞ୍ଚ ନୀଳାମ୍ବର ବିଡ଼ିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ପରିବେଶ ସୁରକ୍ଷା କ୍ଷେତ୍ରରେ ଜେକେ ପେପରର ଏଭଳି ପ୍ରଶଂସନୀୟ ପଦକ୍ଷେପକୁ ସେ ଭୂୟସୀ ପ୍ରଶଂସା କରିଥିଲେ।

ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାନୀ ସରଳାଙ୍କ ଉପସ୍ଥିତିରେ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମିଳି ପ୍ରାୟ ୧୫୦ଟି ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ।

## ପରିମଳ କର୍ମଚାରୀଙ୍କ ପାଇଁ ନୂତନ ଆଶା ସଂଚାର କରିଛି ଗରିମା ଯୋଜନା

ଭୁବନେଶ୍ୱର,: ଦଶନ୍ଧି ଦଶନ୍ଧି ଧରି ସାମାଜିକ ଅବହେଳା ଓ ବିପଦପୂର୍ଣ୍ଣ ପରିବେଶରେ କାର୍ଯ୍ୟ କରୁଥିବା ପ୍ରମୁଖ ପରିମଳ କର୍ମଚାରୀମାନଙ୍କର ଏକ ସରଳ ଓ ନିରୀହ ସ୍ୱପ୍ନ ଥିଲା—ସୁରକ୍ଷିତ ଭାବେ ଘରକୁ ଫେରିବା, ମୁଣ୍ଡ ଉପରେ ଏକ ପକ୍କା ଛାତ ପାଇବା ଏବଂ ସମ୍ମାନର ସହ ବଞ୍ଚିବା। ଆଜି ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଯୋଗୁଁ ସେହି ଆଶା ବାସ୍ତବତାରେ ରୂପାନ୍ତରିତ ହେଉଛି। ପାରମ୍ପରିକ ବିପଦପୂର୍ଣ୍ଣ ପ୍ରଥା ବଦଳରେ ସହରାଞ୍ଚଳରେ ବ୍ୟାପକ ଯାନ୍ତ୍ରିକୀକରଣକୁ ଆପଣାଯାଇଛି, ଯାହାଫଳରେ ପ୍ରମୁଖ ପରିମଳ କର୍ମଚାରୀମାନେ ଆଜି ଜଣେ ଜଣେ ଦକ୍ଷ ପରିମଳ ପ୍ରଫେସନାଲ ଭାବେ ଗର୍ବର ସହ କାର୍ଯ୍ୟ କରିପାରୁଛନ୍ତି। ଏହି ବର୍ଗର ଶ୍ରମିକମାନଙ୍କ ନିରବ ଆକାଂକ୍ଷାକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି ଯେ, ଶ୍ରମର ମର୍ଯ୍ୟାଦା କେବଳ ଏକ ସରକାରୀ ନୀତି ମଧ୍ୟରେ ସୀମିତ ନରହି, ପ୍ରତ୍ୟେକ କର୍ମଚାରୀଙ୍କ ଦୈନନ୍ଦିନ ଜୀବନର ଅନୁଭୂତି ହେବା ଆବଶ୍ୟକ। ମାନବିକ ଗରିମା ପ୍ରତି ଥିବା ଏହି ପ୍ରତିବଦ୍ଧତାକୁ ଆଧାର କରି ଓଡ଼ିଶା ସରକାର 'ଗରିମା' ଯୋଜନାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରୁଛନ୍ତି। ବିପଜ୍ଜନକ ମଇଳା ସଫେଇ ପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରି ସୁରକ୍ଷିତ ଓ ଯାନ୍ତ୍ରିକ ପରିମଳ ସେବା ପ୍ରଦାନ କରିବା ଏହି ପ୍ରମୁଖ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ, ଯାହା ରାଜ୍ୟର ସବୁଠାରୁ ଅବହେଳିତ ଶ୍ରେଣୀର ଜୀବନରେ ଏକ ବଡ଼ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ ଆଣିଦେଇଛି। କର୍ମଚାରୀମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ 'ଗରିମା' ଯୋଜନାରେ ଆନୁଷ୍ଠାନିକ ସଂସ୍କାର ସହ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସମନ୍ୱୟ କରାଯାଇଛି। ଶାରୀରିକ ସୁରକ୍ଷା ବ୍ୟତୀତ ସରକାର ଏକ ଦୃଢ଼ ସାମାଜିକ ସୁରକ୍ଷା ନେଟୱର୍କ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ୧୫% ବିପଦ ଭତା, ଜୀବନ ଓ ଦୁର୍ଘଟଣା ବୀମା, ରାସନ କାର୍ଡ, ସରକାରୀ ପରିଚୟ ପତ୍ର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ସହାୟତା ସାମିଲ ରହିଛି। ଏଥିସହିତ ସହରାଞ୍ଚଳରେ ସମ୍ମାନଜନକ ବିଶ୍ରାମ ପାଇଁ ଆଧୁନିକ ସୁବିଧା ଓ ସ୍ୱଚ୍ଛ ଶୌଚାଳୟ ବିଶିଷ୍ଟ ଏୟାର-କଣ୍ଡିସନର୍ 'ଗରିମା ହଲ୍' ନିର୍ମାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ବିଭିନ୍ନ ପୌରସଂସ୍ଥାରେ ପ୍ରାୟ ୯,୩୬୪ ଜଣ ପରିମଳ କର୍ମଚାରୀଙ୍କୁ ଏହି ସୁରକ୍ଷିତ ଜୀବିକା ନେଟୱର୍କ ସହ ଯୋଡ଼ାଯାଇ ସାରିଛି।

## 'ସେବା ପ୍ରତିନିଧି'ର ନିଶା ନିବାରଣ ସଚେତନତା

ଭୁବନେଶ୍ୱର, (ନିପ୍ର): ନିଶାଦ୍ରବ୍ୟ ସେବନ କେବଳ ବ୍ୟବହାରକାରୀଙ୍କ କ୍ଷତି ଘଟାଏ ନାହିଁ, ଏହା ସାରା ପରିବାରକୁ ବିଭିନ୍ନ ଭାବେ ପ୍ରଭାବିତ କରେ । ନିଶା କାରଣରୁ ଅନେକ ପରିବାର ଉଜୁଡି ଯାଉଥିବା ଲୋକେ ଭଲ ଭାବରେ ଜାଣନ୍ତି। ତେଣୁ ନିଶା ବର୍ଜନ, ସ୍ୱାଭାବିକ ଜୀବନଯାପନ ନିମନ୍ତେ ସେବା ପ୍ରତିନିଧି ଆହ୍ୱାନ ଦେଇଆସୁଛି । ସଂଗଠନର ମୁଖ୍ୟ



ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ କପିଳେଶ୍ୱର ଗ୍ରାମ ସ୍ଥିତ ଗଙ୍ଗୁଆ ଭୋଇ ସାହିରେ ଏ ସଂକ୍ରାନ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଛି। 'ମଦ ହଟାଅ, ଉଜୁଡା ସଂସାର ସଜାଡ'ର ଡାକ ଦେଇ ଅରୁଣ କୁମାର ସ୍ୱାଇଁ ଅଶୋକ କୁମାର ମହାରଣା, ଶୁଭେନ୍ଦୁ କୁମାର ରାଉତରାୟ, ଗୀତାଞ୍ଜଳି ସ୍ୱାଇଁ ସଚେତନତା ସୃଷ୍ଟି କରିଥିଲେ। ଶ୍ରୀଲିଙ୍ଗରାଜ ଥାନାର ସବ୍ ଇନ୍ସପେକ୍ଟର ରବୀନ୍ଦ୍ର କୁମାର ଦାସ ନାନା ନିଶା ଦ୍ରବ୍ୟ ନିବାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସସ୍ମିତା ଭୋଇ, ସଚି ଭୋଇ, ଲବଙ୍ଗ ଦେଇ, ମଞ୍ଜୁ ଦେଇ, ସଞ୍ଜୁ ଦେଇ, ମାନ ଭୋଇ, ବାସନ୍ତୀ ଦେଇ, ବାସନ୍ତୀ ବେହେରା, ରଜି ଦେଇ , ସୁଷମା ଭୋଇ ଓ ଅନ୍ୟମାନେ ଭାଗ ନେଇଥିଲେ।

## ରବି ଋତୁରେ ସଂଗ୍ରହ ହେଲା ୮,୭୫,୫୯୦.୨୯ କ୍ୟୁଣ୍ଟାଲ ଧାନ

ପୁରୀ,(ନିପ୍ର): ପୁରୀ ଜିଲ୍ଲା ରେ ୨୦୨୫-୨୬ ପାଇଁ ରବି ଋତୁ ଧାନ ସଂଗ୍ରହ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସଂଗ୍ରହ ହୋଇଛି ।ଚଳିତ ରବି ଋତୁରେ୧୪୬ ଟି ପ୍ୟାକସ ମାଧ୍ୟମରେ ୨୧୨୮୯ ଜଣ ଚାଷୀଙ୍କଠାରୁ ମୋଟ ୮,୭୫,୫୯୦.୨୯ କ୍ୟୁଣ୍ଟାଲ ଧାନ ସଫଳତାର ସହିତ ସଂଗ୍ରହ କରାଯାଇଛି। ଆଜି ପର୍ଯ୍ୟନ୍ତ ଧାନ ବିକ୍ରି କରିଥିବା ଚାଷୀମାନଙ୍କ ଆକାଉଣ୍ଟ କୁ ୧୮୪,୯୨,୯୦,୨୬୫ ଟଙ୍କା ପ୍ରଦାନ ହୋଇଅଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।ପ୍ରାରମ୍ଭିକ ପର୍ଯ୍ୟାୟରେ ଧାନ ସଂଗ୍ରହ କୁ ସୁଚାରୁ ରୂପେ ପରିଚାଳନା ଓ କୌଣସି ଚାଷୀ ଯେପରି ଅସୁବିଧା ର ସମ୍ମୁଖୀନ ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଥିଲେ ।ସେହି ଆଧାର ରେ ଜିଲ୍ଲା ଯୋଗାଣ ବିଭାଗ, ସମବାୟ ବିଭାଗ, ନିୟନ୍ତ୍ରିତ ବଜାର କମିଟି ଓ ପ୍ୟାକ୍ସ ଗୁଡିକ ମଧ୍ୟରେ ସୁ ସମନ୍ୱୟ ରଖି କାର୍ଯ୍ୟ କରିଥିଲେ।

## କମଲୁର - ଭାଂସି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳ ଲାଇନ: ନିରୀକ୍ଷଣ କଲେ ସୁରକ୍ଷା କମିଶନର

ଭୁବନେଶ୍ୱର: ପୂର୍ବତଟ ରେଳପଥ ଅନ୍ତର୍ଗତ ରାୟଗଡ଼ା ମଣ୍ଡଳ ଅଧୀନରେ ଥିବା ଜଗଦଳପୁର-କିରନ୍ଦୁଲ ଦୋହରୀକରଣ ପ୍ରକଳ୍ପର କମଲୁର ଏବଂ ଭାଂସି ଷ୍ଟେସନ ମଧ୍ୟରେ ନବନିର୍ମିତ ଦ୍ୱିତୀୟ ରେଳ ଲାଇନର ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ ଦକ୍ଷିଣ ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସି.ଆର.ଏସ.) ବ୍ରିଜେଶ କୁମାର ମିଶ୍ରଙ୍କ ଦ୍ୱାରା ୨ ଜୁଲାଇ, ୨୦୨୬ରେ ସମ୍ପନ୍ନ ହୋଇଛି ।

ଏହି ନିରୀକ୍ଷଣ କମଲୁର ଏବଂ ଭାଂସି ମଧ୍ୟରେ ଥିବା ୧୨.୪୨୮ କିଲୋମିଟରର ବିଶିଷ୍ଟ ରେଳ ସେକ୍ସନକୁ ଅନ୍ତର୍ଭୁକ୍ତ କରିଥିଲା ଏବଂ ନବଗଠିତ ରାୟଗଡ଼ା ମଣ୍ଡଳରେ ଏକ ଦୋହରୀକରଣ ପ୍ରକଳ୍ପ ପାଇଁ ଏହା ପ୍ରଥମ ସି.ଆର.ଏସ. ଅନୁଧ୍ୟାନ ଥିଲା। ସଫଳ ଅନୁଧ୍ୟାନ ଏବଂ ସ୍ପିଡ୍ ଟ୍ରାଏଲ୍ (ଗତି ପରୀକ୍ଷଣ) ପରେ ଏହି ସେକ୍ସନକୁ ଟ୍ରେନ୍ ଚଳାଚଳ ପାଇଁ ଉପଯୁକ୍ତ ବୋଲି ଘୋଷଣା କରାଯାଇଛି। ଏହି ଅନୁଧ୍ୟାନ ପୂର୍ବରୁ, ୨୬ ଜୁନ୍, ୨୦୨୬ରେ ପ୍ରି-ନନ୍-ଇଣ୍ଟରଲକିଂ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ୨ ଜୁଲାଇ, ୨୦୨୬ରେ ଦୋହରୀକରଣ କାର୍ଯ୍ୟ ସଫଳତାର ସହ କାର୍ଯ୍ୟକ୍ଷମ ହୋଇଥିଲା।

ଅନୁଧ୍ୟାନ ସମୟରେ, ସମସ୍ତ ସୁରକ୍ଷା ମାନଦଣ୍ଡର ଅନୁପାଳନ ନିଶ୍ଚିତ କରିବା ପାଇଁ ସି.ଆର.ଏସ. ରେଳ ଧାରଣା, ସିଗ୍ନାଲିଂ ବ୍ୟବସ୍ଥା, ଓଭରହେଡ୍ ଉପକରଣ (ଓ.ଏଚ୍.ଇ.), ବ୍ରିଜ୍, ଲେଭଲ୍ କ୍ରସିଂ ଏବଂ ଅନ୍ୟାନ୍ୟ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକର ବିସ୍ତୃତ ଯାଞ୍ଚ କରିଥିଲେ। କମଲୁର-ଭାଂସି ସେକ୍ସନଟି ଜଗଦଳପୁର-କିରନ୍ଦୁଲ ରୁଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ଦୁର୍ଗମ ଭୂଭାଗ ମଧ୍ୟ ଦେଇ ଗତି କରିଥାଏ। ନବନିର୍ମିତ ଦ୍ୱିତୀୟ ଲାଇନକୁ ଆଧୁନିକ ଇଞ୍ଜିନିୟରିଂ ପଦ୍ଧତି ବ୍ୟବହାର କରି ବିକଶିତ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସୁରକ୍ଷା, ବିଶ୍ୱସନୀୟତା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା। ଏହି ଦୋହରୀକରଣ ସେକ୍ସନ କାର୍ଯ୍ୟକ୍ଷମ ହେବା ଫଳରେ ଖଣିଜ ସମୃଦ୍ଧ ଜଗଦଳପୁର-କିରନ୍ଦୁଲ କରିଡରରେ ଲାଇନ କ୍ଷମତା ଯଥେଷ୍ଟ ବୃଦ୍ଧି ପାଇବ, ଯାହା ମାଲବାହୀ ଟ୍ରେନ୍, ବିଶେଷ କରି ଲୁହାପଥର ପରିବହନର ସୁଗମ ଚଳାଚଳରେ ସହାୟକ ହେବ ଏବଂ ବିଦ୍ୟମାନ ଲାଇନ ଉପରେ ଭିଡ଼ ହ୍ରାସ କରିବ। ଏହା ମଧ୍ୟ ଆଞ୍ଚଳିକ ଯାତ୍ରୀବାହୀ ଟ୍ରେନ ସେବାର ସମୟାନୁବର୍ତ୍ତିତା ଏବଂ ଉତ୍ତମ କାର୍ଯ୍ୟଦକ୍ଷତା ଦିଗରେ ଅବଦାନ ଦେବ। କମଲୁର-ଭାଂସି ଦୋହରୀକରଣ ସେକ୍ସନର ଏହି କାର୍ଯ୍ୟକ୍ଷମତା, ରେଳ ଭିତ୍ତିଭୂମିକୁ ମଜଭୁତ କରିବା, ମାଲ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସମଗ୍ର ଅଞ୍ଚଳରେ ସୁରକ୍ଷିତ, ଦକ୍ଷ ତଥା ବିଶ୍ୱସନୀୟ ରେଳ ସେବା ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥର ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି।

ଏହି ଅନୁଧ୍ୟାନ ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟ, ରାୟଗଡ଼ା ମଣ୍ଡଳ ଏବଂ ନିର୍ମାଣ ସଂଗଠନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ, ପର୍ଯ୍ୟାଲୋଚନା କମିଟିର ଦିଶା ବୈଠକ

ନୟାଗଡ଼,(ନିପ୍ର): ନୟାଗଡ଼ ଜିଲ୍ଲା ପରିଷଦର ସୃଜନ ସମ୍ମିଳନୀ କକ୍ଷରେ ସାଂସଦ, କଟକ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ,ପୁରୀ ଡା. ସମ୍ବିତ ପାତ୍ର, ସାଂସଦ,କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ,ଖଣ୍ଡପଡ଼ା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଧାୟକ, ନୟାଗଡ଼ ଡ଼ଃ ଅରୁଣ କୁମାର ସାହୁ, ଅଧ୍ୟକ୍ଷ ଜିଲ୍ଲାପରିଷଦ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ, ମୁଖ୍ୟ ଉନ୍ନୟନ ଅଧିକାରୀ, ଲଗ୍ନଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀମତୀ ରଥ ମଂଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସ୍ୱାଗତ ଭାଷଣ ରଖିଥିଲେ । ଏହାପରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସମ୍ପୃକ୍ତ ବିଭାଗର କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରାଯାଇଥିଲା । ପରେ ଲକ୍ଷପତି ଦିଦି ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ମଞ୍ଜୁର କରିବା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା । ବୃତ୍ତଙ୍ଗ ବୃହତ ଜଳ ସେଚନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି




ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ସାଂସଦ ଗଣ, ବିଧାୟକ ଏବଂ ଜନ ପ୍ରତିନିଧିମାନେ ପ୍ରକଳ୍ପ ସମ୍ପର୍କିତ କାର୍ଯ୍ୟଧାରା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେହିପରି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଜଳ ଜୀବନ ମିଶନରେ ନଳକୂପ ଖନନ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବା ସମ୍ବନ୍ଧରେ ମାନ୍ୟବର ସଦସ୍ୟମାନେ ସମ୍ପୃକ୍ତ ଅଧିକାରୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଠାରୁ ବିଭିନ୍ନ ଭତ୍ତା ଯୋଜନାରେ କେତେ ହିତାଧିକାରୀ ଆବେଦନ କରିଛନ୍ତି । କେତେ ଲାଭାନ୍ୱିତ ହୋଇଛନ୍ତି, ସେ ସମ୍ବନ୍ଧୀୟ ତଥ୍ୟ ରଖିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।

## ମଜଲିସ ଅନସାରୁଲ୍ଲାର ଇଜତେମା ଉଦ୍‌ଘାଟିତ

ତିଗିରିଆ,(ନିପ୍ର): ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମର ଅହମଦିୟା ମୁସଲିମ ମସଜିଦ ପ୍ରାଙ୍ଗଣରେ ମଜଲିସ ଅନସାରୁଲ୍ଲା ଓଡିଶାର ୩୩ତମ ରାଜ୍ୟସ୍ତରୀୟ ବାର୍ଷିକ ଇଜତେମା ଉଦ୍‌ଘାଟିତ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମଜଲିସ ଅନସାରୁଲ୍ଲାଃ ପୂର୍ବ ଭାରତର ଉପସଭାପତି ସଫାରତ ଖାଁ ପୌରୋହିତ୍ୟ କରିଥିଲେ। ମଜଲିସ ଅନସାରୁଲ୍ଲାଃ ସଂଗଠନର ପତାକା ଉତ୍ତୋଳନ ସହ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ପବିତ୍ର କୋରାନ ପାଠ ଅଫଜଲ ଖାଁ କରିଥିଲେ । ସଂଗଠନର ଶପଥ ପାଠ ସଭାପତି କରାଇଥିବା ବେଳେ ଉର୍ଦ୍ଦୁ ନଜମ ମୌଲବି ସେକ ନାସିରୁଦ୍ଦିନ ପରିବେଷଣ କରିଥିଲେ । ବିଶ୍ୱବ୍ୟାପୀ ଅହମଦିୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କ ଅମୂଲ୍ୟ ବାର୍ତ୍ତାକୁ ସଭାପତି ଫାରତ ଖାଁ ପଢି ଶୁଣାଇଥିଲେ । ଯେଉଁଥିରେ ମିର୍ଜା ସାହେବ ଈଶରଙ୍କୁ ଚିହ୍ନିବା, ଭକ୍ତି କରିବା, ସତ୍ୟନିଷ୍ଠ ଓ ଧର୍ମ ପରାୟଣ ହେବା, ସତ୍ କର୍ମ କରିବା ଏବଂ ସଂଗଠନକୁ ଦୃଢୀକରଣ କରିବା ତଥା ସନ୍ତାନଙ୍କୁ ସଂସ୍କାରୀ ଓ ଶପଥଗାମୀ କରିବା ବିଷୟରେ ଆହ୍ୱାନ ଦେଇଥିଲେ । ବିଶ୍ୱରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଜିଲ୍ଲା କଟକର ସଭାପତି ମୌଲାନା ହାରୁନ ରସିଦ, କଟକ ଜିଲ୍ଲା ଇନଚାର୍ଜ ମୌଲାନା ସେକ ଇସହାକ, ପଙ୍କାଳ ଗ୍ରାମ ସଭାପତି ଶାହାଦତ ଖାଁ, ବାଲେଶ୍ୱର ଜିଲ୍ଲାର ସଭାପତି ମଜଲିସ ଅନସାରୁଲ୍ଲାଃ ଅବ୍ଦୁଲ ଓଦୁଦ ଖାଁ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ସଭାପତି ମଜଲିସ ଅନସାରୁଲ୍ଲା ସେକ ଅଜିଜୁଲ୍ଲା, ଭଦ୍ରକ ଜିଲ୍ଲା ସଭାପତି ମଜଲିସ ଅନସାରୁଲ୍ଲାଃ ସେକ ଏଜାଜ ଅହମଦ, କଟକ ଜିଲ୍ଲାଃ ସଭାପତି ମଜଲିସ ଅନସାରୁଲ୍ଲା ସୟଦ ବଶିର ଅହମଦ, ପଶ୍ଚିମ ଓଡିଶାର ସଭାପତି ମଜଲିସ ଅନସାରୁଲ୍ଲା ସେକ ମଶିରୁଦ୍ଦିନ ଏବଂ ପଙ୍କାଳ




ମଜଲିସ ଅନସାରୁଲ୍ଲା ସଂଗଠନର ସଭାପତି ଅଫଜଲ ଖାଁ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମୌଲବି ସେକ ନାସିରୁଦ୍ଦିନ ପରିଚାଳନା କରିଥିଲେ । ଉଦଘାଟନୀ ଉତ୍ସବ ପରେ ପବିତ୍ର କୋରାନ ପାଠ ଆବୃତ୍ତି, ଉର୍ଦ୍ଦୁ ଓ ଓଡିଆ ନଜମ, ବକ୍ତୃତା ଓ କୁଇଜର ଧାର୍ମିକ ପ୍ରତିଯୋଗିତା କରାଯାଇଥିଲା ।

## ପାଉଁଶ ପୋଖରୀରେ ଘାଇ ଅଭିଯୋଗ: ଗ୍ରାମବାସୀଙ୍କ ଅସନ୍ତୋଷ

ତାଳଚେର: ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ଗ୍ରାମ ନିକଟସ୍ଥ ଏନଟିପିସି ଷ୍ଟେଜ୍-୨ ପାଉଁଶ ପୋଖରୀରେ ଘାଇ ସୃଷ୍ଟି ହୋଇଥିବା ଅଭିଯୋଗକୁ କେନ୍ଦ୍ର କରି ଶୁକ୍ରବାର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଳମ୍ବିତ ରାତିରେ ପାଉଁଶ ପୋଖରୀର ଏକ ଅଂଶରେ ଘାଇ ସୃଷ୍ଟି ହେବା ପରେ ପାଉଁଶ ମିଶ୍ରିତ ପାଣି ନିକଟବର୍ତ୍ତୀ ଅଞ୍ଚଳକୁ ପ୍ରବାହିତ ହୋଇଥିଲା। ଏଥିଯୋଗୁଁ ଗାଁ ନିକଟବର୍ତ୍ତୀ, ଖେଳ ପଡ଼ିଆ, ବିଦ୍ୟାଳୟ ପରିସର, ଚାଷଜମି ଏବଂ ଟିକିରା ନଦୀକୁ ପାଉଁଶ ମିଶ୍ରିତ ପାଣି ପହଞ୍ଚିଥିବା ସେମାନେ ଦାବି କରିଛନ୍ତି। ଗ୍ରାମ ସଭାପତି ପ୍ରସନ୍ନ କୁମାର ନାଏକ ଓ ଗ୍ରାମବାସୀ ମନୋଜ କୁମାର ବେହେରା ଏବଂ ସୁଶାନ୍ତ ବେହେରା କହିଛନ୍ତି ଯେ, ୨୦୨୨ ମସିହାର ଆରପିଡିଏସି ବୈଠକରେ ଉକ୍ତ ପାଉଁଶ ପୋଖରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏହି ଘଟଣାକୁ ନେଇ ଏନଟିପିସି କଣିହାଁ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି ଯେ, ୦୩ ଜୁଲାଇ ରାତି ପ୍ରାୟ ୧୨ଟା ୩୦ ମିନିଟ୍ ସମୟରେ ପ୍ରବଳ ବର୍ଷା ଯୋଗୁଁ ଷ୍ଟେଜ୍-୨ ଆଶ୍ ପଣ୍ଡର ବି-ଜୋନ୍ ତଳ ଭାଗରେ ଥିବା ଟୋ-ଡ୍ରେନ୍‌ରେ ପଙ୍କ, ପାଉଁଶ ଓ ମାଟି ଜମିଯିବାରୁ ବର୍ଷାଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ନିକଟବର୍ତ୍ତୀ ଅଞ୍ଚଳକୁ ପ୍ରବାହିତ ହୋଇଥିଲା। ପ୍ରଭାବିତ ଅଞ୍ଚଳ ସମ୍ପୂର୍ଣ୍ଣ ଏନଟିପିସି ପରିସର ମଧ୍ୟରେ ଥିବା ଦାବି କରାଯାଇଛି। ଏନଟିପିସି ଆହୁରି ସ୍ପଷ୍ଟ କରିଛି ଯେ, ଘଟଣା ପରେ ତୁରନ୍ତ ଅବରୁଦ୍ଧ ଡ୍ରେନ୍ ସଫା କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥାକୁ ସ୍ୱାଭାବିକ କରାଯାଇଛି। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ପାଉଁଶ ମିଶ୍ରିତ ପାଣି ଚାଷଜମି, ବିଦ୍ୟାଳୟ ପରିସର କିମ୍ବା ଟିକିରା ନଦୀକୁ ପ୍ରବାହିତ ହୋଇଥିବା ଖବରକୁ ସଂସ୍ଥା ଅସ୍ୱୀକାର କରିଛି। ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଥିବା ସହ ପ୍ରାଥମିକତା ଭିତ୍ତିରେ ଆବଶ୍ୟକ ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରହିଥିବା ମଧ୍ୟ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଘଟଣାକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ଓ ଏନଟିପିସିର ସ୍ପଷ୍ଟୀକରଣ ସାମ୍ନାକୁ ଆସିଥିବା ବେଳେ ପ୍ରକୃତ ସ୍ଥିତି ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି।

## ବିଦ୍ୟାଳୟରେ ବନ ମହୋତ୍ସବ

ରମ୍ଭା,(ନିପ୍ର):ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସୁବଳୟା ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସି ଏଚ୍ଚ ସୁଧାକର ସଭାପତିତ୍ୱ କରିଥିଲେ ।ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ପ୍ରକୃତି ବନ୍ଧୁ ବିଜୟ କୁମାର ବିଶ୍ୱାଳ, ଜବାହାରଲାଲ ନାୟକ,ଅଶୋକ କୁମାର ସାହୁ, ଅଧ୍ୟାପିକା ସନ୍ତୋଷୀ ନାହାକ, ଅଧ୍ୟାପିକା ଡ଼ ଅନୀତା ମିଶ୍ର ପ୍ରମୁଖ ବିଭିନ୍ନ ପ୍ରଦୂଷଣ ରୋକିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

ତିଥି :(ପଞ୍ଚମୀ): (ଶତଭିଷା କୁମ୍ଭ)
ଅମୃତ ବେଳା: ଦିବା ଘ ୬।୫୧ ଗତେ ଘ ୯।୧୫ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ସର୍ବଦା ମୋର ଏହି ମତ ଅନୁସରଣ କରନ୍ତି, ସେମାନେ ମଧ୍ୟ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି ।।- ଶ୍ରୀମଦ୍ ଭଗବଦ୍ ଗୀତା

# ପାକିସ୍ତାନର ସଦ୍‌ବୁଦ୍ଧି ଉଦୟ କେବେ ?

ଆତଙ୍କବାଦକୁ ପ୍ରୋତ୍ସାହନ ଦେଲେ ତାହାର ପରିଣାମ ବିଷମୟ ସ୍ଥିତି ଉତ୍ପନ୍ନ କରିଥାଏ। ପହଲଗାମ ନରସଂହାର ପରେ ଭାରତ ପକ୍ଷରୁ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ଘୋଷଣା କରାଯାଇଥିଲା। ତାହା ଏବେ ବି ଅପରିବର୍ତ୍ତିତ ରହିଛି। ଏ ପ୍ରସଙ୍ଗ ନେଇ ପାକିସ୍ତାନ ଆଇସିଜେର ଦ୍ୱାରସ୍ଥ ହୋଇଛି। ମାତ୍ର ସିନ୍ଧୁ ଜଳ ବଣ୍ଟନ ଚୁକ୍ତି ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ, ଏହାକୁ ପାକିସ୍ତାନ ଭୁଲି ହିଁ ଯାଉଛି। କିଛିଦିନ ପୂର୍ବେ ପାକ୍‌ର ବୈଦେଶିକ ମନ୍ତ୍ରୀ ସିନ୍ଧୁ ଜଳ ଲାଗି ଭାରତ ପ୍ରତି ଆକ୍ରମଣ ଧମକ ଦେଇଥିଲେ। ଏପରିକି ମାନବାଧିକାର ସୁରକ୍ଷା ପରିପ୍ରେକ୍ଷୀରେ ପ୍ରସଙ୍ଗ ଉପସ୍ଥାପିତ ହୋଇଥିଲା। ଏବେ ବି ଉକ୍ତ ରାଷ୍ଟ୍ର ନିଜର ତ୍ରୁଟି ବା ଦୃଷ୍ଟିଭଙ୍ଗୀକୁ ସୁଧାରି ନ ପାରିବା ବିଡ଼ମ୍ବନା ବ୍ୟତୀତ ଅନ୍ୟ କିଛି ନୁହେଁ।

ସିନ୍ଧୁ ଓ ଏହାର ଶାଖା ନଦୀଗୁଡ଼ିକରୁ ଜଳପ୍ରବାହ ଭାରତ ବନ୍ଦ କରିବା ଫଳରେ ପାକିସ୍ତାନରେ ଉତ୍କଟ ଜଳାଭାବ ସୃଷ୍ଟି ହୋଇସାରିଛି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ସ୍ଥିତିକୁ ଗମ୍ଭୀର କରିଥିବାବେଳେ ଏଲ୍‌ନିନୋର ପ୍ରଭାବ ଆଗକୁ ପଡ଼ିଲେ ଏହାର ଅବସ୍ଥା ଅଧିକ ସାଙ୍ଘାତିକ ହେବା ସୁନିଶ୍ଚିତ। ଭାରତ ପକ୍ଷରୁ କୁହାଯାଇଥିଲା ରକ୍ତ ପାଇଁ ଏକାଠୁ ବୋହିପାରିବନାହିଁ। ଅର୍ଥାତ୍ ଯେପର୍ଯ୍ୟନ୍ତ ପାକିସ୍ତାନ ଭାରତରେ ସୀମାପାର ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ବନ୍ଦ ନ କରିଛି ସେ ପର୍ଯ୍ୟନ୍ତ ସିନ୍ଧୁଜଳ ଚୁକ୍ତି ସ୍ଥଗିତ ରହିବ ବୋଲି ଭାରତ ସଫା ସଫା ଶୁଣାଇ ଦେଇଛି। ଏପରି ଶୁଣାଇବା ପଛର ଉଦ୍ଦେଶ୍ୟ ପାକିସ୍ତାନ ଆତ୍ମସମୀକ୍ଷା କରୁ। ସମ୍ମୁଖୀନ ହୋଇଥିବା ସ୍ଥିତି ଉପରେ ବିବେକପୂର୍ଣ୍ଣ ନିଷ୍ପତ୍ତି ନେଉ।

ଉଲ୍ଲେଖ କରାଯାଇପାରେ ଯେ ବିଭିନ୍ନ ସମୟରେ ପାକିସ୍ତାନ ଭାରତ ଉଦ୍ଦେଶ୍ୟରେ ସୀମା ପାର୍ ଆତଙ୍କବାଦ ଚଳାଇଥିବାବେଳେ ନିକଟରେ ଜୈସ-ଏ-ମହମ୍ମଦ ଆତଙ୍କବାଦୀ ସଂଗଠନର ୮ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇ ଗୁଜରାଟରେ ସେମାନଙ୍କର ଆତଙ୍କବାଦୀ ନେଟୱାର୍କ ଅପଉଦ୍ୟମକୁ ଭଣ୍ଡୁର କରାଯାଇଛି। ଉକ୍ତ ଆତଙ୍କବାଦୀ ସଂଗଠନ ପାକିସ୍ତାନରେ ବେଶ୍ ସକ୍ରିୟ ରହିଥିବା ଜଣାଶୁଣା। ଗିରଫ ଆତଙ୍କବାଦୀଙ୍କ ବିରୋଧରେ ଲାଗିଥିବା ଧାରାଗୁଡ଼ିକ ମଧ୍ୟରେ ଆତଙ୍କବାଦୀ କାର୍ଯ୍ୟ ପାଇଁ ପାଣ୍ଠି ସଂଗ୍ରହ, ଆତଙ୍କବାଦୀ ସଂଗଠନକୁ ସଦସ୍ୟତା, ଅପରାଧିକ ଷଡ଼ଯନ୍ତ୍ର, ଭାରତ ବିରୋଧରେ ଯୁଦ୍ଧ ଘୋଷଣା ବା ଉସୁକାଇବା, ଅପରାଧ ପ୍ରଭୃତି ସାମିଲ। ମୋଟ ଉପରେ ଗୁଜରାଟରେ ଉକ୍ତ ଆତଙ୍କବାଦୀ ସଂଗଠନ ତାର ନେଟୱାର୍କ ଗଢି ବହୁ ଅପରାଧୀଙ୍କ କାଣ୍ଡ ଘଟାଇଥାନ୍ତା। ଏହା ସ୍ପଷ୍ଟ କରେ ପାକିସ୍ତାନ ନିଜର ଦୃଷ୍ଟିଭଙ୍ଗୀ ଓ କାର୍ଯ୍ୟକଳାପରୁ ବିରତ ହେଉନାହିଁ।

ପାକିସ୍ତାନ ସଂପର୍କିତ ଜଣେ ପାକିସ୍ତାନୀ ସାମ୍ବାଦିକଙ୍କ କିଛି ପ୍ରଶ୍ନର ଉତ୍ତର ନିକଟରେ ଏକ କାର୍ଯ୍ୟକ୍ରମ ଅବସରରେ ପ୍ରତିକ୍ରିୟା ଦେଇଥିଲେ ସିଙ୍ଗାପୁରରେ ପୂର୍ବତନ କୂଟନୀତିଜ୍ଞ ବିର୍ଲାହରି କୌଶିକନ୍। ତାଙ୍କ ଉତ୍ତରର ସାରାଂଶରେ ପାକ୍‌ର ମତିଗତିର ସ୍ୱରୂପ କିଭଳି ତାହା ପ୍ରକଟିତ। କୌଶିକନ୍ କହିଥିଲେ, ନିଜ ପଡ଼ୋଶୀ ଦେଶ ଯୋଗୁଁ ନୁହେଁ, ବରଂ ପାକିସ୍ତାନର ଶାସନତନ୍ତ୍ର ସେହି ଦେଶର ସେନାର ହସ୍ତକ୍ଷେପ ପରେ ବରାବର ରହିଆସିଛି। ତାହା ସାଙ୍ଗକୁ ରହିଛି ନେତୃମଣ୍ଡଳୀର ଅପରିପକ୍ୱତା ଓ ବ୍ୟବସ୍ଥାଗତ ତ୍ରୁଟି। ଯଦି ପାକିସ୍ତାନ ସ୍ଥିର ମନର ସହ ଏହି ମନ୍ତବ୍ୟକୁ ବିଶ୍ଲେଷଣ କରନ୍ତା ତେବେ ବାଟ ମିଳିପାରନ୍ତା ଏବଂ ନିଜର ମତିଗତି ବଦଳାଇପାରନ୍ତା। ଆତଙ୍କବାଦ ଉନ୍ମୂଳନ,ଭ୍ରାତୃଭାବ,ପଡୋଶୀ ସହ ବନ୍ଧୁଭାବ , ନିଜ ନାଗରିକଙ୍କ ଯଥୋଚିତ ବିକାଶ ତଥା ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଏହା ପକ୍ଷରେ ଆପଣାଇବା ହେଉଛି ରାସ୍ତା। ଏ ଦିଗରେ ଯଦି ଏହି ରାଷ୍ଟ୍ର ଆଗ୍ରହୀ ହୁଏ, ତେବେ ଯାଇ ବୁଝିବାକୁ ହେବ ଏହାର ସଦ୍‌ବୁଦ୍ଧି ଉଦୟ ହେଲା।

# ମର ଜଗତର ଅମୃତ ଫଳ

ଉମାଶଙ୍କର ପ୍ରସାଦ

କୌଣସି ଏକ ସହରରେ ସୀତାକାନ୍ତ ନାମକ ଜଣେ ଲୋକ ରହୁଥିଲେ। ସେହି ସହରକୁ ଜଣେ ସାଧୁ ଭାଗବତ ଉପରେ ପ୍ରବଚନ ଦେବାକୁ ଆସିଥିଲେ। ନିଜର ପ୍ରବଚନ ଦେବା ସମୟରେ ସେ କହୁଥିଲେ ଅମୃତ ଫଳ ସେବନରେ ମନୁଷ୍ୟ ଅମର ହୋଇଥାଏ। ସୀତାକାନ୍ତ ସାଧୁଙ୍କୁ ପଚାରିଲା- ହେ ମହାଭାଗ ଏ ଅମୃତ ଫଳ କେଉଁଠି ଉପଲବ୍ଧି ହେବ, ଏହା ଦେଖିବାକୁ କିପରି ? ହସିଦେଇ ସାଧୁ କହିଥିଲେ, ଅମୃତ ଫଳ ଏହି ମର ଜଗତରେ ମିଳିଥାଏ, ତାକୁ ଖୋଜି ବାହାର କରିବା ତୁମର କାମ। ତାପରେ ସୀତାକାନ୍ତ ଅନେକ ଲୋକଙ୍କୁ ଅମୃତ ଫଳ ବିଷୟରେ ପଚାରି ନିରାଶ ହେବା ପରେ ମନରେ ସଂକଳ୍ପ କରି ଅମୃତ ଫଳ ସନ୍ଧାନରେ ବାହାରିଲା।

ଘରୁ ବାହାରି ବିଭିନ୍ନ ସହର ତଥା ଗ୍ରାମରେ ଥିବା ବିଭିନ୍ନ ଫଳ ବଗିଚାକୁ ଯାଇ ଅମୃତ ଫଳ ବିଷୟରେ ପଚାରି ନିରାଶ ନ ହୋଇ ସେ ଖୋଜିବାର ପ୍ରୟାସ ଜାରି ରଖିଥିଲା। ଏହିପରି ଦିନେ ଅମୃତ ଫଳ ଖୋଜୁ ଖୋଜୁ ଗୋଟିଏ ଗ୍ରାମରେ ଜଣେ ବୃଦ୍ଧ ଲୋକଙ୍କ ସହ ସାକ୍ଷାତ ହେଲା। ବୃଦ୍ଧ ଲୋକଙ୍କର କେଶ ପୂରା ପାଚି ଧଳା ହୋଇ ଯାଇଥିଲା। ଉକ୍ତ ବୃଦ୍ଧଙ୍କୁ ସୀତାକାନ୍ତ ଅମୃତ ଫଳ ବିଷୟରେ ପଚାରିବାରୁ ବୃଦ୍ଧ ଜଣଙ୍କ କହିଥିଲେ ଅମୃତ ଫଳ ମୋ ବଡ଼ ଭାଇଙ୍କ ଘରେ ଅଛି। ସୀତାକାନ୍ତ ବୃଦ୍ଧଙ୍କୁ ତାଙ୍କ ବଡ଼ ଭାଇଙ୍କ ଠିକଣା ପଚାରିବାରୁ ସେ ତାଙ୍କୁ ତାଙ୍କ ବଡ଼ଭାଇଙ୍କ ଦୁଆର ମୁହଁରେ ଛାଡି ଦେଇ ଫେରିଥିଲେ। ବୃଦ୍ଧଙ୍କ ବଡ଼ଭାଇଙ୍କୁ ସାକ୍ଷାତ କରିବାପରେ ସୀତାକାନ୍ତ ଦେଖିଲେ ବୃଦ୍ଧଙ୍କ ବଡ଼ଭାଇ ବୟସରେ ତାଙ୍କ ଠାରୁ କମ୍ ଜଣା ପଡୁଛନ୍ତି। ତାଙ୍କ ମୁଣ୍ଡର କେଶ ତାଙ୍କ ବଡ଼ଭାଇଙ୍କ ତୁଳନାରେ ପଚିଶ ଭାଗ କଳା ରହିଛି।

ସୀତାକାନ୍ତ ତାଙ୍କୁ ଅମୃତ ଫଳ କଥା ପଚାରିବାରେ ସେ କହିଲେ ଅମୃତ ଫଳ ମୋ ପାଖରେ ଥିଲା, କିନ୍ତୁ ତାହା ବର୍ତ୍ତମାନ ମୋ ଉପରକୁ ଥିବା ବଡ଼ ଭାଇଙ୍କ ଘରେ ଅଛି। ଏତିକି କହି ଶଶିକାନ୍ତଙ୍କୁ ତାଙ୍କ ବଡ଼ଭାଇଙ୍କ ଘରେ ଛାଡିଦେଲେ। ସୀତାକାନ୍ତ ଦେଖିଲା ଏ ବଡ଼ଭାଇଙ୍କ ବୟସ ଯାଙ୍କ ଠାରୁ କମ୍ ଜଣା ପଡୁଛି। ମୁଣ୍ଡର କେଶ ଅଧା କଳା ରହିଛି। ସୀତାକାନ୍ତ ତାଙ୍କୁ ଅମୃତ ଫଳ କଥା ପଚାରିବାରେ ସେ କହିଲେ ଅମୃତ ଫଳ ବର୍ତ୍ତମାନ ମୋ ବଡ଼ ଭାଇ ଶାନ୍ତି କିଶୋରଙ୍କ ନିକଟରେ ରହିଛି। ଏ ଗ୍ରାମର ଶେଷ ଘରଟି ତାଙ୍କ ଘର, ତୁମେ ତାଙ୍କ ଘରକୁ ଯାଅ ଅମୃତ ଫଳ ପାଇଯିବ। ସୀତାକାନ୍ତ ଧୈର୍ଯ୍ୟ ନ ହରାଇ ଗ୍ରାମ ଶେଷରେ ଥିବା ଶାନ୍ତି କିଶୋରଙ୍କ ଘରକୁ ଯାଇ ତାଙ୍କୁ ଡାକିବାରୁ ଘରୁ ଜଣେ ତେଜଦୀପ୍ତ ଯୁବକ ବାହାରକୁ ଆସିଥିଲେ ସୀତାକାନ୍ତ ତାଙ୍କୁ ଶାନ୍ତିକିଶୋରଙ୍କ ବିଷୟରେ ପଚାରିବାରେ ଯୁବକ ଜଣକ କହିଲେ ମୋର ନାମ ଶାନ୍ତିକିଶୋର। ଚାରି ଭାଇରେ ମୁଁ ବଡ଼ଭାଇ। ସୀତାକାନ୍ତ ଆଶ୍ଚର୍ଯ୍ୟ ହୋଇ ଯାଇଥଲେ ଅନ୍ୟାନ୍ୟ ଭାଇ ତୁଳନାରେ ତାଙ୍କ କେଶ ପୂରା କଳା ଥିଲା। ତାଙ୍କର ହସ ହସ ମୁହଁ, କଥା ଅତି ନମ୍ର ଓ କୋମଳ। ସୀତାକାନ୍ତ ବୁଝି ପାରିନଥିଲେ ଏ ରହସ୍ୟକୁ କାରଣ ସବା ବଡ଼ ଭାଇ ସବା ସାନ ଭାଇ ପରି ଦେଖା ଯାଉଥିଲେ।

ଏହାପରେ ଶାନ୍ତି କିଶୋରଙ୍କୁ ଶଶିକାନ୍ତ ଅମୃତ ଫଳ କଥା ପଚାରିବାରେ ଶାନ୍ତି କିଶୋର କହିଲେ ଅମୃତ ଫଳ ମୋ ପାଖରେ ଅଛି। କିନ୍ତୁ ଆପଣ ତାକୁ ଆଜି ଦେଖି ପାରିବେନି କେବଳ ତାହା ରବିବାର ଦେଖାଯିବ। ସେଦିନ ଥିଲା ଗୁରୁବାର, ଶାନ୍ତି କିଶୋର ସୀତାକାନ୍ତଙ୍କୁ କହିଲେ ଆପଣଙ୍କୁ ରବିବାର ପର୍ଯ୍ୟନ୍ତ ଆମ ଘରେ ଅତିଥି ହୋଇ ରହିବାର କିଛି ଅସୁବିଧା ନାହିଁ। ଏତିକି କହି ସେ ନିଜର ଧର୍ମ ପତ୍ନୀଙ୍କୁ ଡାକିଥିଲେ। ଅଳ୍ପ ସମୟ ଭିତରେ ଜଣେ ଅପୂର୍ବ ରୂପବତୀ ନାରୀ ଆସି ଅବନତ ହୋଇ ସ୍ୱାମୀଙ୍କ ଆଦେଶର ଅପେକ୍ଷା କଲେ। ଧର୍ମପତ୍ନୀଙ୍କୁ ଶାନ୍ତି କିଶୋର କହିଲେ ଆଜି ଆମର ଅହୋ ଭାଗ୍ୟ ଯେ ଆସନ୍ତା ରବିବାର ପର୍ଯ୍ୟନ୍ତ ଜଣେ ମହାନ ଅତିଥି ଆମଘରେ ରହିବେ। ତୁମେ ତାଙ୍କର ସମୁଚିତ ଚର୍ଚ୍ଚା କରିବ। ସୀତାକାନ୍ତ ରବିବାର ପର୍ଯ୍ୟନ୍ତ ଶାନ୍ତିକିଶୋରଙ୍କ ଘରେ ରହିବା ସମୟରେ ନିଜକୁ ସ୍ୱର୍ଗ ରାଜ୍ୟର ଅତିଥି ମନେକଲେ। କେବଳ ଶାନ୍ତିକିଶୋର ନୁହେଁ ସାରା ପରିବାରଙ୍କ ବ୍ୟବହାର ଅମୃତ ତୁଲ୍ୟ ଥିଲା। ସୀତାକାନ୍ତ ଏପରି ଦିବ୍ୟ ଅନୁଭବ କେବେ କରିନଥିଲେ।

ରବିବାର ଶାନ୍ତି କିଶୋର ସୀତାକାନ୍ତଙ୍କୁ ଡାକି କହିଲେ ଅମୃତ ଫଳ ଦେଖିଲେ ? ସୀତାକାନ୍ତ କହିଲେ ଆପଣତ ମୋତେ ଅମୃତ ଫଳ ଦେଖାଇ ନାହାନ୍ତି, ମୁଁ ଦେଖିବି କିପରି ? ଶାନ୍ତିକିଶୋର କହିଲେ ଆପଣ ଅମୃତ ଫଳ କେବଳ ଦେଖିନାହାନ୍ତି ଚାଖିଛନ୍ତି ମଧ୍ୟ। ସୀତାକାନ୍ତ କହିଲେ କିପରି ମହାଶୟ ? ତାପରେ ଶାନ୍ତି କିଶୋର କହିଲେ ଅମୃତ ଫଳ କୌଣସି ଗଛରେ ଫଳେ ନାହିଁ। ମନୁଷ୍ୟର ବ୍ୟବହାର, କଥା, ମାନବିକତା, ସୌଜନ୍ୟ, ସ୍ନେହ, ମମତା, ସହୃଦୟତା, ଅନୁକମ୍ପା, ସରଳତା ଆଦି ଗୁଣରେ ଅମୃତ ରସ ପୂର୍ଣ୍ଣ ହୋଇ ରହିଛି।

ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୩

# ଶିକ୍ଷାରୁ ସମୃଦ୍ଧି : ଆମ ସ୍ୱପ୍ନ ଓ ସମ୍ଭାବନା

ରବୀନ୍ଦ୍ରନାଥ ଯୋଷୀ

> କୌଣସି ବି ମାଗଣା ଯୋଜନା ଅପେକ୍ଷା ସେମାନଙ୍କ ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ହିଁ ସର୍ବଶ୍ରେଷ୍ଠ କାର୍ଯ୍ୟ ବୋଲି ସେମାନେ ଉପଲବ୍ଧି କରିପାରିଛନ୍ତି । ଆବଶ୍ୟକ ଓ ବିଷୟଗତ ଶିକ୍ଷକ ବିନା ବିଦ୍ୟା ଅଧ୍ୟୟନ ଅସାର । ଏକଥା ଆଜି ସାଧାରଣ ମଣିଷଟିଏ ବି ବୁଝି ସାରିଛି । ଏହା ନିଶ୍ଚିତ ଯେ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ମାଗଣା ଶିକ୍ଷାଦାନ ନିତାନ୍ତ ଆବଶ୍ୟକ । ସେମାନଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଅଛି କିନ୍ତୁ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି , ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ଅବ୍ୟାହତି , ଶିକ୍ଷକଙ୍କ ଅଧିକାର ଓ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ ହିଁ ଦେଶ ବା ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ସୁଦୃଢ କରିପାରିବ ।

ଶିକ୍ଷା ହିଁ ମାନବର ସର୍ବାଙ୍ଗୀନ ବିକାଶର ଚାବିକାଠି । ଶିକ୍ଷାର ବିକାଶ ଘଟିଲେ ମଣିଷ ବୌଦ୍ଧିକ,ମାନସିକ ,ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଅଗ୍ରସର ହୋଇଥାଏ । ଏହା ବ୍ୟକ୍ତିର ,ସମୁଦାୟର ,ରାଷ୍ଟ୍ରର ସର୍ବୋପରି ମାନବ ସଭ୍ୟତାର ହିତ ପାଇଁ ବିନିଯୋଗ ହୋଇଥାଏ । ତେଣୁ ଶିକ୍ଷା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ବିଗତ ଦିନରେ ଦେଶରେ ଗଠିତ ଶିକ୍ଷା କମିଶନ ସାର୍ବଜନୀନ ଓ ଦେୟମୁକ୍ତ ଶିକ୍ଷା ପାଇଁ ସୁପାରିସ କରିଆସିଛନ୍ତି। କମିଶନଙ୍କ ଭାଷାରେ ଶ୍ରେଣୀଗୃହରେ ଦେଶର ଭବିଷ୍ୟତ ନିର୍ମାଣ ହେଉଛି । ତେଣୁ ସେମାନଙ୍କୁ ଉତ୍ତମ ପରିବେଶରେ ଶିକ୍ଷାଦାନ ପ୍ରଦାନ କରିପାରିଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ । ଆର୍ଥିକ ଅନଗ୍ରସର ପରିବାରର ଶିଶୁଗଣ ପାଠ୍ୟୋପକରଣ କ୍ରୟକରିବା ,ସ୍କୁଲ ଫି ପ୍ରଦାନକରିବା ପାଇଁ ଅସମର୍ଥ । ସେମାନେ ଭୋକ ଉପାସରେ ବଞ୍ଚୁଥିବା ହେତୁ ଭୋକିଲା ପେଟରେ ପାଠ ପଢିବା ମଧ୍ୟେ ସହଜ ନୁହେଁ। କମିଶନ ଏହି ବାସ୍ତବତାକୁ ଉପଲବ୍ଧିକରି ସେମାନଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବାପାଇଁ ଗୁରୁତ୍ୱ ଦେବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ୨୦୦୧ ମସିହାରେ କେନ୍ଦ୍ର ସରକାର ସର୍ବଶିକ୍ଷା ଅଭିଯାନ ଆରମ୍ଭ କରିଥିଲେ । ୨୦୦୯ ମସିହାରେ ଶିକ୍ଷା ଅଧିକାର ଆଇନ ପ୍ରଣୟନ କରି ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ପାଇଁ ଉଦ୍ୟମ କରିଛନ୍ତି । ମଧ୍ୟାହ୍ନ ଭୋଜନ , ପାଠ୍ୟପୁସ୍ତକ,ପୋଷାକ ଇତ୍ୟାଦି ମାଗଣାରେ ବ୍ୟବସ୍ଥା ହୋଇଛି ।ଏହା ନିଃସନ୍ଦେହ ଯେ ଏହା ଦ୍ୱାରା ପ୍ରାଥମିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟିବା ସହିତ ଡ୍ରପଆଉଟ ସଂଖ୍ୟା ହ୍ରାସ ପାଇଛି । ବର୍ତ୍ତମାନ ଓଡ଼ିଶା ସରକାର ମାଧ୍ୟମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ଏହା କାର୍ଯ୍ୟକାରୀ କରିବା ପାଇଁ ସରକାର ବିଧିବଦ୍ଧ ଭାବରେ ଘୋଷଣା କରିଛନ୍ତି । ଏହି ଯୋଜନା ନିକଟରେ କ୍ୟାବିନେଟରେ ମଧ୍ୟ ମଂଜୁର ହୋଇ ସାରିଛି । ଏହି ଯୋଜନା ମାଧ୍ୟମରେ ନବମରୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ପ୍ରଦାନ କରାଯିବ । ସରକାର ଏଥିପାଇଁ ଚଳିତ ବର୍ଷ ୮୯୫ . ୫୭ କୋଟି ଓ ଆଗାମୀ ପାଞ୍ଚ ବର୍ଷରେ ୫୪୬୭. ୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଧ୍ୟ ମଂଜୁର କରାଯାଇଛି । ଏହା କାର୍ଯ୍ୟକାରୀ ହେଲେ ଆଉ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଆଡମିସନ ଫି ଦେବାକୁ ପଡ଼ିବ ନାହିଁ । ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଗତ ବର୍ଷ ସରକାର ମଧ୍ୟାହ୍ନ ଭୋଜନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିସାରିଛନ୍ତି । ଛାତ୍ରଛାତ୍ରୀଙ୍କୁ ମାଗଣା ୟୁନିଫର୍ମ ମଧ୍ୟ ପ୍ରଦାନ କରି ଆସୁଛନ୍ତି । ଏହା ଦ୍ୱାରା ଆର୍ଥିକ ଅଭାବରେ ଅଧାରୁ ପାଠ ଛାଡୁଥିବା ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ନିହାତି ସୁଫଳ ମିଳିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେବ। କିନ୍ତୁ ପ୍ରକୃତରେ ଏହା ଛାତ୍ରଛାତ୍ରୀଙ୍କ ମୂଳ ଉଦ୍ଦେଶ୍ୟ ପୂରଣ କରିପାରିବ କି ? ବିଗତ ଦିନରେ ପ୍ରାଥମିକ ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଭାବରେ ସରକାର ଗ୍ରହଣ କରିଥିଲେ।

ଦୁଇ ଦଶନ୍ଧି ହେଲା ଏହା କାର୍ଯ୍ୟକାରୀ ହେଉଛି । ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେୟମୁକ୍ତ ଶିକ୍ଷା ପ୍ରଦାନ କରାଯାଉଛି । ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ପୋଷାକ , ପାଠ୍ୟ ପୁସ୍ତକ ସହିତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଉଛି । ଏହା ସତ୍ତ୍ୱେ ଏଠାରେ ଅଧ୍ୟୟନରତ ଛାତ୍ରଛାତ୍ରୀ ସଠିକ ଭାବରେ ଶିକ୍ଷାଦାନ ପାଉଛନ୍ତି ତ ? ଏହାର ଉତ୍ତର ସମସ୍ତେ ଅବଗତ ନିଶ୍ଚୟ । ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଶିକ୍ଷଣସ୍ତରର ପ୍ରକୃତ ମୂଲ୍ୟାୟନ କରି ଋଅସର' ପ୍ରତିବର୍ଷ ରିପୋର୍ଟ ପ୍ରଦାନ କରିଆସୁଛି । ଏହି ରିପୋର୍ଟ ଆମ ପ୍ରାଥମିକ ଶିକ୍ଷାର ଅସଲ ଚିତ୍ରକୁ ପ୍ରଦର୍ଶିତ କରୁଛି । ତେବେ ଅନେକ ମାଗଣା ଯୋଜନା ପରେ ବି ଛାତ୍ରଛାତ୍ରୀଙ୍କ ଶିକ୍ଷଣସ୍ତରରେ କାହିଁକି ବିକାଶ ଘଟୁନାହିଁ! ଏ ସଂପର୍କରେ ଅନେକ ପତ୍ରପତ୍ରିକା ସଭା ସମିତିରେ ତର୍କ ବିତର୍କ ହୋଇ ଆସୁଛି । ଏହାର କାରଣ ଓ ନିରାକରଣ ସଂପର୍କରେ ମଧ୍ୟ ଆଲୋଚନା ହେଉଛି । ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା କାର୍ଯ୍ୟକାରୀ ହେବା ଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ସଂଖ୍ୟାରେ ବୃଦ୍ଧି ଘଟିଛି ସତ କିନ୍ତୁ ଶିକ୍ଷାର ଗୁଣାତ୍ମକ ଦିଗରେ ଉନ୍ନତି ଘଟିଛି କି ? ଏହାର ମୁଖ୍ୟ କାରଣ କେବଳ ଆବଶ୍ୟକ ଶିକ୍ଷକଙ୍କ ଅଭାବ ।

ଆମ ରାଜ୍ୟରେ ଗ୍ରାମାଞ୍ଚଳରେ ଆଜିବି ଶହ ଶହ ବିଦ୍ୟାଳୟ ଜଣେ ବା ଦୁଇ ଜଣ ଶିକ୍ଷକରେ ଚାଲିଛି । ସେମାନେ ବି ପୁଣି ବିଭିନ୍ନ ସମୟରେ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଏପରି ସ୍ଥଳେ ଗୋଟିଏ ବିଦ୍ୟାଳୟରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଥିଲେ ମଧ୍ୟ ଆବଶ୍ୟକ ଶିକ୍ଷକ ଅଭାବ ରହିଲେ ଗୁଣାତ୍ମକ ଶିକ୍ଷାର ଆଶା କରିବା ବୃଥାସ୍ୱପ୍ନ ହେବ । ତେଣୁ ଗୋଟିଏ ଶିକ୍ଷାନୁଷ୍ଠାନର ପ୍ରଥମ ଆବଶ୍ୟକତା ହେଉଛି ଶିକ୍ଷକ । ଆବଶ୍ୟକ ଶିକ୍ଷକ ବିନା ଏକ ବିଦ୍ୟାଳୟ ସଠିକରୂପରେ ପରିଚାଳିତ ହେବା ଅସମ୍ଭବ । ବର୍ତ୍ତମାନ ମାଧ୍ୟମିକ ଓ ଉଚ୍ଚଶିକ୍ଷା ପାଇଁ ସରକାର ମାଗଣା ଶିକ୍ଷା ଆରମ୍ଭ କରିଛନ୍ତି । ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ । କିନ୍ତୁ ଆମେ ଆମ ରାଜ୍ୟର ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ ଶିକ୍ଷକ/ ଅଧ୍ୟାପକଙ୍କ ପରିସଂଖ୍ୟାନ ସମୀକ୍ଷା କରିଛେ କି ? ଖାଲିଥିବା ଶିକ୍ଷକ / ଅଧ୍ୟାପକ ପଦବୀ ପୂରଣ ନ କରି କେବଳ ଫି ମାଫ୍ କରି ଛାତ୍ରଛାତ୍ରୀଙ୍କ ଶିକ୍ଷାର ସମୃଦ୍ଧି ଆଶା କରିପାରିବା କି ? ଏଠାରେ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଙ୍କ ପରିସଂଖ୍ୟାନ ଉପରେ କିଛି ଆଲୋଚନା କରିବା । ଆମ ରାଜ୍ୟରେ ପ୍ରାୟ ଆଠ ହଜାରରୁ ଉର୍ଦ୍ଧ୍ୱ ସରକାରୀ ଓ ସରାକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ ରହିଛି । ତନ୍ମଧ୍ୟରୁ ପ୍ରାୟ ଏକ ତୃତୀୟାଂଶ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ରହିଛି । ଏସବୁ ବିଦ୍ୟାଳୟ ଗୁଡ଼ିକ ଗ୍ରାମାଞ୍ଚଳରେ ସ୍ଥାପିତ । ଏହି ବର୍ଗର ବିଦ୍ୟାଳୟରେ ବର୍ତ୍ତମାନ ପ୍ରାୟ ଷାଠିଏ ପ୍ରତିଶତ ଶିକ୍ଷକ ପଦବୀ ଖାଲି । ଏଭଳି ବିଦ୍ୟାଳୟରେ ସରକାର ଶିକ୍ଷକ ନିଯୁକ୍ତି ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ବିଧି ବ୍ୟବସ୍ଥା ମଧ୍ୟ କରିନାହାନ୍ତି । ଯେଉଁଠି ଗ୍ରାମାଞ୍ଚଳର ଆଦିବାସୀ, ହରିଜନ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ପାଠ ପଢନ୍ତି । ନୂତନ ଶିକ୍ଷାନୀତି ୨୦୨୦ ଆସିଲା ପରେ ରାଜ୍ୟର ପ୍ରାୟ ଏକହଜାର ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି । ଏଠାରେ ମଧ୍ୟ ନିୟମିତ ଶିକ୍ଷକ ନିଯୁକ୍ତି ପାଇଁ ଅଦ୍ୟାବଧି କୌଣସି ବ୍ୟବସ୍ଥା ନାହିଁ । ଅତିଥି ଶିକ୍ଷକ ନିଯୁକ୍ତି କରି କାମଚଳା ଶିକ୍ଷାଦାନ ଚାଲିଛି । ଅନେକ ସରକାରୀ ମହାବିଦ୍ୟାଳୟ ଏପରିକି ବିଶ୍ୱବିଦ୍ୟାଳୟମାନଙ୍କରେ ନିୟମିତ ଅଧ୍ୟାପକ ନିଯୁକ୍ତି ହେଉନାହିଁ । ଅନେକ ପଦବୀ ଖାଲି ପଡ଼ିଛି । ଅଧ୍ୟାପକ ଅଭାବରେ ଅନେକ ବିଭାଗ ବନ୍ଦ ରହିଛି । ଯାହାକି ଆର୍ଥିକ ସ୍ୱଚ୍ଛଳ ବର୍ଗର ଛାତ୍ରଛାତ୍ରୀଙ୍କୁ ଘରୋଇ ବିଦ୍ୟାଳୟ ବା ମହାବିଦ୍ୟାଳୟରେ ନାମଲେଖାଇବାକୁ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ହେଉ ଉତ୍ସାହିତ କରୁଛି । ଏଭଳି ପରିସ୍ଥିତିରେ 'ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି' ଯୋଜନା ହୁଏତ ସରକାରୀ ବିଦ୍ୟାଳୟରେ /ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟାରେ ବୃଦ୍ଧି ଘଟାଇବାରେ ସହାୟକ ହେବ,କିନ୍ତୁ ଉଭୟ ଛାତ୍ରଛାତ୍ରୀ ଓ ସରକାରଙ୍କ ଅଭିଳଷିତ ଲକ୍ଷ୍ୟ ଯେ ପୂରଣ ହେବ ଏହା ଆଶା କରାଯାଇ ନପାରେ । ରାଜ୍ୟରେ ଆଜି ଅଭିଭାବକ ଘରୋଇ ଶିକ୍ଷାନୁଷ୍ଠାନମୁହାଁ ହୋଇଛନ୍ତି । ଏହାର ପ୍ରମୁଖ କାରଣ ହେଉଛି ସରକାରୀ ବିଦ୍ୟାଳୟରେ ଶିକ୍ଷକ ଓ ଅଧ୍ୟାପକ ଅଭାବ । ଏହା ସହିତ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ଶିକ୍ଷକ ଭାରାକ୍ରାନ୍ତ । ଶିକ୍ଷାଦାନ ବାଧାପ୍ରାପ୍ତ ହେବ ନିଶ୍ଚୟ । କିଛି ଦିନ ତଳେ ଗଣମାଧ୍ୟମରେ ପ୍ରକାଶିତ ଏକ ଖବର ଏଠାରେ ଉପସ୍ଥାପନ କରିବାକୁ ଉଚିତ ମନେ କରେ । ବଲାଙ୍ଗିର ଜିଲ୍ଲାର ଗ୍ରାମାଞ୍ଚଳର ଏକ ଉଚ୍ଚ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଅବସ୍ଥାପିତ ଅଛନ୍ତି । ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିଛି । ସେମାନେ ଦାବି କରୁଛନ୍ତି ବରଂ ମାଗଣା ଯୋଜନା ଫେରାଇ ନିଅ ଆମକୁ ଶିକ୍ଷକ ଦିଅ । କୌଣସି ବି ମାଗଣା ଯୋଜନା ଅପେକ୍ଷା ସେମାନଙ୍କ ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ହିଁ ସର୍ବଶ୍ରେଷ୍ଠ କାର୍ଯ୍ୟ ବୋଲି ସେମାନେ ଉପଲବ୍ଧି କରିପାରିଛନ୍ତି । ଆବଶ୍ୟକ ଓ ବିଷୟଗତ ଶିକ୍ଷକ ବିନା ବିଦ୍ୟା ଅଧ୍ୟୟନ ଅସାର । ଏକଥା ଆଜି ସାଧାରଣ ମଣିଷଟିଏ ବି ବୁଝି ସାରିଛି । ଏହା ନିଶ୍ଚିତ ଯେ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ମାଗଣା ଶିକ୍ଷାଦାନ ନିତାନ୍ତ ଆବଶ୍ୟକ । ସେମାନଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଅଛି କିନ୍ତୁ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି , ଶିକ୍ଷକଙ୍କୁ ଅଣଶୈକ୍ଷିକ କାର୍ଯ୍ୟରୁ ଅବ୍ୟାହତି , ଶିକ୍ଷକଙ୍କ ଅଧିକାର ଓ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ ହିଁ ଦେଶ ବା ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ସୁଦୃଢ କରିପାରିବ । ସାମାଜିକ ପରିବର୍ତ୍ତନ ଆଣିବାରେ ମୁଖ୍ୟ ଭୂମିକା ନିର୍ବାହ କରିବ । ଏହା ହିଁ ଛାତ୍ରଛାତ୍ରୀଙ୍କ ଜ୍ଞାନୋଦୟ କରିବା ସହିତ ସେମାନଙ୍କଲବ୍ଧ ଶିକ୍ଷା ସେମାନଙ୍କ ଜୀବନରେ ସମୃଦ୍ଧି ଆଣିବାରେ ଗୁରୁତ୍ୱ ବହନ କରିବ । ଅନ୍ୟଥା ସରକାରୀ ନଥିପତ୍ରରେ ଏହା ସଫଳତାର ଗୁଣ କୀର୍ତ୍ତନ କରୁଥିବ ସିନା ଅସଲରେ କିନ୍ତୁ ସାମାଜିକ ସମାନତା ଯେଉଁଠି ଥିଲା ସେଇଠି ଥାଇ ପାରେ କିମ୍ବା ପଛେଇ ଯାଇଥିବ ।

ସିନାପାଲି (ଗୋଡ଼ାଲ ) ନୂଆପଡ଼ା
ମୋ- ୮୦୧୮୧୮୦୩୮୧

# ସଂକଟ ଓ ସମ୍ଭାବନା, ଉଭୟେ ଶୁଭ

ସୁବାସ ଷଡ଼ଙ୍ଗୀ

> ଭାରତ ତାହାର ମୋଟ ପରିବହନ ବ୍ୟୟ ଅପରିଶୋଧିତ ତେଲର ଆବଶ୍ୟକତାର ଶତକଡା ୮୫ ଭାଗ ବିଦେଶରୁ ଆମଦାନି କରେ। ପଶ୍ଚିମ ଏସିଆରେ ଦେଖାଦେଇଥିବା ଅସ୍ଥିରତା ଯଦି ଲାଗି ରହେ,ତେଲ ପରିବହନରେ ବାଧା ଉପୁଜେ, ତେବେ ଆନ୍ତର୍ଜାତିକ ବଜାରରେ ତେଲର ଦାମ ବଢିବ। ଏହାର ସିଧାସଳଖ ପ୍ରଭାବ ଭାରତର ଆମଦାନି ବ୍ୟୟ ଉପରେ ପଡିବ। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଶିଳ୍ପ ଓ ଚାଷୀମାନେ ମଧ୍ୟ ଦରଦାମ୍ ବୃଦ୍ଧିର ଶିକାର ହେବେ।

ଭାରତର ଅର୍ଥନୀତି ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ଠିଆ ହୋଇଛି। ଗୋଟିଏ ପଟେ ପଶ୍ଚିମ ଏସିଆର କ୍ରମବର୍ଦ୍ଧମାନ ଭୂରାଜନୈତିକ ଅସ୍ଥିରତା, ଅନ୍ୟପଟରେ 'କୃତ୍ରିମ ବୁଦ୍ଧିମତ୍ତା'କୁ କେନ୍ଦ୍ର କରି ବିଶ୍ୱବ୍ୟାପୀ ଆରମ୍ଭ ହୋଇଥିବା ପ୍ରଯୁକ୍ତିଗତ ବିପ୍ଳବ। ଏଇ ଦୁଇ ଶକ୍ତି ପୂରାପୂରି ଭିନ୍ନ ପ୍ରକୃତିର ହେଲେ ବି ଉଭୟ ଭାରତର ଅର୍ଥନୀତିକୁ ବିଶେଷ ଭାବରେ ପ୍ରଭାବିତ କରିପାରିବ। ଗୋଟିଏ ପଟେ ରହିଛି, ତେଲର ଦାମ ବୃଦ୍ଧି, ବାଣିଜ୍ୟ ବ୍ୟୟ ଏବଂ ବୈଦେଶିକ ମୁଦ୍ରା ଉପରେ ଚାପର ଆଶଙ୍କା। ଅନ୍ୟ ପଟରେ ରହିଛି ନୂତନ ପ୍ରଯୁକ୍ତି, ନୂତନ ବିନିଯୋଗ ଏବଂ ନୂତନ କର୍ମସଂସ୍ଥାନର ସମ୍ଭାବନା। ଫଳରେ ଭାରତ ଆଗରେ ଚାଲେଞ୍ଜ ଓ ସୁଯୋଗ ଉଭୟେ ରହିଛି।

ଗତ କେତେ ବର୍ଷ ଭିତରେ ଭାରତ ଅନେକବାର ବିଶ୍ୱବ୍ୟାପୀ ଧକ୍କାର ସମ୍ମୁଖୀନ ହୋଇଛି। କୋଭିଡ ମହାମାରି, ସରବରାହ ରେ ବିପର୍ଯ୍ୟୟ, ୟୁକ୍ରେନ ଯୁଦ୍ଧ ଏବଂ ବିଶ୍ୱବ୍ୟାପୀ ମୂଲ୍ୟବୃଦ୍ଧି ମଧ୍ରରେ ଅର୍ଥନୀତିକୁ ସ୍ଥିତିଶୀଳ ରଖିବା ପାଇଁ ଅନେକ ଚେଷ୍ଟା କରାଯାଇଛି। ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି, ବିଦେଶୀ ମଜଭୁତ ମୁଦ୍ରା ଭଣ୍ଡାର ଏବେ ତୁଳନାତ୍ମକ ଭାବେ ଭଲ ଅଛି। ବିଶ୍ୱର ଦ୍ରୁତତମ ବର୍ଦ୍ଧନଶୀଳ ଅର୍ଥନୀତି ମଧ୍ୟରେ ଭାରତ ନିଜର ସ୍ଥାନକୁ ମଜଭୁତ କରିବାକୁ ସକ୍ଷମ ହୋଇପାରିଛି। କିନ୍ତୁ ଏଭଳି ସଫଳତା ଚିରସ୍ଥାୟୀ ନୁହେଁ। ବିଶ୍ୱ ଅର୍ଥନୀତିର ପରିବର୍ତ୍ତିତ ପଟଭୂମିରେ ନୂତନ ନୂତନ ସମସ୍ୟାର ଆବିର୍ଭାବ ଘଟୁଛି ଏବଂ ଆହୁରି ଅଧିକ ଘଟିବ।

ଏବେ ଭାରତ ପାଇଁ ସବୁଠାରୁ ବଡ ସମସ୍ୟା ହେଲା, ଭାରତର ଆମଦାନି ନିର୍ଭରତା। ବିଶେଷତଃ ତେଲ କ୍ଷେତ୍ରରେ। ଭାରତ ତାହାର ମୋଟ ପରିବହନ ବ୍ୟୟ ଅପରିଶୋଧିତ ତେଲର ଆବଶ୍ୟକତାର ଶତକଡା ୮୫ ଭାଗ



ବିଦେଶରୁ ଆମଦାନି କରେ। ପଶ୍ଚିମ ଏସିଆରେ ଦେଖାଦେଇଥିବା ଅସ୍ଥିରତା ଯଦି ଲାଗି ରହେ,ତେଲ ପରିବହନରେ ବାଧା ଉପୁଜେ, ତେବେ ଆନ୍ତର୍ଜାତିକ ବଜାରରେ ତେଲର ଦାମ ବଢିବ। ଏହାର ସିଧାସଳଖ ପ୍ରଭାବ ଭାରତର ଆମଦାନି ବ୍ୟୟ ଉପରେ ପଡିବ। ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଶିଳ୍ପ ଓ ଚାଷୀମାନେ ମଧ୍ୟ ଦରଦାମ ବୃଦ୍ଧିର ଶିକାର ହେବେ।

ଏଠାରେ ପ୍ରଶ୍ନ ଉଠିପାରେ, 'ଚଳନ୍ତି ଖାତାରେ' ଘଟତି ବା ହ୍ରାସର କଥା। ସହଜ ଭାଷାରେ କହିବାକୁ ଗଲେ, ବିଦେଶରୁ ଆମେ ଯେତେ ଡଲାର ପାଉ, ତା ଠାରୁ ଅଧିକ ଡଲାର ଯଦି ଖର୍ଚ୍ଚ କରୁ, ତେବେ ଚଳନ୍ତି ଖାତାରେ ଘଟତିର ପରିମାଣ ବଢିବ। ଏବେ ପରିସ୍ଥିତି ଭଲ ଅଛି, କିନ୍ତୁ ବେଶୀଦିନ ନୁହେଁ। ଯେତେବେଳେ ଅଧିକ ଡଲାର ଦରକାର ହେବ, ସେତେବେଳେ, ଆମେ ଅଧିକ ବିଦେଶୀ ବିନିଯୋଗ ଉପରେ ନିର୍ଭର କରିବାକୁ ବାଧ୍ୟ ହେବୁ। କିନ୍ତୁ ଏବେଠୁ ବିଦେଶୀ ବିନିଯୋଗକାରୀ ବେଶ୍ ସତର୍କ। ମାପିଚୁପି ସେମାନେ ବିନିଯୋଗ କରୁଛନ୍ତି।

ଆମେରିକା ଓ ୟୁରୋପରେ ଏବେ ସୁଧର ହାର ଅଧିକ। ଫଳରେ ବହୁ ଆନ୍ତର୍ଜାତିକ ବିନିଯୋଗ କାରି 'ଉନ୍ନୟନଶୀଳ' ଦେଶ ବଦଳରେ ନିଜ ଦେଶରେ ବିନିଯୋଗ କରିବାକୁ ଚାହାନ୍ତି। ଯାହାର ପ୍ରଭାବ ଭାରତ ଉପରେ ପଡୁଛି। ବିଦେଶୀ ପୁଂଜି ଆସିବା କମୁଛି। ଏଣୁ କେବଳ ବିଦେଶୀ ବିନିଯୋଗକାରୀଙ୍କ ଉପରେ ନିର୍ଭର ନ କରି ଅର୍ଥନୀତିକୁ କିପରି ଆଗେଇନେବାକୁ ହେବ ତାର ବାଟ ଖୋଜିବା ଦରକାର।

ଏଭଳି ପରିସ୍ଥିତିରେ 'ରୂପି'ର ବିନିମୟ ହାର ନେଇ ବିଶେଷ ଭାବେ ଉଦ୍‌ବିଗ୍ନ ହେବାର କୌଣସି କାରଣ ନାହିଁ। ସାଧାରଣ ଲୋକଙ୍କ ପାଇଁ 'ରୂପି'ର ଅବମୂଲ୍ୟାୟନ କ୍ଷତିକାରକ ନୁହେଁ। ତେବେ ମୋଟାମୋଟି ଅର୍ଥନୀତି ଦୃଷ୍ଟିରୁ ଖରାପ କଥାକୁ ସହଜରେ ଏଡାଇ ହେବ ନାହିଁ। ଧରି ନିଆଯାଉ, ଝଡ ଆସୁଛି। ଗୋଟାଏ ଗଛ ସେଇ ଝଡ ସମୟରେ ଦୃଢ ଭାବରେ ଠିଆ ହୋଇ ରହିଲା। ଏ କ୍ଷେତ୍ରରେ ଗଛଟି ଭାଙ୍ଗି ପଡିବାର ଆଶଙ୍କା ଅଧିକ କିନ୍ତୁ ଗଛ ଯଦି ନଇଁଯାଏ, ତେବେ ତାହା ଭାଙ୍ଗିପଡିବାର ସମ୍ଭାବନା କମ୍। ଝଡର ସେ ସହଜରେ ମୁକାବିଲା କରିପାରିବ। 'ରୂପି' କଥାଟି ସେଇଆ। ବିନିମୟ ହାର କିଛି କମିଲେ, ଟଙ୍କାର ମୂଲ୍ୟ କିଛି ପରିମାଣରେ ବଜାୟ ରହି ପାରିବ। ଏଣୁ କେବଳ ସୁଧର ହାର ବଢାଇ ରୂପିକୁ ଠିକ୍ ରଖିବା ଉଚିତ ନୁହେଁ। ସୁଧର ହାର ବଢିଲେ ଦରଦାମ୍ ଉପରେ ତାହାର ପ୍ରଭାବ ପଡିବ। ଟଙ୍କାର ଅବମୂଲ୍ୟାୟନକୁ ତା ବାଟରେ ଛାଡିଦେବା ଦରକାର।

ଭାରତ ପାଇଁ ସବୁଠାରୁ ଭଲ ସମୟ ହେଉଛି, 'କୃତ୍ରିମ ବୁଦ୍ଧିମତ୍ତା'ର ବ୍ୟବହାର ନେଇ। ଏବେ ବିଶ୍ୱର ବୃହତ୍ ପ୍ରଯୁକ୍ତି ଉଦ୍ୟୋଗ ଗୁଡିକ 'କୃତ୍ରିମ ବୁଦ୍ଧିମତ୍ତା' ର ବ୍ୟବହାର କରିବାକୁ ଆଗ୍ରହୀ। ଏଆଇ ଭିତ୍ତିଭୂମି, ଡାଟାକେନ୍ଦ୍ର, ଏବଂ ଉନ୍ନତ କମ୍ପ୍ୟୁଟର ବ୍ୟବସ୍ଥା ପାଇଁ ବିଦେଶୀମାନେ ଅନେକ ଅର୍ଥ ବିନିଯୋଗ କରୁଛନ୍ତି। ଅନେକଙ୍କର ଧାରଣା, ଭାରତର ଆଇଟି କ୍ଷେତ୍ର ଭାରତକୁ ଆଗକୁ ନେଇଯିବ। ବ୍ୟକ୍ତିଗତ କମ୍ପ୍ୟୁଟର, ନେଟ୍ ବା କ୍ଲାଉଡ କମ୍ପ୍ୟୁଟିଙ୍ଗ- ଏସବୁ କ୍ଷେତ୍ରରେ ଭାରତର ଶିକ୍ଷିତ ଯୁବଶକ୍ତି ଅନ୍ୟ ବିଦେଶୀ ଯୁବଶକ୍ତିଙ୍କ ତୁଳନାରେ ବହୁ ଆଗରେ ଅଛନ୍ତି। ଆଧୁନିକତା ନାମରେ ପୁରୁଣା ଲୋକମାନଙ୍କୁ ବାହାର କରି ଯେଉଁ ନୂଆ କାମ ଆସିବ, ସେଥିରେ ଭାରତର ଶିକ୍ଷିତ ଯୁବ ସମାଜ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ।

ଭାରତର ପ୍ରକୃତ ଶକ୍ତି ହେଉଛି, ତାର ଶିକ୍ଷିତ ଯୁବଶକ୍ତି। ଦକ୍ଷ ପ୍ରଯୁକ୍ତି ବାହିନୀ। ବିଶ୍ୱର ବହୁ ଦେଶରେ ଜନସଂଖ୍ୟା କମୁଛି। ଏଣୁ ଦକ୍ଷ ଲୋକଙ୍କର ଅଭାବ ଦେଖାଦେବ। ଭାରତ ସେଇ ଜାଗା ଦଖଲ କରିବ।

ଆନ୍ତର୍ଜାତିକ ପରିସ୍ଥିତି ଭାରତ ପାଇଁ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ବହୁ ବଡ ବଡ ଆଟି କମ୍ପାନୀ, ସେମାନଙ୍କ ଉତ୍ପାଦନ ପାଇଁ, ଆଉ ଗୋଟାଏ ଦେଶ ଉପରେ ନିର୍ଭର କରିବାକୁ ଚାହାନ୍ତି ନାହିଁ। ସେମାନେ ବିକଳ୍ପ କେନ୍ଦ୍ର ଅନୁସନ୍ଧାନରେ। ଏହାକୁ କୁହାଯାଉଛି 'ଚାଇନା+୧'। ଭାରତ ଏଥିରୁ ବେଶ ଫାଇଦା ନେଇପାରିବ।

ଭାରତ ପାଇଁ ସମସ୍ୟା ହେଲା, ବିଶ୍ୱରେ ଦେଖାଦେଇଥିବା ଅସ୍ଥିରତାକୁ କିପରି ମୁକାବିଲା କରିବ ? ନିଜ ଦେଶର ଶିକ୍ଷିତ ଯୁବ ବାହିନୀକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ସୁଯୋଗ ସୃଷ୍ଟି କରିବା। ସେଥିପାଇଁ ଆମ ଶିକ୍ଷା ବିଶେଷ କରି ପ୍ରଯୁକ୍ତିଗତ ଶିକ୍ଷା ଉପରେ ଗୁରୁତ୍ୱ ଦେବା।

ଅର୍ଥନୀତି କ୍ଷେତ୍ରରେ ଏମିତି କିଛି ସମୟ ଆସେ, ଯେଉଁଥିରେ ଆଶଙ୍କା ଓ ସୁଯୋଗ ଏକ ସଙ୍ଗରେ ସୃଷ୍ଟି ହୁଏ। ଏବେ ତାହାହିଁ ଘଟିବାକୁ ଯାଉଛି। ତେଲ ବଜାରର ଅନିଶ୍ଚିତତା ଓ ପ୍ରଯୁକ୍ତିଗତ ବ୍ୟବସ୍ଥାର ଏକାଠି କାମ କରିବା ଆମକୁ ବେଶ୍ ଶକ୍ତିଶାଳୀ କରିପାରିବ।

ଭୁବନେଶ୍ୱର
ମୋ-୯୪୩୯୬୫୨୩୨୨

# ପୁରୀ ଜିଲ୍ଲାରେ କୃତ୍ରିମ ପ୍ରଜନନ ସେବା ଠପ୍

କାକଟପୁର,୪ ।୭ (ନିପ୍ର): ପୁରୀ ଜିଲ୍ଲାରେ ପଶୁପାଳନ କ୍ଷେତ୍ରରେ ଏକ ବଡ଼ ସଙ୍କଟ ଦେଖାଦେଇଛି । ଜିଲ୍ଲାର ନିମାପଡ଼ା, ଗୋପ, କାକଟପୁର ସମେତ ବିଭିନ୍ନ ବ୍ଲକ୍‌ର ପ୍ରାଣୀ ଚିକିତ୍ସାଳୟ ଓ ପ୍ରାଣୀଧନ ସହାୟତା କେନ୍ଦ୍ରଗୁଡ଼ିକରେ ତରଳ ନାଇଟ୍ରୋଜେନ୍‌ର ଘୋର ଅଭାବ ଦେଖାଯାଇଛି । ଫଳରେ ଗତ ଏକ ସପ୍ତାହ ହେବ କୃତ୍ରିମ ପ୍ରଜନନ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି, ଯାହା ଚାଷୀମାନଙ୍କ ପାଇଁ ଗଭୀର ଚିନ୍ତାର କାରଣ ସାଜିଛି ।ବାରମ୍ବାର ସମସ୍ୟା, କମୁଛି ଆସ୍ଥା ସୂଚନାଯୋଗ୍ୟ ଯେ, ମାତ୍ର ୮ରୁ ୧୦ ସପ୍ତାହ ପୂର୍ବରୁ ମଧ୍ୟ ପ୍ରାୟ ୧୫ ଦିନରୁ ଅଧିକ ସମୟ ଧରି ଏଲଏନ-୨ ଯୋଗାଣ ବ୍ୟାହତ ହୋଇଥିଲା । ଏବେ ପୁନର୍ବାର ସେହି ସମାନ ସମସ୍ୟା ସୃଷ୍ଟି ହୋଇଥିବାରୁ ବିଭାଗୀୟ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରୀ ସେବା ପ୍ରତି ଚାଷୀମାନଙ୍କର ଆସ୍ଥା କ୍ରମେ ହ୍ରାସ ପାଇବାରେ ଲାଗିଛି । ଆର୍ଥିକ ବୋଝ




ସାଙ୍ଗକୁ ଦୁଗ୍ଧ ଉତ୍ପାଦନ ହ୍ରାସର ଆଶଙ୍କା ସରକାରୀ କେନ୍ଦ୍ରଗୁଡ଼ିକରେ ସେବା ବନ୍ଦ ଥିବାରୁ, ବାଧ୍ୟ ହୋଇ ଚାଷୀମାନେ ଅଧିକ ଅର୍ଥ ଖର୍ଚ୍ଚ କରି ବେସରକାରୀ ମାଧ୍ୟମରେ ଶଙ୍କର ଜାତୀୟ ଗାଈ ଓ ମହିଷଙ୍କ କୃତ୍ରିମ ପ୍ରଜନନ କରାଉଛନ୍ତି । ଏହାଦ୍ୱାରା ଚାଷୀଙ୍କ ଉପରେ ଆର୍ଥିକ ବୋଝ ବଢ଼ିଚାଲିଛି । ପୁରୀ ଜିଲ୍ଲା ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ରାଜ୍ୟରେ ଏକ ଅଗ୍ରଣୀ ସ୍ଥାନ ଅଧିକାର କରିଥିବାବେଳେ, ଏଭଳି ସମସ୍ୟା ଜିଲ୍ଲାର ପଶୁ ପ୍ରଜନନ କାର୍ଯ୍ୟକ୍ରମ ଏବଂ ସାମଗ୍ରିକ ଦୁଗ୍ଧ ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଆଶଙ୍କା କରାଯାଉଛି । ଦୁଗ୍ଧ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରାଣୀଧନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରନ୍ତୁ । ପର୍ଯ୍ୟାପ୍ତ ପରିମାଣରେ ଏଲଏନ-୨ ଯୋଗାଣ ସୁନିଶ୍ଚିତ କରି କୃତ୍ରିମ ପ୍ରଜନନ ସେବାକୁ ଅବିଳମ୍ବେ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ଜୋର ଧରିଛି ।

# ଧାମନଗର ଏନଏସି କାର୍ଯ୍ୟାଳୟରୁ ଚୋରି

ଧାମନଗର,୪ ।୭ (ନିପ୍ର); ଧାମନଗର ଅଞ୍ଚଳରେ ଦିନକୁଦିନ ଚୋରି ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ଚୋରମାନେ ପୋଲିସକୁ ଖୋଲା ଖୋଲି ଚାଲେଞ୍ଜ କରୁଛନ୍ତି । ଗତ ବୁଧବାର ରାତିରେ ଧାମନଗର ଏନଏସି କାର୍ଯ୍ୟାଳୟ ପରିସରରୁ ହୋଇଥିବା ଚୋରି ଘଟଣା ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି । ସୂଚନା ମୁତାବକ ଧାମନଗର ଏନଏସି କାର୍ଯ୍ୟାଳୟରେ ଲାଗିଥିବା ଏସି ଆଉଟ୍ ଡୋର ସାମଗ୍ରୀ,ପାଞ୍ଚଟି ଅଟୋରେ ଲାଗିବାକୁ ଥିବା ଚାର୍ଜର ବ୍ୟାଟେରୀ ଏବଂ ବିଏସଏନଏଲ ବ୍ରଡବ୍ୟାଣ୍ଡ ସଂଯୋଗ ତାରକୁ ଚୋର ମାନେ କାଟି ନେଇଥିବା ଜଣାପଡିଛି । ଏନେଇ ଧାମନଗର ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ନରେନ୍ଦ୍ର ରାଉତ ସଙ୍ଗେ ସଙ୍ଗେ ଏନଏସି କାର୍ଯ୍ୟାଳୟରେ ପହଞ୍ଚି ସିସି କ୍ୟାମେରା ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି । ଭୋର ୪ ଟାରେ ଦୁଇଜଣ ଚୋର ମୁହଁରେ କଳା କପଡା ବାନ୍ଧି ଛାତ ଉପରେ ଚଢି ବେଫିକର ଭାବେ ଚୋରି କରିଥିବା ଜଣାପଡିଛି ଓ ଥାନା କେସ ନଂ ୨୮୨/୨୬ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଚୋରମାନେ ମୁଁହରେ କଳା ପଟି ବାନ୍ଧିଥିବା ଓ ରାତି ଥିବା କାରଣରୁ ସିସିଟିଭି ଫୁଟେଜରୁ ଧରିବାରେ ସମସ୍ୟା ଉପୁଜୁଛି ବୋଲି ଏ ଏସଆଇ ନରେନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ତେବେ ଏନଏସି କାର୍ଯ୍ୟାଳୟରେ ରାତ୍ରୀ ଜଗୁଆଳି ରହୁଥିବା ବେଳେ ଏହି ଚୋରି ସମ୍ପର୍କରେ ସେ କିପରି ଜାଣି ପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବନମହୋତ୍ସବ

ଗୁଣୁପୁର,୪ ।୭ (ନିପ୍ର); ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଗୁଣୁପୁର ବନ ବିଭାଗ ମିଳିତ ଅନୁକୁଲ୍ୟ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ ଏନ ଭି ଜଗନ୍ନାଧା ରାଓ,ପ୍ରଫେସର ଡ଼ ଏ ଭି ଏନ ଏଲ ଶର୍ମା ,ସ୍କୁଲ୍ ଅଫ ନର୍ସିଂ ର ଅଧ୍ୟକ୍ଷା କେ ଜୟଶ୍ରୀ, ପ୍ରଫେସର ପ୍ରତିଭା କର ପ୍ରମୁଖ ଯୋଗ ଦେଇ ପ୍ରଥମେ ଚାରାରୋପଣ କରି ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଗୁଣୁପୁର ବନ ବିଭାଗର ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ଆଚାର୍ଯ୍ୟ , ବନପାଳ ପୂର୍ଣ୍ଣଚନ୍ଦ୍ର ପାତ୍ର , ସବିତା ମହାପାତ୍ର,ବନରକ୍ଷୀ ରାମ କୁମାର ନାୟକ , ସୂର୍ଯ୍ୟ ନାରାୟଣ ମହାକୁଡ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପଞ୍ଚାୟତ ବିକାଶ ଯୋଜନା ଉପରେ ବ୍ଲକସ୍ତରୀୟ କର୍ମଶାଳା

କୃଷ୍ଣପ୍ରସାଦ,୪ ।୭ (ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ବିକାଶ ଯୋଜନା ଉପରେ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ଉନ୍ନୟନ ଅଧିକାରୀ ଅମୀୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ସିପି ପ୍ରଭାତ କୁମାର ଜେନା, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମୀୟ କୁମାର ପଣ୍ଡା,ବେଗା ହାଁସଦା, ବିପ୍ଳବ କେଶରୀ ପ୍ରଧାନ, ଯୋଗାଣ ଅଧିକାରୀ ସଞ୍ଜୟ ଦର୍ଶନ ଦାସ, ରାଜସ୍ୱ ସହାୟକ କାଶୀମ ମହମ୍ମଦ ପ୍ରମୁଖ ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ବ୍ଲକ ଅଧୀନ ସମସ୍ତ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଅଂଶ ଗ୍ରହଣ କରିଥିଲେ ।

## ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

# କୃତୀ ଛାତ୍ରଛାତ୍ରୀ ପୁରସ୍କୃତ

ନିରାକାରପୁର,୪ ।୭ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଧୁମଧାମରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଇଞ୍ଜିନିୟର ବିଶ୍ୱମୋହନ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର କୁମାର ପଟ୍ଟନାୟକ, ଆରତ କୁମାର ବେହେରା, ଦୀପ୍ତି ରଞ୍ଜନ ପଟ୍ଟନାୟକ ଏବଂ ଚନ୍ଦ୍ରମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମରଣିକା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମଗ୍ର କାର୍ଯ୍ୟକ୍ରମଟି ସଫଳତାର ସହ ପରିଚାଳିତ ହୋଇଥିଲା ।ଏହି ପ୍ରତିଷ୍ଠା ଦିବସ ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । କୃତୀ ଛାତ୍ରୀ ତନ୍ମୟୀ ପଲଟାସିଂହ, ସାଗରିକା ସାହୁ ଓ ଅନ୍ନପୂର୍ଣ୍ଣା ରଥଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ

## ନଗଦ ଟଙ୍କା, ମୋବାଇଲ ଫୋନ, କାର ଓ ତାସ ଜବତ

କେସିଙ୍ଗା,୪/୭ (ନିପ୍ର) କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଜବାହାଲ ସ୍ଥିତ ବାଲାଜୀ ରାଇସ ମିଲ ଭିତରେ ଚାଲିଥିବା କଥିତ ଜୁଆ ଆଡ୍ଡା ଉପରେ ପୋଲିସ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି । ଚଢ଼ାଉ ବେଳେ ନଗଦ ଟଙ୍କା, ମୋବାଇଲ ଫୋନ, କାର ଓ ତାସ ଜବତ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ କୌଣସି ସୂତ୍ରରୁ ଖବର ପାଇ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଜବାହାଲ ସ୍ଥିତ ବାଲାଜୀ ରାଇସ ମିଲ ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ରାଇସ ମିଲ ଭିତରେ ଜୁଆ ଖେଳ ଚାଲିଥିବା ଅଭିଯୋଗ ମଧ୍ୟରେ ମିଲ ମାଲିକ ଶଙ୍କରଲାଲ ଅଗ୍ରୱାଲ, ତୁଷୁରାର ବିନୋଦ ଜୈନ, ଅନ୍ୟ ଜଣେ ମିଲ ମାଲିକ ସୁନିଲ କେଡିଆଙ୍କ ସମେତ ଯୋରାଡବରାର ଦୁଇ ଯୁବକଙ୍କୁ ପୋଲିସ କାବୁ କରିଥିବା ସୂଚନା ମିଳିଛି । ପୋଲିସ ଘଟଣାସ୍ଥଳରୁ ୬୪ ହଜାର ୩୯୦ ଟଙ୍କା ନଗଦ, ଗୋଟିଏ କାର, ୬ଟି ମୋବାଇଲ ଫୋନ ଏବଂ ୭ ପ୍ୟାକେଟ ତାସ ଜବତ କରିଛି । ଏହି ଚଢ଼ାଉରେ ରାମପୁର ଥାନା ଅଧିକାରିଣୀ ସଂଯୁକ୍ତା ପଧାନ, ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ । ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଜବତ ସାମଗ୍ରୀକୁ ଜବତ କରି ଆଇନଗତ ପଦକ୍ଷେପ ଆରମ୍ଭ କରିଛି । ତେବେ ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗର ତଦନ୍ତ ଚାଲିଛି ।

# ମାଲକାନଗିରିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ମାଲକାନଗିରି ,୪ ।୭: ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ମାଲକାନଗିରି ଉପ-ଜିଲ୍ଲାପାଳ

## ବାଲି ସାଗର ଅଞ୍ଚଳ, ଆହାର କେନ୍ଦ୍ର, ବସ୍ ଷ୍ଟାଣ୍ଡ ଏବଂ ସହରାଞ୍ଚଳ ଆଶ୍ରୟ ସ୍ଥଳୀର ଅନୁଧ୍ୟାନ କରିବା ସହ ସ୍ଥାନୀୟ ଜନସାଧାରଣ ଓ ସରକାରୀ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା

ଦୁର୍ଯ୍ୟୋଧନ ଭୋଇ ମାଲକାନଗିରି ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରି ସେଠାକାର ସ୍ଥିତି ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ସେ ବାଲି ସାଗର ଅଞ୍ଚଳ, ଆହାର କେନ୍ଦ୍ର, ବସ୍ ଷ୍ଟାଣ୍ଡ ଏବଂ ସହରାଞ୍ଚଳ ଆଶ୍ରୟ ସ୍ଥଳୀର ଅନୁଧ୍ୟାନ କରିବା ସହ ସ୍ଥାନୀୟ ଜନସାଧାରଣ ଓ ସରକାରୀ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ସର୍ବପ୍ରଥମେ ଉପ ଜିଲ୍ଲାପାଳ ବାଲି ସାଗର ଅଞ୍ଚଳ ପରିଦର୍ଶନ କରି ସେଠାରେ ଚାଲିଥିବା ଡ୍ରେନେଜ୍ ଓ ବିଭିନ୍ନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ସ୍ଥାନୀୟ ଅଞ୍ଚଳରେ ଯେପରି କୌଣସି ଜଳବନ୍ଦୀ ସମସ୍ୟା ନ ଉପୁଜେ, ସେଥିପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପୌରପାଳିକାର ଯନ୍ତ୍ରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ସେ ସହରରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରି ସେଠାରେ ଦିଆଯାଉଥିବା ଖାଦ୍ୟର ମାନ ଏବଂ ରୋଷେଇ ଶାଳର ସ୍ୱଚ୍ଛତା ଯାଞ୍ଚ କରିଥିଲେ । କେନ୍ଦ୍ରକୁ ଆସୁଥିବା ହିତାଧିକାରୀମାନଙ୍କ ସହ ସେ ସିଧାସଳଖ କଥା ହୋଇ ସେମାନଙ୍କ ପ୍ରତିକ୍ରିୟା ନେଇଥିଲେ । ଗରିବ ଲୋକଙ୍କୁ ଉତ୍ତମ ଓ ସ୍ୱଚ୍ଛ ପରିବେଶରେ ୫ ଟଙ୍କାରେ ସୁଷମ ଖାଦ୍ୟ ଯୋଗାଇଦେବା ପ୍ରଶାସନର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି ।ବସ୍ ଷ୍ଟାଣ୍ଡ ଗସ୍ତ ସମୟରେ ଉପ ଜିଲ୍ଲାପାଳ ସେଠାରେ ଥିବା ଜନସାଧାରଣଙ୍କ ସୁବିଧା ସୁଯୋଗର ତଦାରଖ କରିଥିଲେ । ଯାତ୍ରୀ ପ୍ରତୀକ୍ଷାଳୟର ସଫେଇ, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ଏବଂ ରାତି ସମୟରେ ବସ୍‌ଷ୍ଟାଣ୍ଡରେ ଉପଯୁକ୍ତ ଆଲୋକୀକରଣ ବ୍ୟବସ୍ଥାକୁ ତୁରନ୍ତ ସୁଧାରିବା ପାଇଁ ସେ ପରିବହନ ସଂସ୍ଥା ଓ ମ୍ୟୁନିସିପାଲିଟି ଅଧିକାରୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି । ଏହା ସହିତ ଉପ ଜିଲ୍ଲାପାଳ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ସହ ସେବା ସମ୍ପର୍କରେ ପଚାରି ବୁଝିଥିଲେ । ଡାକ୍ତରଖାନାରେ ମାଗଣା ଔଷଧର ଉପଲବ୍ଧତା, ରୋଗୀ ସେବା ଏବଂ ସ୍ୱଚ୍ଛତା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ । ରୋଗୀମାନଙ୍କୁ ଯେପରି ଉତ୍ତମ ଚିକିତ୍ସା ମିଳିପାରିବ ସେଥିପାଇଁ ସେ ମେଡିକାଲ୍ କର୍ତ୍ତୃପକ୍ଷ ଓ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି । ଶେଷରେ ସେ ସହରର ନିରାଶ୍ରୟ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଅର୍ବାନ ସେଲଟର ହୋମ୍ ପରିଦର୍ଶନ କରି ସେଠାକାର ରହଣି ବ୍ୟବସ୍ଥା ଓ ସେବା ସମ୍ପର୍କରେ ପଚାରି ବୁଝିଥିଲେ । ସେଠାରେ ବିଦ୍ୟୁତ ସେବା, ଚିକିତ୍ସା କିଟ୍ ଏବଂ ଶଯ୍ୟାର ସଠିକ୍ ରକ୍ଷଣାବେକ୍ଷଣ ପାଇଁ ସୁନିଶ୍ଚିତ କରିବାକୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ କୁହାଯାଇଛି ।ଜନସାଧାରଣଙ୍କ ଠାରୁ ମିଳିଥିବା ଅଭିଯୋଗ ଏବଂ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଲାଇନ୍ ଡିପାର୍ଟମେଣ୍ଟକୁ ନିର୍ଦ୍ଦିଷ୍ଟ ସମୟସୀମା ଦିଆଯାଇଛି । ଜିଲ୍ଲାରେ ସ୍ୱଚ୍ଛ ଓ ଲୋକାଭିମୁଖୀ ଶାସନ ବ୍ୟବସ୍ଥା ବଜାୟ ରଖିବା ପାଇଁ ଜିଲ୍ଲାପାଳ ଶ୍ରୀ ରାଜସିର୍କେଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ସର୍ବଦା ପ୍ରତିବଦ୍ଧ ବୋଲି ଉପ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

# ଡାକ୍ତରଙ୍କ ଧର୍ମଘଟ: ଜିଲ୍ଲାରେ ରୋଗୀ ସେବା ବାଧାପ୍ରାପ୍ତ

ପାରଳାଖେମୁଣ୍ଡି,୪ ।୭ (ନିପ୍ର); ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମ୍‌ସା)ର ଆହ୍ୱାନକ୍ରମେ ଚାଲିଥିବା ସରକାରୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି । ଗଜପତି ଜିଲ୍ଲାର ସମସ୍ତ ସରକାରୀ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିବାରୁ ଜିଲ୍ଲାର ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ସାଧାରଣ ରୋଗୀମାନେ ଚିକିତ୍ସା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଧର୍ମଘଟ ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ସାଧାରଣ ଓପିଡି ସେବା ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟାହତ ହୋଇଛି । ତେବେ ଓମ୍‌ସାର ନିଷ୍ପତ୍ତି ଅନୁଯାୟୀ ଜରୁରୀକାଳୀନ ଓ ପ୍ରସୂତି ସେବାକୁ ଆଂଶିକ ଭାବେ ଚାଲୁ ରଖାଯାଇଛି । ଏହି ସେବା ପରିଚାଳନା ପାଇଁ ଆୟୁଷ ଓ ଚୁକ୍ତିଭିତ୍ତିକ ଡାକ୍ତରମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଡାକ୍ତର ସଂଘ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ରୀୟ ହାରରେ ଦରମା ଲାଗୁ କରିବା, କେବିକେ ଅଞ୍ଚଳରେ ବଦଳି ନୀତିରେ ସ୍ୱଚ୍ଛତା ଆଣିବା, ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା, ସମାନ କ୍ୟାଡର ବ୍ୟବସ୍ଥା, କ୍ୟାଡର ପୁନର୍ଗଠନ, ପଦୋନ୍ନତି ଓ ବେତନ ସଂଶୋଧନ ସମେତ ୧୦ ଦଫା ଦାବି ପୂରଣ ଦାବିରେ ଏହି ଆନ୍ଦୋଳନ ଚାଲିଛି । ସଂଘର ଅଭିଯୋଗ ଅନୁସାରେ, ଏହି ସମସ୍ତ ଦାବି ନେଇ ପୂର୍ବରୁ ମଧ୍ୟ ଆନ୍ଦୋଳନ କରାଯାଇଥିଲା । ସେତେବେଳେ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦାବି ପୂରଣ ହୋଇନଥିବାରୁ ପୁଣିଥରେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବାକୁ ବାଧ୍ୟ ହୋଇଛନ୍ତି ଡାକ୍ତରମାନେ । ଗଜପତି ଜିଲ୍ଲାରେ ପୂର୍ବରୁ ହିଁ ବହୁ ସରକାରୀ ଡାକ୍ତର ପଦବୀ ଖାଲି ଥିବାବେଳେ ବର୍ତ୍ତମାନର ଧର୍ମଘଟ ସ୍ଥିତିକୁ ଆହୁରି ଜଟିଳ କରିଛି ।

# ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘ ପକ୍ଷରୁ ସାଧାରଣ ଅଧିବେଶନ

ରେଢ଼ାଖୋଲ,୪ ।୭ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଉପଖଣ୍ଡ ବନନିଗମ କାର୍ଯ୍ୟାଳୟ ଠାରେ ଶୁକ୍ରବାର ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘ ପକ୍ଷରୁ ଦ୍ୱିବାର୍ଷିକ ସାଧାରଣ ଅଧିବେଶନ ସହିତ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଏହି ବନ ନିଗମର ଏକମାତ୍ର ସ୍ୱୀକୃତି ପ୍ରାପ୍ତ କର୍ମଚାରୀ ସଂଗଠନ ରହିଛି । ଏଥିରେ ସମ୍ମାନୀୟ ଅତିଥି ଭାବରେ କାର୍ଯ୍ୟକାରୀ ସଭାପତି ସଂଗ୍ରାମ ପଟ୍ଟନାୟକ, ସାଧାରଣ ସମ୍ପାଦକ ରଙ୍ଗାଧର ନାୟକ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଜୋନାଲ ସମ୍ପାଦକ ସସ୍ମିତା ମଲ୍ଲିକ, ଡିଏମ୍ ଶୁଭମ୍ ବେହେରା, ଏସଡିଏମ୍ ମଦନ ମୋହନ ସେଠୀ, ଅଳଙ୍କୃତ ସେଠୀ, ପୂର୍ବତନ ସମ୍ପାଦକ ଶୁଭ ନାରାୟଣ ନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ । ଏଥିରେ ବନ ନିଗମ ସବୁବେଳେ ଲୋକଙ୍କ ସେବାରେ ରହି ଆସିଛି । ଏଥିରେ କର୍ମଚାରୀ ମାନେ ସବୁବେଳେ ସରକାରଙ୍କ ନଜରରେ ଅବହେଳିତ ଅବସ୍ଥାରେ ରହିଛନ୍ତି । ବିଭିନ୍ନ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ ମଧ୍ୟ କୌଣସି ସୁଫଳ ଆଜି ପର୍ଯ୍ୟନ୍ତ ମିଳି ପାରିନାହିଁ ବୋଲି ଅତିଥିମାନେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ରେଢ଼ାଖୋଲ ଶାଖାର ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଂଘର ସମସ୍ତ ସଦସ୍ୟମାନଙ୍କ ସର୍ବ ସହମତି କ୍ରମେ ସଭାପତି ଭାବରେ ପ୍ରଦୀପ ପ୍ରଧାନ, ଉପ ସଭାପତି ସୁଶାନ୍ତ ସାହୁ, ସମ୍ପାଦକ ଅନନ୍ତ ସ୍ୱାଇଁ, ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ଅର୍ଗାନାଇଜ ସେକ୍ରେଟାରୀ ଜୟକୃଷ୍ଣ ଜେନା, ମୁଖ୍ୟ



ଉପଦେଷ୍ଟା ଚିତ୍ରସେନ ଜେନା, ଏଡିଟର ସୌରଭ ଭୋଇ, କୋଷାଧ୍ୟକ୍ଷ ଅଜୟ ଲାକ୍ରା, ଇବି ମେମ୍ବର ସୁପର୍ଣ୍ଣା ଦାସ ପ୍ରମୁଖ ଚୟନ କରି ଶପଥ ପାଠ କରାଯାଇଥିଲା ।

# ୫୦୦ ଲିଟର୍ ଦେଶୀ ମଦ ଜବତ

ପାରଳାଖେମୁଣ୍ଡିର,୪ ।୭ (ନିପ୍ର); ସୁଭାଷ ନଗର, ଜାଗିଲିଲି ସାହିରେ ପୋଲିସ ଚଢ଼ାଉ କରି ଶପୋଲାକି ଶାନ୍ତମ୍ମାଙ୍କ ଘରୁ ପ୍ରାୟ ୫୦୦ ଲିଟର୍ ଦେଶୀ ମଦ ଜବତ କରିଛି । ଏହି ମଦ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ଅପରିଷ୍କାର ପରିବେଶରେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି । ଏହି ଘଟଣାରେ ବେଆଇନ ଭାବେ ଦେଶୀ ମଦ ରଖିବା, ପ୍ରସ୍ତୁତ ଓ ବିକ୍ରି କରିବା ସହ ସଂଗଠିତ ଅପରାଧ ସମ୍ବନ୍ଧୀୟ ଆଇନ ଧାରାରେ ପାରଳାଖେମୁଣ୍ଡି ଥାନା କେସ୍ ନଂ. ୨୭୫/୨୦୨୬ ରୁଜୁ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

# ଅବକାରୀ ବିଭାଗର ଚଢାଉ, ବିୟର ସହ ଦେଶୀ ରନ୍ଧା ମଦ ଜବତ, ୪ ଗିରଫ

ପାରଳାଖେମୁଣ୍ଡି,୪ ।୭ (ନିପ୍ର): ଗଜପତି ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ଅବାକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ଦଣ୍ଡ ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ପାରଳାଖେମୁଣ୍ଡି ଆଦର୍ଶ ଥାନା ଓ ଗୁରାଣ୍ଡି ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ତିନୋଟି କେନ୍‌ରେ ଭର୍ତ୍ତି ଦେଶୀ ରନ୍ଧା ମଦ ସହ ୧୦ରୁ ଉର୍ଦ୍ଧ୍ୱ ୭୫୦ ଏମ୍‌ଏଲ୍ ବିୟର ଭର୍ତ୍ତି ବୋତଲ ଜବତ କରାଯାଇଥିବାର ଜଣାପଡିଛି । ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ଯେ ପାରଳାଖେମୁଣ୍ଡି ସହରର ଜାଗିଲି ସାହି ସମେତ ଗୁରାଣ୍ଡି ଥାନା ଅନ୍ତର୍ଗତ ଚନ୍ଦନଖଳା, ବାଘଶାଳା, ଶରଧାପୁର ଆଦି ଗ୍ରାମା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢାଉ କରାଯାଇଥିଲେ । ଏହି ଚଢାଉ ବେଳେ ଘଟଣା ସ୍ଥଳରେ ବେଆଇନ ଦେଶୀ ରନ୍ଧା ମଦ ସହ ୧୦ରୁ ଉର୍ଦ୍ଧ୍ୱ ବିୟର ବତଲ ଜବତ କରାଯାଇଥିବା ବେଳେ ବେଆଇନ ଭାବେ ବିକ୍ରିବଟା କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଥିବାର ଜଣାପଡିଛି । ଗିରଫ ବ୍ୟକ୍ତିବିଶେଷ ମାନେ ହେଲେ ଯଥା : ଜାଗିଲି ସାହିର ଏମ୍.ମିନା ରାଓ, ଖେଡଡାର ଏ. ଇର୍ସୁ, ଶରଧାପୁରର ବି. କାମେଶ୍ୱର ରାଓ ଓ ବାଘଶାଳାର ପୀତାମ୍ବର ପ୍ରଧାନ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାର ଅବକାରୀ ଅଧୀକ୍ଷକ ଶ୍ରୀ ସାହୁ ସୂଚନା ପ୍ରଦାନ କରିଛନ୍ତି । ଅବକାରୀ ବିଭାଗର ଏହି ଚଢାଉରେ ଅବକାରୀ ବିଭାଗର ଏଏସ୍‌ଆଇ ମିନତି ପାଇକ, କିଶୋର ପ୍ରସାଦ ଘଡାଇ, ମୁରଲି ଧର୍ମାରାଜୁ, ସର୍ବେଶ୍ୱର ଦାସ ପ୍ରମୁଖ ସାମିଲ ଥିଲେ ।

# ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା

କେସିଙ୍ଗା,୪ ।୭ (ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଜବାହାର ଉଚ୍ଚ ବିଦ୍ୟାପୀଠ, ବାଲସିଠାରେ ଶନିବାର ବନ ମହୋତ୍ସବ ସପ୍ତାହ ଉତ୍ସାହର ସହ ପାଳନ କରାଯାଇଛି । ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ସମ୍ମାନିତ ଅତିଥିମାନେ ସକ୍ରିୟ ଭାବେ ଯୋଗଦାନ କରିଥିଲେ । ବନ ମହୋତ୍ସବ ସପ୍ତାହ ଦେଶବ୍ୟାପୀ ଭାବେ ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ପାଳନ କରାଯାଇ ପରିବେଶ ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି କରାଯାଏ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଫରେଷ୍ଟ ଗାର୍ଡ ପ୍ରିୟରଞ୍ଜନ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ କେସିଙ୍ଗା ବନ ବିଭାଗର ଫରେଷ୍ଟ ଗାର୍ଡ ଯସବନ୍ତ ନାଏକ, ଆଶା ସଂଗଠନର ଡିଙ୍ଗର ସାହୁ, ସାମ୍ବାଦିକ ପ୍ରଫୁଲ୍ଲ ସାହୁ ଏବଂ ପୂର୍ବତନ ଖେଳ ଶିକ୍ଷକ କୈବଲ୍ୟ ସାହୁ ଉପସ୍ଥିତ ରହି ବୃକ୍ଷରୋପଣର ଆବଶ୍ୟକତା ଓ ପରିବେଶ ସୁରକ୍ଷା ଉପରେ ମତ ରଖିଥିଲେ । ଅଧ୍ୟକ୍ଷୀୟ ଅଭିଭାଷଣରେ ପ୍ରଧାନ ଶିକ୍ଷକ ଶ୍ରୀ ଦେବତା ବୃକ୍ଷର ଉପକାରିତା, ପ୍ରାକୃତିକ ସନ୍ତୁଳନ ରକ୍ଷାରେ ଏହାର ଭୂମିକା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କର ଅନ୍ୟୂନ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାର ଦାୟିତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇ ସେମାନଙ୍କୁ ଅଧିକ ପରିଶ୍ରମ ଓ ଉତ୍ତମ ପ୍ରଦର୍ଶନ ପାଇଁ ଉତ୍ସାହିତ କରାଯାଇଥିଲା । ହିନ୍ଦୀ ଶିକ୍ଷକ ଜୟଚନ୍ଦ୍ର ଭୋଇ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିବା ବେଳେ ସହ ଶିକ୍ଷୟିତ୍ରୀ ସେଲୋନୀ ମିଶ୍ର ଏବଂ ଶିକ୍ଷକ ହେମନ୍ତ କୁମାର ପଳାଇ, କୌଶିକ ସାହୁ, ଜଳନ୍ଧର ସାହୁ ଓ ଖାତକ ପୁଟେଲ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ପରିସର ଓ ପଡ଼ିଆରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା । ଉପସ୍ଥିତ ଅତିଥି ଓ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କେବଳ ଗଛ ଲଗାଇବା ନୁହେଁ, ବରଂ ତାହାର ନିୟମିତ ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ । ସମଗ୍ର କାର୍ଯ୍ୟକ୍ରମଟି ପରିବେଶ ସଚେତନତାର ଏକ ସଫଳ ବାର୍ତ୍ତା ଦେବା ସହ ଛାତ୍ରଛାତ୍ରୀଙ୍କ ମନରେ ପ୍ରକୃତି ପ୍ରତି ଭଲପାଇବା ଓ ଦାୟିତ୍ୱବୋଧ ସୃଷ୍ଟି କରିଥିଲା ।

# ଓଡ଼ିଶା ସାହିତ୍ୟ ଏକାଡେମୀର ପକ୍ଷରୁ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

ବୌଦ୍ଧ,୪/୭ (ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ, ପ୍ରସାର ଏବଂ ନବପିଢ଼ି ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆସନ୍ତା ଜୁଲାଇ ୨୫ ତାରିଖରେ ଭୁବନେଶ୍ୱରଠାରେ ପାଳିତ ହେବାକୁ ଥିବା ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ବୌଦ୍ଧ ଜିଲ୍ଲାରେ ବିଭିନ୍ନ ଜିଲ୍ଲାସ୍ତରୀୟ ଓଡ଼ିଆ ରଚନା, ବକ୍ତୃତା, କବିତା ଆବୃତ୍ତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ସ୍ଥାନୀୟ ଜିଲ୍ଲା ସଂଗ୍ରହାଳୟ ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁଙ୍କ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ସମସ୍ତ ବିଭାଗ ପାଇଁ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପୃଥକ ପୃଥକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

ବକ୍ତୃତା ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ଋଦ୍ଧି ମହାକୁଳ ଏବଂ କନିଷ୍ଠ ବର୍ଗରେ ଅରବିନ୍ଦ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ମାଣିକ ମହାକୁଳ ଓ ବରିଷ୍ଠ ବର୍ଗରେ ସିଦ୍ଧି ମହାକୁଳ ପ୍ରଥମ ସ୍ଥାନ ହାସଲ କରିଥିଲେ । କବିତା ଆବୃତ୍ତି ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ଆଶ୍ରିତା ମହାକୁଡ ଏବଂ କନିଷ୍ଠ ବର୍ଗରେ ଆଲିଶା ମହାକୁଳ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସାଧାରଣ ଜ୍ଞାନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସମର ସାମଲ ଓ ବରିଷ୍ଠ ବର୍ଗରେ ଆଦ୍ୟାଶା ସେଠୀ ପ୍ରଥମ ସ୍ଥାନ ହାସଲ କରିଥିଲେ । ପ୍ରତିଯୋଗିତା ଗୁଡ଼ିକରେ ସାହିତ୍ୟିକ ଡ. ଇଂ. ସଞ୍ଜୟ କୁମାର ପଣ୍ଡା, ରମେଶ ପ୍ରସାଦ ମେହେର, ଦୁଃଖୀଶ୍ୟାମ ବେହେରା, ନବକିଶୋର ଦୀପ, ବସନ୍ତ କୁମାର ସାହୁ, ପଦ୍ମାଳୟା ମିଶ୍ର, ମଧୁମିତା ମିଶ୍ର, ସନ୍ତୋଷ କୁମାର କର୍ଣ୍ଣ ଏବଂ ନୀଳଲୋହିତ ମହାପାତ୍ର ପ୍ରମୁଖ ବିଚାରକ ଭାବରେ ଯୋଗଦେଇ ଥିଲେ ।

# ବନମହୋତ୍ସବ କାର୍ଯ୍ୟକ୍ରମରେ ଗଣମାଧ୍ୟମଙ୍କୁ ଡାକୁ ନାହାନ୍ତି ବନବିଭାଗ !

ଗୋଲାମୁଣ୍ଡା,୪ ।୭(ନିପ୍ର):କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନରେ ଥିବା କେଗାଁ ବନାଞ୍ଚଳରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି । ସୂଚନାରୁ ପ୍ରକାଶ ପ୍ରତି ବର୍ଷ ଜୁଲାଇ ୧ ତାରିଖରୁ ୭ ତାରିଖ ମଧ୍ୟରେ ବନମହୋତ୍ସବ ପାଳନ ହୋଇଥାଏ । କାମ୍ପା ପାଣ୍ଠିରୁ ଆସୁଥିବା ଟଙ୍କାକୁ ବନ ବିଭାଗ ବୃକ୍ଷ ରୋପଣ କରି ଖର୍ଚ୍ଚ କରିଥାନ୍ତି । ହେଲେ ଗଛ ଗୁଡିକର ରକ୍ଷଣାବେକ୍ଷଣା ଅଭାବ ହେତୁ ପ୍ରାୟତଃ ଗଛ ଗୁଡିକ ଶୁଖି ଯାଇଥାଏ । ଅନ୍ୟପଟେ ବନମହୋତ୍ସବ ପ୍ରଚାର ପ୍ରସାର ପାଇଁ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକା ଯାଉ ନ ଥିବା ଏକ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କୁ ଡାକିଲେ ବନ ବିଭାଗର ଦୋଷ ଦୁର୍ବଳତା ପଦାରେ ପଡ଼ିଯିବ କି ବୋଲି ଏକ ସନ୍ଦେହ ଉପୁଜିଛି । ପ୍ରତି ବର୍ଷ ବୃକ୍ଷ ରୋପଣ ହେଉଛି ହେଲେ ବନ ବିଭାଗର ରକ୍ଷଣା ବେକ୍ଷଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏବିଷୟରେ କେଗାଁ ବନାଞ୍ଚଳ ଅଧିକାରୀଙ୍କୁ କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କୁ ଡାକୁ ନ ଥିବା କଥା ନେଇ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା । ଏହି ବନ ମହୋତ୍ସବରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡାକିବାର ନିୟମ ଅଛି ବୋଲି ନିଜେ ଅଧିକାରୀ କହିଥିଲେ । ତେବେ କାହିଁକି ବନ ବିଭାଗ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡାକିଲେ ନାହିଁ ସେ ନେଇ ସାମ୍ବାଦିକ ମହଲରେ ସନ୍ଦେହ ସୃଷ୍ଟି ହୋଇଛି ।

# ରାଉରକେଲା ପୋଲିସ ପକ୍ଷରୁ ଆନ୍ତଃଜିଲ୍ଲା ବାଇକ୍ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ୍ : ୨ ଚୋରି ମୋଟରସାଇକେଲ ଉଦ୍ଧାର

ରାଉରକେଲା,୪ ।୭ (ନିପ୍ର): ଶୁକ୍ରବାର ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ୍ ପକ୍ଷରୁ ଯାନବାହନ ଯାଞ୍ଚ ସମୟରେ ଏକ ଆନ୍ତଃଜିଲ୍ଲା ବାଇକ୍ ଚୋରି ରାକେଟର ପର୍ଦ୍ଦାଫାସ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ସୁନ୍ଦରଗଡ଼ର ବିଭିନ୍ନ ଥାନା ଅଞ୍ଚଳରୁ ବାଇକ୍ ଚୋରି କରିଥିବା ସ୍ୱୀକାର କରିଥିବା ବେଳେ ବାଇକ୍ କ୍ରେତାଙ୍କୁ ମଧ୍ୟ ଗିରଫ କରାଯାଇଛି । ସୂଚନା ଅନୁସାରେ ରାଉରକେଲା ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ଗାଡ଼ି ଚୋରି ମାମଲା ଖୋଲତାଡ କରୁଥିବା ବେଳେ ଏକ ଆନ୍ତଃଜିଲ୍ଲା ବାଇକ୍ ଚୋରି ଗ୍ୟାଙ୍ଗର ଦୁଇ ସଦସ୍ୟଙ୍କୁ ଗିରଫ କରିଛି । ପୋଲିସ ସେମାନଙ୍କ କବଜାରୁ ଦୁଇଟି ଚୋରି ମଟରସାଇକେଲ ଉଦ୍ଧାର କରିଛି । ଅଧିକ ତଦନ୍ତ ଚାଲିଛି, ଏବଂ ଗ୍ୟାଙ୍ଗ ସହିତ ଜଡିତ ଅନ୍ୟ ବ୍ୟକ୍ତିମାନଙ୍କୁ ଖୋଜା ଚାଲିଛି । ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୧୧ଟା ସମୟରେ, ଏଏସ୍‌ଆଇ ଏସ୍ ବି ବିଶ୍ୱାଳ ଏବଂ ତାଙ୍କ ପୋଲିସ୍ ଟିମ୍ ପକ୍ଷରୁ ମୋଟରଯାନ ଯାଞ୍ଚ ଏବଂ ନାକାବନ୍ଦୀ ଡ୍ୟୁଟିରେ ଥିଲେ । କୁଆରମୁଣ୍ଡାରୁ ଭେଦବ୍ୟାସ ଯାଉଥିବା ଏକ ଲାଲ ହିରୋ ହୋଣ୍ଡା ସ୍ପେଣ୍ଡର ପ୍ରୋ (ପଞ୍ଜିକରଣ ନମ୍ବର ଓଆର-୧୪




-ଏକ୍ସ-୦୩୮୦)କୁ ଅଟକାଇ ଡ୍ରାଇଭରଙ୍କୁ ଗାଡ଼ି କାଗଜପତ୍ର ମାଗିଥିଲେ । ଡ୍ରାଇଭର କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ । ପଚରାଉଚରା ସମୟରେ, ଅଭିଯୁକ୍ତ ସ୍ୱୀକାର କରିଥିଲା ଯେ ମୋଟରସାଇକେଲଟି ବଣାଇଁ ଅଞ୍ଚଳରୁ ଚୋରି ହୋଇଥିଲା ଏବଂ ବିକ୍ରୟ ପାଇଁ ଓଡଉ ଅଞ୍ଚଳକୁ ନିଆଯାଉଥିଲା । ଅଭିଯୁକ୍ତ ଜଣକ ହେଲେ ବିଶ୍ରା ଥାନା ଅନ୍ତର୍ଗତ ମାସୁରିକୁଦର ବାସିନ୍ଦା ଦୀନବନ୍ଧୁ ଓରଫ ଦିନନାଥ ମୁଣ୍ଡାରୀ (୪୩) ଏବଂ ସେ ବର୍ତ୍ତମାନ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳର ଝାରତରଙ୍ଗର ବାସିନ୍ଦା ବୋଲି ଚିହ୍ନଟ ହୋଇଛି । ପଚରାଉଚରା ସମୟରେ, ଅଭିଯୁକ୍ତ ଏକ ହିରୋ ସ୍ପେଣ୍ଡର ପ୍ରୋ (ପଞ୍ଜିକରଣ ନମ୍ବର ଡଉ-୧୪-କ-୬୩୮୨) ଚୋରି କରିଥିବା ମଧ୍ୟ ସ୍ୱୀକାର କରିଛି । ସେ ପ୍ରକାଶ କରିଛି ଯେ ସେ ବଣାଇ, ବିସ୍ରା, ବେଦବ୍ୟାସ, ରାଉରକେଲା ଟାଉନ୍, ସବଡେଗା, ତଳସରା, ସୁନ୍ଦରଗଡ଼ ଟାଉନ୍ ସଦର ଥାନା ଅଞ୍ଚଳରୁ ମୋଟରସାଇକେଲ ଚୋରି କରିଥିଲା । ଅଭିଯୁକ୍ତ ମଧ୍ୟ ପ୍ରକାଶ କରିଛି ଯେ ସେ ଚୋରା ମୋଟରସାଇକେଲଗୁଡ଼ିକୁ ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାର ଏବଂ ବର୍ତ୍ତମାନ ଝାରତରଙ୍ଗର ଭଣ୍ଡାରଟୋଲିରେ ରହୁଥିବା ରାଜମିସ୍ତ୍ରୀ ଶମ୍ଭୁ କୁମାର ବାଉରୀ (୪୦) ମାଧ୍ୟମରେ ପ୍ରଦାନ କରୁଥିଲା । ପୋଲିସ ଶମ୍ଭୁ କୁମାର ବାଉରୀକୁ ମଧ୍ୟ ଗିରଫ କରିଛି । ଅଭିଯୁକ୍ତଙ୍କଠାରୁ ପୋଲିସ ଦୁଇଟି ଚୋରି ମୋଟରସାଇକେଲ ଜବତ କରିଛି ।

ଅଭିଯୁକ୍ତଙ୍କ ଅପରାଧିକ ପୃଷ୍ଠଭୂମି ଯାଞ୍ଚ କରାଯାଉଛି । ଅନ୍ୟାନ୍ୟ ଯାନବାହାନ ଚୋରି ମାମଲାରେ ସେମାନଙ୍କର ସମ୍ପୃକ୍ତି ନିର୍ଣ୍ଣୟ କରିବା ଏବଂ ଅନ୍ୟ ଗ୍ୟାଙ୍ଗ ସଦସ୍ୟଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ତଦନ୍ତକୁ ଜୋରଦାର କରାଯାଇଛି ।

## ଲାଲୁ ଓ ରାବଡ଼ୀଙ୍କୁ ପୁଣି ମିଳିଲା 'ଜେଡ୍' ସୁରକ୍ଷା

ପାଟନା,୪।୭: ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଶନିବାର ବିହାରର ଏନଡିଏ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି। 'ଜେଡ୍' ଶ୍ରେଣୀର ସୁରକ୍ଷା ପ୍ରତ୍ୟାହାର କରିବା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡ଼ୀ ଦେବୀଙ୍କୁ ୧୦ ସର୍କୁଲାର ରୋଡ ବାସଭବନରୁ ବାହାର କରିବାକୁ ନେଇ ପ୍ରଶାସନ ବଡ଼ ଭୁଲ୍ କରିଛି ବୋଲି ଲାଲୁ କହିଛନ୍ତି। ରାଜ୍ୟ ସରକାର ଉଭୟ ଲାଲୁ ପ୍ରସାଦ ଓ ପତ୍ନୀ ରାବଡ଼ୀ ଦେବୀଙ୍କ ଜେଡ୍ ସୁରକ୍ଷା ପ୍ରତ୍ୟାହାର କରିନେଇଥିଲା। ଏହା ବଦଳରେ ସେମାନଙ୍କୁ ବିହାର ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ବିଏସ୍ଏପି) ସୁରକ୍ଷା ପ୍ରଦାନ କରିଥିଲା। ତେବେ ପ୍ରାୟ ମାସକ ପରେ ଶନିବାର ରାଜ୍ୟ ଗୃହ ବିଭାଗ ଏକ ବିଜ୍ଞପ୍ତି ଜାରି କରି ଦୁଇଜଣଙ୍କ ସୁରକ୍ଷା ବୃଦ୍ଧି କରି 'ଜେଡ୍' ବର୍ଗର ସୁରକ୍ଷା ପ୍ରଦାନ କରିଥିଲେ। ସେମାନଙ୍କ ପାଇଁ ବୁଲେଟ ପ୍ରୁଫ୍ ଗାଡ଼ି ବ୍ୟବସ୍ଥା ମଧ୍ୟ କରିଛନ୍ତି। ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରି ଲାଲୁ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ସରକାର ବଡ଼ ଭୁଲ୍ କରିଥିଲେ। ଏବେ ସରକାର ତାଙ୍କ ନିଷ୍ପତ୍ତିରୁ ପଛକୁ ହଟିଛନ୍ତି।

## ଘରୁ କାମ କରିବା ନିର୍ଦ୍ଦେଶ ପ୍ରତ୍ୟାହାର: ଦିଲ୍ଲୀ ସରକାର

ନୂଆଦିଲ୍ଲୀ,୪।୭: ରାଜଧାନୀ ଦିଲ୍ଲୀ ସରକାର ବୁଧବାର ଏବଂ ଶନିବାର ଦିନ କର୍ମଚାରୀମାନଙ୍କ ପାଇଁ ଲାଗୁ ହୋଇଥିବା ଘରୁ କାମ(ଡବ୍ଲ୍ୟୁଏଫଏଚ)ବ୍ୟବସ୍ଥାକୁ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ନିଷ୍ପତ୍ତିକୁ ଅନୁମୋଦନ କରିଛନ୍ତି, ଏବଂ ଖୁବ୍ ଶୀଘ୍ର ଏକ ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରାଯିବ। ଏହି ପଦକ୍ଷେପକୁ ରାଜଧାନୀରେ ସାଧାରଣ ପ୍ରଶାସନିକ କାର୍ଯ୍ୟକୁ ପୁନଃସ୍ଥାପିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ଦେଖାଯାଉଛି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଏହି ନିଷ୍ପତ୍ତି ଅନୁଯାୟୀ, ବୁଧବାର ଏବଂ ଶନିବାର ଲାଗୁ ହୋଇଥିବା ଘରୁ କାମ କରିବା ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ) କହିଛି ଯେ, ଏ ସମ୍ପର୍କରେ ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରାଯିବ। ପଶ୍ଚିମ ଏସିଆରେ ଭୂରାଜନୈତିକ ଉତ୍ତେଜନା ହ୍ରାସ ପାଇବା ଯୋଗୁ, ଦିଲ୍ଲୀ ସରକାର ତାଙ୍କ କର୍ମଚାରୀଙ୍କ ପାଇଁ ବୁଧବାର ଏବଂ ଶନିବାର ଦୁଇ ଦିନିଆ ଘରୁ କାମ ବ୍ୟବସ୍ଥା ପ୍ରତ୍ୟାହାର କରିନେଇଛନ୍ତି। ଘରୁ କାମ ବନ୍ଦ କରିବା ସହିତ, ଦିଲ୍ଲୀ ସରକାର ଜିଏନସିଟିଡି ଅଧୀନରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର ସମୟ ମଧ୍ୟ ପରିବର୍ତ୍ତନ କରିଛନ୍ତି। ନୂତନ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ କାର୍ଯ୍ୟାଳୟଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ ପର୍ଯ୍ୟନ୍ତ ଖୋଲା ରହିବ। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ(ଏମସିଡି)ର ବର୍ତ୍ତମାନର କାର୍ଯ୍ୟସୂଚୀ ପୂର୍ବାହ୍ନ ସାଢ଼େ ୮ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଜାରି ରହିବ। ଏମସିଡି କାର୍ଯ୍ୟାଳୟର ସମୟ ସାରଣୀରେ କୌଣସି ପରିବର୍ତ୍ତନ ହୋଇନାହିଁ। ସିଏମଓ କହିଛି, ପରିସ୍ଥିତି ସ୍ୱାଭାବିକ ହେବା ପରେ, କର୍ମଚାରୀମାନଙ୍କୁ ଏବେ ସପ୍ତାହରେ ପାଞ୍ଚ ଦିନ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପଡିବ।

## ଅତ୍ୟାଧୁନିକ, ୧,୦୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ କରିବ ଆଦାନୀ ଗ୍ରୁପ୍

କୋଲକାତା, ୪।୭- ପଶ୍ଚିମବଙ୍ଗର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବଡ଼ ନିବେଶ କରିବାକୁ ପ୍ରସ୍ତୁତ ଆଦାନୀ ଗ୍ରୁପ୍। ନ୍ୟୁ ଟାଉନରେ ଏକ ଅତ୍ୟାଧୁନିକ ମେଡିକାଲ କଲେଜ ଏବଂ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଏହି ଗ୍ରୁପ୍ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ପ୍ରଦାନ କରିଛି। ଏହି ପ୍ରକଳ୍ପ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ସହିତ ପ୍ରାରମ୍ଭିକ ଆଲୋଚନା ହୋଇସାରିଛି।ସୂତ୍ର ଅନୁସାରେ, ଆଦାନୀ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ କର୍ଣ୍ଣ ଆଦାନୀ ଜୁନ୍ ୬ ତାରିଖରେ ନବାନ୍ନରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିଲେ ଏବଂ ନ୍ୟୁ ଟାଉନରେ ଏକ 'ଆଦାନୀ ହେଲ୍ଥ ସିଟି' ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରକଳ୍ପର ନାମ 'ଆରୋଗ୍ୟ ମନ୍ଦିର' ରଖାଯିବ।ନ୍ୟୁ ଟାଉନର ବେଙ୍ଗଲ ସିଲିକନ୍ ଭ୍ୟାଲି ଅଞ୍ଚଳରେ ଆଦାନୀ ଗ୍ରୁପ୍ ପୂର୍ବରୁ ଡାଟା ସେଣ୍ଟର ଏବଂ ବେଙ୍ଗଲ ଟେକ୍ ପାର୍କ ବିକଶିତ କରୁଛି, ଯାହା ପାଇଁ ଏହାକୁ ୫୫ ଏକର ଜମି ଆବଣ୍ଟନ କରାଯାଇଛି।

## 'ହର୍ଷ ଫାୟାରିଂ' ମାମଲା: ରାଜୁ କୁମାର ସିଂହଙ୍କୁ ୪ ବର୍ଷ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ,୪।୭: ବିହାରର ସାହେବଗଞ୍ଜ ବିଧାୟକ ରାଜୁ କୁମାର ସିଂହଙ୍କୁ ୪ ବର୍ଷର ଜେଲ୍ ଦଣ୍ଡ ସହ ୨୫ ଲକ୍ଷ ଟଙ୍କାର ଜରିମନା। ୮ ବର୍ଷ ପୁରୁଣା 'ହର୍ଷ ଫାୟାରିଂ' ମାମଲାରେ ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟ ପ୍ରଦାନ କରିଛନ୍ତି ଏହି ସଜା । ଦିଲ୍ଲୀର ବସନ୍ତକୁଞ୍ଜରେ ନୂଆ ବର୍ଷର ପୂର୍ବ ସନ୍ଧ୍ୟାରେ ଏକ ପାର୍ଟିରେ ହୋଇଥିବା ହର୍ଷ ଫାୟାରିଂରେ ମହିଳା ଡାକ୍ତର ଅର୍ଚ୍ଚନା ଗୁପ୍ତାଙ୍କ ମୃତ୍ୟୁ ମାମଲାରେ ଏହି ଦଣ୍ଡାଦେଶ ପ୍ରଦାନ କରାଯାଇଛି। କୋର୍ଟ ତାଙ୍କୁ ଆର୍ମସ ଆକ୍ଟ ଅନୁଯାୟୀ ଦୁଇ ମାସ ଜେଲଦଣ୍ଡ ଶୁଣାଇଛନ୍ତି, ସେଭଳି ତାଙ୍କୁ ମୁଖ୍ୟ ମାମଲାରେ ୪ ବର୍ଷ ଜେଲଦଣ୍ଡ ଦିଆଯାଇଛି। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ। ରାଜୁ ସିଂହ ଏହି ମାମଲାରେ ଶୁକ୍ରବାର କୋର୍ଟରୁ ସଜା ଛାଡ କରିବାର ଅପିଲ କରିଥିଲେ। ସେ କୋର୍ଟରେ କହିଥିଲେ ଯେ, 'ସାଇଣ୍ଟିଫିକ୍ ସୂଚନା'ର ଅଭାବ କାରଣରୁ ଏହି ଅପରାଧ କରିଛନ୍ତି। ସେ ଗୁଳିର ପାରାବୋଲିକ୍ ରାସ୍ତା ବିଷୟରେ ଜାଣିନଥିଲେ। ତାଙ୍କର ଏହି ଯୁକ୍ତିକୁ ରାଉଜ ଆଭେନ୍ୟୁ କୋର୍ଟର ସ୍ପେଶାଲ ଜଜ୍ ବିଶାଲ ଗୋଗନିଙ୍କ ଆଗରେ ଉପସ୍ଥାପିତ କରାଯାଇଥିଲା, ଯିଏକି ମାମଲାରେ ସଜାର ସମୟସୀମା ଉପରେ ଦଲିଲ୍ ଶୁଣୁଥିଲେ। ଏହି ମାମଲାରେ ଜୁନ୍ ୬ ତାରିଖରେ କୋର୍ଟ ବିଜେପି ବିଧାୟକ ରାଜୁ କୁମାର ସିଂହଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## ମଦ୍ୟପାନ ପାଇଁ ପୁଅକୁ ମାରି ଦେଲେ ବାପା-ମା

ରାଜକୋଟ,୪।୭: ଗୁଜରାଟର ରାଜକୋଟ ଜିଲ୍ଲାରୁ ଏକ ଚାଞ୍ଚଲ୍ୟକର ପାରିବାରିକ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ୨୩ ବର୍ଷୀୟ ଯୁବକଙ୍କ ମୃତ୍ୟୁକୁ ପ୍ରଥମେ ଆତ୍ମହତ୍ୟା ବୋଲି ଦର୍ଶାଯାଇଥିବା ବେଳେ ପ୍ରକୃତରେ ତାଙ୍କୁ ନିଜ ବାପା-ମାଆ ହିଁ ଜଘନ୍ୟ ହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ସ୍ତ୍ରୀ ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିବା ପରେ ପୁଲିସ ହତ୍ୟାକାରୀ ବାପା ଓ ମାଆଙ୍କୁ ଗିରଫ କରିଛି। ପୁଲିସର ସୂଚନା ମୁତାବକ, ରାଜକୋଟ ଜିଲ୍ଲାର ଗୋଣ୍ଡାଲ ତାଲୁକା ଅନ୍ତର୍ଗତ ଗୁଣ୍ଡାଲା ଗ୍ରାମରେ ଗତ ଜୁନ୍ ୩୦ ତାରିଖ ଦିନ ଏହି ଅଭାବନୀୟ ଘଟଣା ଘଟିଥିଲା। ମୃତ ଯୁବକ ଜଣକ ହେଉଛନ୍ତି ରାମ ବାବୁଭାଇ ବାମ୍ଭଭା। ରାମଙ୍କର ମଦ୍ୟପାନ କରିବାର ଅଭ୍ୟାସ ଥିଲା, ଯାହାକୁ ନେଇ ପ୍ରାୟ ସମୟରେ ତାଙ୍କର ବାପା ବାବୁଭାଇ ଓ ମାଆ ମନୀଷାବେନଙ୍କ ସହ ପ୍ରବଳ ଝଗଡ଼ା ହେଉଥିଲା। ଘଟଣା ଦିନ ମଧ୍ୟ ମଦ୍ୟପାନକୁ କେନ୍ଦ୍ର କରି ସେମାନଙ୍କ ମଧ୍ୟରେ କଳହ ଉଗ୍ର ରୂପ ନେଇଥିଲା। ବିବାଦ ବଢ଼ିବା ପରେ କ୍ରୋଧାନ୍ୱିତ ହୋଇ ମାଆ ମନୀଷାବେନ ପୁଅ ରାମଙ୍କୁ ଜବରଦସ୍ତି ଏସିଡ୍ ପିଆଇ ଦେଇଥିବା ବେଳେ ସେହି ସମୟରେ ବାପା ବାବୁଭାଇ ପୁଅକୁ ମାଡ଼ ମାରିବା ସହ ଶେଷରେ ତଣ୍ଟି ଚିପି ହତ୍ୟା କରିଥିଲେ।

## ଯୋଧପୁର ବିମାନ ବନ୍ଦର ନୂତନ ଟର୍ମିନାଲ ଲୋକାର୍ପିତ

# ଭାରତ ପାଖରେ ରହିଛି ବିଶ୍ୱର ଚତୁର୍ଥ ବୃହତ୍ ରିଫାଇନିଂ କ୍ଷମତା :ମୋଦି



ଯୋଧପୁର, ୪।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସକାଳେ ଯୋଧପୁରରେ ପହଞ୍ଚିଛନ୍ତି। ଏଠାରେ ଯୋଧପୁର ବିମାନ ବନ୍ଦରର ନୂତନ ଟର୍ମିନାଲ ଉଦଘାଟନ କରିବା ପରେ ସେ ବାୟୁସେନା ଷ୍ଟେସନରୁ ସିଧାସଳଖ ପଚପଦ୍ରା ବାଲୋତ୍ରା ଅଭିମୁଖେ ଯାତ୍ରା କରିଥିଲେ। ଅପରାହ୍ନରେ ସେ ପଚପଦ୍ରା ବିଶୋଧନାଗାରର ଉଦ୍‌ଘାଟନ କରିଥିଲେ ଏବଂ ଜୟପୁର ମେଟ୍ରୋ ଫେଜ୍-୨ ସମେତ ଅନେକ ପ୍ରକଳ୍ପକୁ ଉତ୍ସର୍ଗ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦି ଆଜି ସକାଳ ୧୧ଟା ୧୫ ମିନିଟରେ ଯୋଧପୁରରେ ପହଞ୍ଚିଥିଲେ। ସହରର ବହୁ ପ୍ରତୀକ୍ଷିତ ନୂତନ ବିମାନବନ୍ଦର ଟର୍ମିନାଲକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନମନ୍ତ୍ରୀ ବିମାନ ବନ୍ଦର ପରିସରରେ ଏଲଇଡି ସ୍କ୍ରିନ୍ ମାଧ୍ୟମରେ ଦୂରରୁ ବଟନ୍ ଦବାଇବା ଦ୍ୱାରା ନୂତନ ବିମାନବନ୍ଦରକୁ ଉଦଘାଟନ କରିଥିଲେ। ଏହି ସମୟ ମଧ୍ୟରେ ଆଞ୍ଚଳିକ ବିମାନ ସଂଯୋଗ ଯୋଜନା 'ଉଡ଼ାନ-୨ 'ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା।ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଆମେରିକାରେ ଗତ ୫୦ ବର୍ଷ ମଧ୍ୟରେ ରିଫାଇନରୀ ( ବିଶୋଧନାଗାର) ନିର୍ମିତ ହୋଇ ନାହିଁ। ୟୁରୋପର ତୈଳ ବିଶୋଧନାଗାରର କ୍ଷମତା ଧିରେ ଧିରେ ହ୍ରାସ ପାଉଛି , କିନ୍ତୁ ଏହି ସମୟରେ ଭାରତ ନିକଟରେ ବିଶ୍ୱର ୪ର୍ଥ ସବୁଠୁ ବଡ଼ରିଫାଇନିଂର କ୍ଷମତା ଅଛି। ସେ ପଶ୍ଚିମ ଏସିଆରେ ଯୁଦ୍ଧ କାରଣରୁ ସୃଷ୍ଟି ଶକ୍ତି ସଙ୍କଟକୁ ନେଇ କହିଛନ୍ତି, ଭାରତ ନିଜର ଭଲ ନୀତି , ଇନ୍ଧନର ଯୋଗାଣର ଉତ୍ସ ଗୁଡ଼ିକରେ ବିବିଧତା ଆଣି ଏବଂ ମଜବୁତ କୂଟନୀତିକ ସମ୍ପର୍କ ମାଧ୍ୟମରେ ବିଶ୍ୱର ସବୁଠାରୁ ବଡ଼ ବିଶ୍ୱ ଶକ୍ତି ସଙ୍କଟ ମଧ୍ୟରୁ ଗୋଟିଏକୁ ସଫଳତାର ସହିତ ସାମ୍ନା କରିଛି। ଏହାର ବୋଝ ଦେଶର ନାଗରିକଙ୍କ ଉପରେ ବହୁତ କମ୍ ପଡ଼ିଥିଲା। ରାଜସ୍ଥାନ ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ମୋଦି ବାଲୋତ୍ରାର ପଚପଦରାରେ ଦେଶର ପ୍ରଥମ ଗ୍ରୀନଫିଲ୍ଡସମନ୍ୱିତ ରିଫାଇନାରୀ-କମ-ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଏହାସହ ସେ ଏକ ଲକ୍ଷ ପାଞ୍ଚ ହଜାର କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟର ଅନଲାଇନ ଉପାୟରେ ଶିଳାନ୍ୟାସ / ଉଦଘାଟନ ଓ ଲୋକାର୍ପଣ କରିଥିଲେ।

## ଟେଲିଗ୍ରାମ ଉପରେ ପୁଣି ସରକାରଙ୍କ ଛାଟ

## ପାଇରେଟେଡ୍ ଫିଲ୍ମ ଏବଂ ଓଟିଟି କଣ୍ଟେଣ୍ଟ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ ୪।୭; ଦେଶରେ ଡିଜିଟାଲ୍ ପାଇରେସିର ଦ୍ରୁତ ବୃଦ୍ଧି ପାଉଥିବା ସମସ୍ୟା ଦେଖିବାକୁ ମିଳିଛି। ଏହା ବିରୁଦ୍ଧରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ମେସେଜିଂ ପ୍ଲାଟଫର୍ମ ଟେଲିଗ୍ରାମକୁ ଏକ ନୋଟିସ ଜାରି କରି ଏହାକୁ ଏହାର ପ୍ଲାଟଫର୍ମରୁ ବେଆଇନ ଏବଂ ପାଇରେଟେଡ୍ ବିଷୟବସ୍ତୁକୁ ତୁରନ୍ତ ହଟାଇବା ପାଇଁ କଠୋର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି। ମନ୍ତ୍ରଣାଳୟ ସ୍ପଷ୍ଟ ଭାବରେ କହିଛି ଯେ ଟେଲିଗ୍ରାମରେ ପାଇରେଟେଡ୍ ଚଳଚ୍ଚିତ୍ର, ୱେବ୍ ସିରିଜ୍ ଏବଂ ଓଟିଟି ବିଷୟବସ୍ତୁ ସେୟାରିଂ ତୁରନ୍ତ ବନ୍ଦ କରାଯିବା ଉଚିତ। ଏହା ବ୍ୟତୀତ, ସରକାର ପ୍ଲାଟଫର୍ମକୁ ଆଗାମୀ ୧୫ ଦିନ ମଧ୍ୟରେ ଏହି ସମ୍ପର୍କରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ଏକ ବ୍ୟାପକ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। କାରଣ ପାଇରେସି ଭାରତର ଚଳଚ୍ଚିତ୍ର ଶିଳ୍ପ ଏବଂ ଡିଜିଟାଲ୍ ମନୋରଞ୍ଜନ କ୍ଷେତ୍ରକୁ ଯଥେଷ୍ଟ ଆର୍ଥିକ କ୍ଷତି ପହଞ୍ଚାଉଛି। ଅନେକ ନୂତନ ଚଳଚ୍ଚିତ୍ର ଏବଂ ୱେବ୍ ସିରିଜ୍ ମୁକ୍ତିଲାଭ କରିବାର କିଛି ସମୟ ପରେ ବେଆଇନ ଭାବରେ ପ୍ରସାରିତ ହୁଏ। ଯାହା ଫଳରେ ପ୍ରଯୋଜକଙ୍କ ରୋଜଗାର ପ୍ରଭାବିତ ହୁଏ। ଏହି ନୂତନ ନୋଟିସ୍ ବିଭିନ୍ନ ଓଟିଟି ପ୍ଲାଟଫର୍ମ ଏବଂ କଣ୍ଟେଣ୍ଟ ମାଲିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ ପରେ ଆସିଛି। ଏହି ଅଭିଯୋଗ କରିଛି ଯେ ବିନା ଅନୁମତିରେ ଟେଲିଗ୍ରାମରେ ସିନେମା ଏବଂ ୱେବ୍ ସିରିଜ୍ ବହୁଳ ପରିମାଣରେ ସେୟାର କରାଯାଉଛି। ତଦନ୍ତ ପରେ, ମନ୍ତ୍ରଣାଳୟ ପ୍ରାୟ ୩୧୪୨ ଟି ଟେଲିଗ୍ରାମ ଚ୍ୟାନେଲ ଚିହ୍ନଟ କରିଛି। ଯେଉଁମାନେ ପାଇରେଟେଡ୍ କଣ୍ଟେଣ୍ଟ ପ୍ରସାରଣ କରୁଥିବା ଅଭିଯୋଗ ହେଉଛି।

## ଇଥାନଲ ମିଶ୍ରଣକୁ ନେଇ ମିଥ୍ୟା ଅପପ୍ରଚାରକୁ ଖଣ୍ଡନ କଲେ ସରକାର

ନୂଆଦିଲ୍ଲୀ, ୪।୭: ପେଟ୍ରୋଲରେ ଇଥାନଲକୁ ନେଇ ସାମାଜିକ ଗଣମାଧ୍ୟମରେ ନାନା ଅପପ୍ରଚାର ହେଉଥିବା ବେଳେ କେନ୍ଦ୍ର ସରକାର ଏହାକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି । ଏକ ଲିଟର ପେଟ୍ରୋଲ ଉତ୍ପାଦନ ଲାଗି ୧୦ ହଜାର ଲିଟର ପାଣି ଖର୍ଚ୍ଚ ହେଉଥିବା ସମ୍ପର୍କିତ ଦାବି ସମ୍ପୂର୍ଣ୍ଣ ଅମୂଳକ ବୋଲି ସରକାର କହିଛନ୍ତି । ପ୍ରକୃତରେ ଗୋଟିଏ ଲିଟର ଇଥାନଲ ପ୍ରକ୍ରିୟାକରଣ ଲାଗି ୩ରୁ ୫ ଲିଟର ପାଣି ଖର୍ଚ୍ଚ ହୁଏ। ଦେଶରେ ଖାଦ୍ୟ ସୁରକ୍ଷା ଆବଶ୍ୟକତା ମେଣ୍ଟାଇବା ପରେ ବଳକା କୃଷିଜାତ ସାମଗ୍ରୀ ଏଥିରେ ବ୍ୟବହାର କରାଯାଇଥାଏ। ଭାରତରେ ନାଗରିକଙ୍କ ଉପରେ ହେଉଥିବା ଇ-୨୦ ପରୀକ୍ଷଣ ବିପଜ୍ଜନକ ବୋଲି ଦାବି ହୁଏ। ହେଲେ ପ୍ରାୟ ୧୦୦ ବର୍ଷ ହେବ ଗାଡ଼ିରେ ଇଥାନଲ ବ୍ୟବହାର ହୋଇଆସୁଛି । ହେନରୀ ଫୋର୍ଡ ଏହାକୁ ଭବିଷ୍ୟତର ଇନ୍ଧନ ବୋଲି କହିଥିଲେ। ୧୯୦୮ରେ ମଡେଲ ଟି ଇଞ୍ଜିନ ଇଥାନଲ, ଗ୍ୟାସୋଲିନ, କିରୋସିନ ଏବଂ ଯେକୌଣସି ମିଶ୍ରଣରେ ଚାଲିପାରୁଥିଲା। ଆମେରିକାରେ ଇ-୧୦କୁ ସାଧାରଣ ଇନ୍ଧନ ରୂପେ ବ୍ୟବହାର କରାଯାଉଛି । ଆମେରିକା ଇ-୧୫କୁ ପ୍ରୋତ୍ସାହନ ଦେଉଥିବା ବେଳେ ଇ-୮୫ ପର୍ଯ୍ୟନ୍ତ ଇନ୍ଧନ ଅନୁକୂଳ ଲକ୍ଷ ଲକ୍ଷ ଗାଡ଼ି ଚାଲୁଛି । ବ୍ରାଜିଲରେ ଇ-୨୭କୁ ଗ୍ରହଣ କରାଯାଇଥିବା ବେଳେ ଏହାକୁ ୩୫% ପର୍ଯ୍ୟନ୍ତ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି । କାନାଡ଼ା, ଜାପାନ, ଥାଇଲ୍ୟାଣ୍ଡ ଏବଂ ଆଉ କେତେକ ୟୁରୋପୀୟ ଦେଶରେ ଇ-୧୦ ଇନ୍ଧନକୁ ଗ୍ରହଣ କରାଯାଇଛି ।

## ମମତାଙ୍କୁ ଆଉ ଏକ ଝଟକା

## ସମସ୍ତ ପଦବୀରୁ ଇସ୍ତଫା ଦେଲେ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ

କୋଲକାତା,୪।୭: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏବଂ ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ମମତା ବାନାର୍ଜୀଙ୍କୁ ଏକ ବଡ଼ ରାଜନୈତିକ ଝଟକା ଲାଗିଛି। ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଏବଂ ବଙ୍ଗ ଟିଏମସିର ରାଜ୍ୟ ସଭାପତି ଭାବରେ ବିବେଚିତ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ସମସ୍ତ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି। ମମତା ବାନାର୍ଜୀଙ୍କୁ ଲେଖିଥିବା ଚିଠିରେ ସେ କେବଳ ରାଜ୍ୟ ସଭାପତି ପଦ ଛାଡି ନାହାଁନ୍ତି ବରଂ ଦଳ ଏବଂ ଅନ୍ୟାନ୍ୟ ସମସ୍ତ ଜଡିତ ଦାୟିତ୍ୱରୁ ନିଜକୁ ଅଲଗା କରିଛନ୍ତି। ତାଙ୍କ ଇସ୍ତଫା ପତ୍ରରେ, ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ସେ ଅଖିଳ ଭାରତ ତୃଣମୂଳ କଂଗ୍ରେସର ରାଜ୍ୟ ସଭାପତି ପଦରୁ ଇସ୍ତଫା ଦେଉଛନ୍ତି, ଯାହା ତାଙ୍କୁ ଜୁନ ୩, ୨୦୨୬ରେ କାଳିଘାଟରେ ଏକ ବୈଠକ ସମୟରେ ଦିଆଯାଇଥିଲା। ସେ ବର୍ତ୍ତମାନ ଦଳ ମଧ୍ୟରେ ଥିବା ଅନ୍ୟ ସମସ୍ତ ପଦବୀରୁ ମଧ୍ୟ ଇସ୍ତଫା ଘୋଷଣା କରିଛନ୍ତି। ସେ ଚିଠିରେ ଆହୁରି ସ୍ପଷ୍ଟ କରିଛନ୍ତି ଯେ ସେ ଅଖିଳ ଭାରତ ତୃଣମୂଳ କଂଗ୍ରେସ ଏବଂ ଏହାର ସହଯୋଗୀ ସଂଗଠନଗୁଡ଼ିକ ଦ୍ୱାରା ଧାରଣ କରାଯାଇଥିବା ବ୍ୟାଙ୍କ ଆକାଉଣ୍ଟ ପାଇଁ ଜଣେ ଅଧିକୃତ ସ୍ୱାକ୍ଷରକାରୀ ଭାବରେ ତାଙ୍କର ଦାୟିତ୍ୱ ପରିତ୍ୟାଗ କରୁଛନ୍ତି। ଭଟ୍ଟାଚାର୍ଯ୍ୟ ଏହା ମଧ୍ୟ କହିଛନ୍ତି ଯେ ସେ ଆଉ ଭାରତର ନିର୍ବାଚନ କମିଶନଙ୍କ ସମ୍ମୁଖରେ ମମତା ବାନାର୍ଜୀଙ୍କ ପାଇଁ ଜଣେ ଅଧିକୃତ ପ୍ରତିନିଧି ଭାବରେ କାର୍ଯ୍ୟ କରିବେ ନାହିଁ, ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସେ ଏହି ସମ୍ପର୍କରେ ତାଙ୍କର ସମ୍ମତି ପ୍ରତ୍ୟାହାର କରୁଛନ୍ତି।

## ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହତ୍ୟା ଧମକ

ମେଲବୋର୍ଣ୍ଣ,୪।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଜୁଲାଇ ୯ ତାରିଖରେ ଅଷ୍ଟ୍ରେଲିଆ ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ମୋଦି ମେଲବୋର୍ଣ୍ଣରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଥିବାବେଳେ ଏହାପୂର୍ବରୁ ଅନଲାଇନରେ ମୋଦିଙ୍କୁ ହତ୍ୟା ଧମକ ଦିଆଯିବାକୁ ନେଇ ଅଷ୍ଟ୍ରେଲିଆର ଫେଡେରାଲ ପୁଲିସ ତଦନ୍ତ ଆରମ୍ଭ କରିଛି। ଅଷ୍ଟ୍ରେଲିଆ ପୁଲିସ ସାମାଜିକ ଗଣମାଧ୍ୟମରୁ ଧମକ ସମ୍ପର୍କିତ ଏକ ଆଇପି ଠିକଣା ପାଇଛି। ମୋଦିଙ୍କ 'ମେଲବୋର୍ଣ୍ଣ ମିଟ୍ସ ମୋଦି' କାର୍ଯ୍ୟକ୍ରମର ଫେସବୁକ ମାଧ୍ୟମରେ ପ୍ରଚାର କରାଯାଉଥିବା ବେଳେ ପୋଷ୍ଟରେ ତଳେ ଏହି ଧମକପୂର୍ଣ୍ଣ ପୋଷ୍ଟ ରହିଛି। ମେଲବୋର୍ଣ୍ଣର ମାର୍ଭଲ ଷ୍ଟାଡିୟମରେ ମୋଦିଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଅବୁ ମୁସ୍ତାଫା ନାମକ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ପୋଷ୍ଟ କରାଯାଇ କାର୍ଯ୍ୟକ୍ରମ ସମୟରେ ଷ୍ଟାଡିୟମର ଛାତ ବନ୍ଦ ରଖିବାକୁ କୁହାଯାଇଛି, ନଚେତ୍ ମୋଦିଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି କୁହାଯାଇଛି।

## ଦିଲ୍ଲୀ ଦଙ୍ଗା ମାମଲା

## ଉମର ଏବଂ ସରଜିଲଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ,୪।୭: ୨୦୨୦ରେ ହୋଇଥିବା ଦିଲ୍ଲୀ ଦଙ୍ଗା ମାମଲାରେ ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କୁ କୋର୍ଟରୁ ପୁଣି ଥରେ ବଡ଼ ଝଟ୍‌କା ଲାଗିଛି। ଦିଲ୍ଲୀର କରକରଡୂମା ଅଦାଲତର ଅତିରିକ୍ତ ସେସନ୍ସ ଜଜ୍ ସମୀର ବାଜପେୟୀ ଉଭୟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ମାମଲାର ଶୁଣାଣି ସମୟରେ ଦିଲ୍ଲୀ ପୋଲିସ ପକ୍ଷରୁ ଉଭୟଙ୍କ ଜାମିନ ଆବେଦନକୁ ଜୋରଦାର ବିରୋଧ କରାଯାଇଥିଲା। ପୋଲିସ ପକ୍ଷରୁ ହାଜର ହୋଇଥିବା ସ୍ୱତନ୍ତ୍ର ସରକାରୀ ଓକିଲ ମଧୁକର ପାଣ୍ଡେ କୋର୍ଟରେ ସେମାନଙ୍କୁ ଜାମିନକୁ ବିରୋଧ କରିଥିଲେ। ସେ କହିଥିଲେ, ପୂର୍ବରୁ ଜାମିନ ନାକଚ ହେବା ଦିନଠାରୁ ବର୍ତ୍ତମାନ ସୁଦ୍ଧା ମାମଲାର ପରିସ୍ଥିତି କିମ୍ବା ଘଟଣାକ୍ରମରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ । ତେଣୁ ସେମାନଙ୍କୁ ଜାମିନ ମିଳିବା ଉଚିତ ନୁହେଁ । ଅନ୍ୟ ଅଭିଯୁକ୍ତମାନଙ୍କ ତୁଳନାରେ ଉମର ଖାଲିଦ୍ ଏବଂ ସରଜିଲ୍ ଇମାମଙ୍କ ଭୂମିକା ସମ୍ପୂର୍ଣ୍ଣ ଭିନ୍ନ ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା। ସେମାନେ ଏହି ଦଙ୍ଗା ମାମଲାରେ ମୁଖ୍ୟ ଅଭିଯୁକ୍ତ । ଦିଲ୍ଲୀ ପୋଲିସର ଏହି ଯୁକ୍ତିକୁ ଶୁଣିବା ପରେ ଅତିରିକ୍ତ ସେସନ୍ସ ଜଜ୍ ସମୀର ବାଜପେୟୀ ନିଜର ରାୟ ସଂରକ୍ଷିତ ରଖିଥିଲେ ଏବଂ ପରବର୍ତ୍ତୀ ସମୟରେ ଉଭୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

## କାଶ୍ମୀର ସରକାରୀ ସ୍କୁଲ ବହିରେ ଆତଙ୍କବାଦୀଙ୍କୁ 'ମହାନାୟକ' ସମ୍ମାନ

## ବିଜେପିର ତୀବ୍ର ପ୍ରତିବାଦ



ନୂଆଦିଲ୍ଲୀ,୪।୭: ଜାମ୍ମୁ-କାଶ୍ମୀରର ସରକାରୀ ସ୍କୁଲ ପାଠାଗାର ଗୁଡ଼ିକରେ ବଣ୍ଟା ଯାଇଥିବା ଏକ ବହିରେ ଦଣ୍ଡିତ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପ୍ରଶଂସା କରାଯାଇ ମହାନ ବ୍ୟକ୍ତିତ୍ୱ ତଥା ଦେଶର ରୋଲ୍ ମଡେଲ୍ ଭାବେ ଚିତ୍ରିତ କରାଯିବା ଘଟଣାକୁ ନେଇ ଏବେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ସମଗ୍ର ଶିକ୍ଷା ଅଭିଯାନର ଲୋଗୋ ଥାଇ ''ଗ୍ରେଟ୍ ପର୍ସନାଲିଟିଜ୍ ଆଣ୍ଡ ଲେଜେଣ୍ଡସ ଅଫ୍ ଜେଆଣ୍ଡକେ (ସିରିଜ୍-୪)'' ନାମକ ଏହି ବିବାଦୀୟ ବହିଟି ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଛି, ଯେଉଁଥିରେ ଆଇନ ଅନୁଯାୟୀ ଫାଶୀ ପାଇଥିବା କୁଖ୍ୟାତ ଆତଙ୍କବାଦୀ ମକବୁଲ୍ ଭଟ୍ଟଙ୍କୁ ''ଶହୀଦ-ଇ-ଆଜମ'' ଓ ''କ୍ରାନ୍ତିକାରୀ'' ବୋଲି କୁହାଯାଇଥିବା ବେଳେ ସୈୟଦ ଅଲ୍ଲୀ ଶାହ ଗିଲାନୀ, ମସରତ ଆଲମ ଓ ମିରୱାଇଜ୍ ଉମର ଫାରୁକଙ୍କ ଭଳି ବିଚ୍ଛିନ୍ନତାବାଦୀଙ୍କୁ ପ୍ରଶଂସା କରାଯାଇଛି। ବିଧାନସଭାର ବିରୋଧୀ ଦଳ ନେତା ତଥା ବିଜେପି ପ୍ରମୁଖ ସୁନୀଲ ଶର୍ମା ଏହାକୁ 'ଶିକ୍ଷାଗତ ଜିହାଦ' ବୋଲି ଆଖ୍ୟା ଦେଇ କହିଛନ୍ତି ଯେ କୋମଳମତି ପିଲାମାନଙ୍କ ମନରେ ଦେଶପ୍ରେମ ବଦଳରେ ଦେଶଦ୍ରୋହୀଙ୍କ ପ୍ରତି ସମ୍ମାନ ଭରିବାକୁ ଏହା ଏକ ଷଡ଼ଯନ୍ତ୍ର। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରଙ୍କୁ ଦାୟୀ କରିବା ସହ ତୁରନ୍ତ ଶିକ୍ଷାମନ୍ତ୍ରୀ ସକିନା ଇତୁଙ୍କୁ ପଦରୁ ହଟାଇବା ଏବଂ ବହି ଚୟନ କରିଥିବା କମିଟି ସଦସ୍ୟଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ଚାରିଆଡ୍ରୁ ସମାଲୋଚନାର ଶିକାର ହେବା ପରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିଜର ସଫେଇ ଦେଇ କହିଛନ୍ତି ଯେ, ସେ ଏହି ବହିଟିକୁ ଏପର୍ଯ୍ୟନ୍ତ ପଢ଼ିନାହାନ୍ତି କିମ୍ବା ଆଦୌ ଦେଖିନାହାନ୍ତି। ଏହି ପ୍ରସଙ୍ଗକୁ ପ୍ରଥମେ ସାମ୍ନାକୁ ଆଣିଥିବା ସାମାଜିକ ସଂଗଠନ ''ଜାମ୍ମୁ ଓ କାଶ୍ମୀର ପିପୁଲ୍ସ ଫୋରମ୍'' କହିଛି ଯେ, ଯେଉଁ ଆତଙ୍କବାଦୀଙ୍କ ହାତ ନିରୀହ ଲୋକ ଓ ସେନା ଜବାନଙ୍କ ରକ୍ତରେ ଭିଜିଛି, ସେମାନଙ୍କୁ ସ୍କୁଲରେ ବୀର ସୈନିକ ସହ ତୁଳନା କରି ସରକାର ଦେଶ ପାଇଁ ଶହୀଦ ହୋଇଥିବା ବୀର ଯବାନଙ୍କ ପରିବାର ପ୍ରତି ବିଶ୍ୱାସଘାତକତା କରିଛନ୍ତି ଏବଂ ସେମାନଙ୍କ କ୍ଷତରେ ଲୁଣ ବୋଳିଛନ୍ତି। ସଙ୍ଗଠନ ପକ୍ଷରୁ ଏହି ବହିକୁ ତୁରନ୍ତ ନିଷେଧ କରିବା ସହ ନୂଆ ଶିକ୍ଷା ନୀତି ଅଧୀନରେ ଏହି ବହିଟି କିଭଳି ବିନା ଯାଞ୍ଚରେ ସରକାରୀ ଶିକ୍ଷା ବ୍ୟବସ୍ଥାରେ ସାମିଲ ହେଲା, ସେନେଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଉପ-ରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଅନୁରୋଧ କରାଯାଇଛି। ମକବୁଲ୍ ଭଟ୍ଟ ଜଣେ ହତ୍ୟାକାରୀ ଓ ଆତଙ୍କବାଦୀ ଥିଲା, ଯାହାକୁ ସର୍ବୋଚ୍ଚ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ପରେ ୧୯୮୪ ଫେବୃଆରୀ ୧୧ ରେ ତିହାର ଜେଲରେ ଫାଶୀ ଦିଆଯାଇଥିଲା।

# ବର୍ଷାରେ ମୁମ୍ବାଇ ବେହାଲ: ଗେଟ୍ ୱେରେ ଡରାଇଲା ସମୁଦ୍ର



ମୁମ୍ବାଇ,୫।୭: ଭୀଷଣ ବର୍ଷା ଶନିବାର ମୁମ୍ବାଇ ଓ ଆଖପାଖ ଅଞ୍ଚଳକୁ ଜଳାର୍ଣ୍ଣବ କରିଛି। ଅନେକ ସ୍ଥାନରେ ସଡ଼କ ପାଣିରେ ବୁଡ଼ି ଯାଇଥିବା ବେଳେ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କରିଛି। ଲୋକେ ବର୍ଷା ଯୋଗୁ ଉପୁଜିଥିବା ପରିସ୍ଥିତିର ଭିଡିଓ ସୋସିଆଲ ମିଡିଆରେ ସେୟାର କରୁଛନ୍ତି। ଯେଉଁଥିରେ ସହରର ଅଲଗା ଅଲଗା ଅଞ୍ଚଳର ଦୃଶ୍ୟ ଦେଖିବାକୁ ମିଳୁଛି। ବର୍ଷା ଯୋଗୁ ଅନେକ ଅଞ୍ଚଳରେ ଟ୍ରାଫିକ ଧିମେଇ ଯାଇଥିବା ବେଳେ ଲୋକେ ଘଣ୍ଟାଘଣ୍ଟା ଜାମରେ ଫଶି ରହୁଛନ୍ତି। ପାଣିପାଗ ବିଭାଗ ଆଗାମୀ ଦିନମାନଙ୍କରେ ମଧ୍ୟ ଭୀଷଣ ବର୍ଷା ଆକଳନ କରିଛନ୍ତି। ଏଣୁ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଲଗାଣ ବର୍ଷା ଯୋଗୁ ଭସଇର ଅନେକ ଅଞ୍ଚଳରେ ପାଣି ଭରି ଯାଇଛି। ସଡ଼କ ପାଣିରେ ବୁଡ଼ି ରହିବା ଯୋଗୁ ଯାନବାହନ ଚଳାଚଳ ବାଧିତ ହୋଇଛି। ନଭି ମୁମ୍ବାଇରେ ଅନେକ ସଡ଼କରେ ପାଣି ଭରି ଯାଇଛି। ଏହି ସମୟରେ ଗେଟ୍ ୱେ ଅଫ ଇଣ୍ଡିଆରେ ହାଇଟାଇଡ ଲୋକଙ୍କୁ ଭୟଭୀତ କରିଛି। ସମୁଦ୍ରର ଜୁଆର ଯୋଗୁ ଉଚ୍ଚା ଉଚ୍ଚା ଲହଡି ଆସି କୂଳରେ ମାଡ଼ ହେଉଥିବା ଦେଖା ଯାଇଛି। ଏହି ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଲୋକେ ଲଗାତାର ଭିଡିଓ ସେୟାର କରୁଛନ୍ତି। ମୁମ୍ବାଇ ଭାଣ୍ଡୁପର ସୋନପୁର ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ସଡ଼କର ଗୋଟିଏ ପଟ ଧସି ଯାଇଛି। ଏହି ଘଟଣା ଏକ ନିର୍ମାଣାଧୀନ ସ୍ଥାନରେ ହୋଇଛି। ଏଠାରେ ସଡ଼କ ଦୁର୍ବଳ ହେବା ଯୋଗୁ ବାହନ ଗାତରେ ଫଶି ଯାଇଥିଲା। ଦେଖୁ ଦେଖୁ ପୁରା ରାସ୍ତା ଧସିଗଲା। ତେବେ ଏହି ଘଟଣାରେ କେହି ହତାହତ ହୋଇଥିବାର ସୂଚନା ନାହିଁ। ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ସୁରକ୍ଷିତ କରିଛି ଓ ଲୋକଙ୍କୁ ଏହି ରାସ୍ତାରେ ଯାତାୟାତ ନ କରିବାକୁ ପରାମର୍ଶ ଦେଇଛି। ବର୍ଷାର ପ୍ରଭାବ କେବଳ ଆର୍ଥିକ ମହାନଗରର ସଡ଼କରେ ନାହିଁ, ଅନ୍ଧେରୀ ଓ ମଲାଡ ସବୱେରେ ପାଣି ଭରିଯିବା ଯୋଗୁ ଉଭୟ ରାସ୍ତାକୁ ବନ୍ଦ କରାଯାଇଛି। ମୁମ୍ବାଇ ଲୋକାଲ ଟ୍ରେନ ସେବା ମଧ୍ୟ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ଅନେକ ଟ୍ରେନର ବେଗ ହ୍ରାସ ହୋଇଥିବା ବେଳେ ଠାଣେ ଓ ପାଲଘରରେ ପାଣି ଭରିବା ଓ ଗଛ ପଡିବା ଯୋଗୁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ମୁମ୍ବାଇ ମହାନଗର ପାଇଁ ରେଡ ଆଲର୍ଟ ଜାରି କରିଛି। ଭୀଷଣ ବର୍ଷା ଓ ଘଡ଼ଘଡ଼ି ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଅନୁମାନ କରାଯାଇଛି। ବର୍ଷା ଯୋଗୁ ମୁମ୍ବାଇରେ କଲେଜ ଓ ସ୍କୁଲ ଶନିବାର ମଧ୍ୟାହ୍ନରେ ଛୁଟି କରିଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ମୁମ୍ବାଇ, ପୁଣେ ଓ ନାସିକର ଲୋକଙ୍କୁ ପାଣିପାଗ ବିଭାଗର ପରାମର୍ଶ ମାନିବାକୁ ନିବେଦନ କରିଛନ୍ତି ଓ ଅତ୍ୟନ୍ତ ଜରୁରି କାମ ନଥିଲେ ଘରୁ ପଦାକୁ ନ ବାହାରିବା ପାଇଁ କହିଛନ୍ତି। ତେବେ ପ୍ରଶାସନ ଲଗାତାର ପରିସ୍ଥିତି ଉପରେ ନଜର ରଖି ରହିଛି।

## ଲଣ୍ଡା ପାହାଡ଼ରୁ ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ, ଜଣେ ଗିରଫ



ହିଞ୍ଜିଳିକାଟୁ,(ନି.ପ୍ର): ଗଞ୍ଜାମ ଜିଲ୍ଲା ବେଲଗାଁ ପୋଲିସ ହିଞ୍ଜିଳିକାଟୁ ତହସିଲ ଅଧିନ ସାହାପୁର ମୌଜା ଲଣ୍ଡା ପାହାଡ଼ରୁ ଶୁକ୍ରବାର ସନ୍ଧ୍ୟା ସମୟରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଓ ବ୍ଲାଷ୍ଟିଂ ତାର ଜବତ କରିଛି । ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ବେଲଗାଁ ଥାନା ଧୋବାଡି ଗ୍ରାମର ବଚନ ଦାସ (୩୪) । ଏ ନେଇ ବେଲଗାଁ ଥାନାରେ କେସ ନଂ - ୯୬/୨୬ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି । ହିଞ୍ଜିଳିକାଟୁ ତହସିଲ ତଥା ବେଲଗାଁ ଥାନା ଅଞ୍ଚଳର ବିଭିନ୍ନ ପାହାଡରୁ ଦୀର୍ଘ ଦିନ ଧରି ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଉଥିବାନେଇ ପୁର୍ବରୁ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରି ଆସୁଥିଲେ । ମାତ୍ର ଏହାକୁ ଆଦୌ ଗୁରୁତ୍ୱ ଦିଆ ଯାଉ ନ ଥିଲା । ପରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ୍ ବିସି ଘଟଣାରେ ତତ୍ପରତା ପ୍ରକାଶ କରିଥିଲେ । ବିସ୍ଫୋରକ ସାମଗ୍ରୀ ସହାୟତାରେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରୁଥିବା ବ୍ୟକ୍ତି ମାନଙ୍କୁ ଗିରଫ କରିବା ସହ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଗଞ୍ଜାମ ଏସପି ଜିଲ୍ଲାର ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନଙ୍କ ତତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ କୌଣସି ସୂତ୍ରରୁ ଖବର ପାଇ ବେଲଗାଁ ଥାନା ସାହାପୁର ଲଣ୍ଡା ପାହାଡ ଉପରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ପାହାଡର ଏକ ସ୍ୱତନ୍ତ୍ର ଗର୍ତ୍ତ ମଧ୍ୟରେ ବେଆଇନ ଭାବେ ପାହାଡର ପଥର ବ୍ଲାଷ୍ଟିଂ ସକାଶେ ଗଚ୍ଛିତ ରଖାଯାଇଥିବା ୬୨ ବକ୍ସ (୧୨ ହଜାର ୪ ଶହ ଜିଲେଟିନ ଷ୍ଟିକ୍) ଓ ୪୭ କଏଲ ବିଶିଷ୍ଟ ବ୍ଲାଷ୍ଟିଂ ତାର ଜବତ କରାଯାଇଥିଲା । ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିବା ଅଭିଯୋଗରେ ଧୋବାଡି ଗ୍ରାମର ବଚନ ଦାସଙ୍କୁ ଗିରଫ କରାଯାଇଥିଲା । ଘଟଣାରେ ଅନ୍ୟ କେହି ସଂପୃକ୍ତ ଅଛି କି ନାହିଁ ସେ ନେଇ ତଦନ୍ତ ଜାରି ରହିଛି । ଆଗାମୀ ଦିନରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ କହିଛନ୍ତି । ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗ ହେଲା, ହିଞ୍ଜିଳିକାଟୁ ତହସିଲ ସାହାପୁର ମୌଜାର ଖାତା ନଂ -୧୪୦୪, ପ୍ଲଟ ନଂ - ୩୦୨୬ ତଥା ୭.୩୦୦ ଏକର କ୍ଷେତ୍ରଫଳ ବିଶିଷ୍ଟ ଲଣ୍ଡା ପାହାଡ଼ର ଲିଜଧାରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଥର ଉତ୍ତୋଳନ ପାଇଁ ଅନୁମତି ମିଳିଛି । ବିସ୍ଫୋରଣ ପାଇଁ ଆଦୌ ଅନୁମତି ମିଳିନାହିଁ । କିନ୍ତୁ ଏହାକୁ ଉଲ୍ଲଂଘନ କରି ଉକ୍ତ ପାହାଡ଼ରେ ବେଆଇନ ଭାବେ ଦୀର୍ଘ ଦିନ ଧରି ବିସ୍ଫୋରକ ସାମଗ୍ରୀ ବ୍ୟବହାର କରି ବ୍ଲାଷ୍ଟିଙ୍ଗ ଚାଲୁଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୁଚନା ମିଳିଛି । ଅନ୍ୟ ପକ୍ଷରେ ଅନୁମତି ନ ଥାଇ ଦୀର୍ଘ ଦିନରୁ ବିସ୍ଫୋରକ ସାମଗ୍ରୀ ଯୋଗାଣ କରୁଥିବା ଅଞ୍ଚଳର ଜଣେ ଜଣାଶୁଣା ବ୍ୟବସାୟୀ ତଥା ଶାସକ ଦଳର ନେତାଙ୍କ ସମ୍ପୃକ୍ତି ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି । କେଉଁ ମାନଙ୍କ ପ୍ରୋତ୍ସାହନ ଯୋଗୁଁ ବେଆଇନ ଭାବେ ଏଭଳି କାରବାର ଚାଲିଛି ତାହା ତଦନ୍ତ ପରିସରଭୁକ୍ତ ହେବା ଜରୁରୀ । ଏ ବାବଦରେ ପୋଲିସ ନିରପେକ୍ଷ ଭାବେ ଅଧିକ ଖୋଳତାଡ଼ କଲେ ଆଉ କିଛି ଚେହେରା ସାମ୍ନାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ରାଜଧାନୀରେ ତ୍ରିକୋଣୀୟ ପ୍ରେମକୁ ନେଇ ବୁଲିଲା ଖଣ୍ଡା, ୧୦ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): କୁମ୍ଭୀର ସହ ଯିଏ ମିଶିବ । ତାକୁ ଗୋଡ଼ାଇ ଗୋଡ଼ାଇ ହାଣିବୁ । ଜୀବନରୁ ମାରିଦେବୁ । ଏଭଳି କିଛି ଢ଼ଙ୍ଗରେ ଧମକାଇଲେ । ଆଉ ଯିଏ ସାମ୍ନାରେ ପଡିଲା, ତାକୁ ଖଣ୍ଡାରେ ଚୋଟ ମାରି ଚାଲିଲେ । ଅଟୋରିକ୍ସା, କାର, ବାଇକ୍ ସହ ଦୋକାନ ଭଙ୍ଗାରୁଜା କରି ଆତଙ୍କ ଖେଳାଇଲେ । ଚନ୍ଦ୍ରଶେଖରପୁର ବୁଦ୍ଧବିହାରରେ ପ୍ରେମବ୍ୟାପାରକୁ ନେଇ ଗୁରୁବାରଠୁ ଆରମ୍ଭ ହୋଇଥିବା ଗୋଷ୍ଠୀ ସଂଘର୍ଷ ଉଗ୍ର ରୂପ ନେଇଥିଲା । ଗୋଟିଏ ଗୋଷ୍ଠୀର ଯୁବକମାନେ ପ୍ରତିଶୋଧ ନେବାକୁ ବୁଦ୍ଧ ବିହାର ଆବାସରେ ପୁଣି ତୁମୁଳକାଣ୍ଡ ଭିଆଇଛନ୍ତି । ଆକ୍ରମଣର ଶିକାର ହୋଇଛନ୍ତି, ବୁଦ୍ଧ ବିହାର ଆଲର୍ଟିସ୍ ଆସୋସିଏସନ ସମ୍ପାଦକ ଗୌରାଙ୍ଗ ଚରଣ ଦାସଙ୍କ ବଡ଼ ପୁଅ ଶୁଭମ୍ ସ୍ୱରାଜ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି । ସାମାନ୍ୟ ଆହତ ହୋଇଥିବା ଅନ୍ୟ ୨ଜଣଙ୍କ ପରିଚୟ ମିଳିପାରିନାହିଁ । ଘଟଣାରେ ୧୪ ଜଣରୁ ଅଧିକ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି । ପୁଲିସ ଏବେ ଘଟଣାର ଆଦ୍ୱନ ନେଇ ମୁଖ୍ୟ ଅଭିଯୁକ୍ତ ସମେତ ୧୦ ଜଣଙ୍କୁ ଗିରଫ କରିଛି । ବାକି କୁମ୍ଭୀର ଏବଂ ତାର ଦୁଇ ସହଯୋଗୀ ଫେରାର ଅଛନ୍ତି । ରାତି ପ୍ରାୟ ସାଢ଼େ ୮ଟା । ବୁଦ୍ଧବିହାର ଆବାସକୁ ପଶିଆସିଲା ୫-୬ଟି ବାଇକ୍ ଓ ସ୍କୁଟି । ମୁଖାପିନ୍ଧା ୧୫ରୁ ଅଧିକ ଯୁବକ ହାତରେ ଖଣ୍ଡା, ଭୁଜାଲି ଧରିଥିଲେ । କୁମ୍ଭୀର କୁଆଡ଼େ ଗଲା ବୋଲି ଜୋର୍ରେ ଚିଲ୍ଲାଇଲେ । ସେତେବେଳକୁ ଶୁଭମ୍ ଓ ଅନ୍ୟମାନେ ଏକ ଦୋକାନରେ ଖଟି କରୁଥିଲେ । ଅପରଗୋଷ୍ଠୀର ମାରଣାସ୍ତ୍ରରେ ସଜ୍ଜିତ ଏତେ ସଂଖ୍ୟକ ଯୁବକଙ୍କୁ ଦେଖି ସଭିଏଁ ଯିଏ ଯୁଆଡ଼େ ପାରିଲା, ଧାଇଁବାକୁ ଲାଗିଲେ । ଶୁଭମ୍ ଦୌଡି ଯିବା ବେଳେ ତଳେ ପଡ଼ିଗଲେ । ଆକ୍ରମଣକାରୀମାନେ ସଂଘବଦ୍ଧ ଭାବେ ତାଙ୍କ ଉପରେ ଝାମ୍ପି ପଡ଼ିଲେ । ସେହିପରି ସନ୍ଧ୍ୟାରେ ଇଶାନେଶ୍ୱର ବସ୍ତିରେ କିଛି ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି । ମୁଖାପିନ୍ଧା ଯୁବକମାନେ ଉକ୍ତ ବସ୍ତିର ଚନ୍ଦନ ନାୟକଙ୍କୁ ଗୋଡ଼ାଇ ହାଣିଛନ୍ତି । ଶୁଭମ୍, ଚନ୍ଦନ ଓ ଅନ୍ୟ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବୁଦ୍ଧବିହାର ଗୋଷ୍ଠୀ ସଂଘର୍ଷ ସହ ଚନ୍ଦନଙ୍କୁ ଆକ୍ରମଣର କିଛି ସାମଞ୍ଜସ୍ୟ ଅଛି କି ନାହିଁ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିଛି । ଗୁରୁବାର ଅପରାହ୍ଣରେ ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ର କରି ବୁଦ୍ଧବିହାର ରାସ୍ତାରେ ଦୁଇ ଗୋଷ୍ଠୀର ୨୦ରୁ ଅଧିକ ଯୁବକ ମୁହାଁମୁହିଁ ହୋଇଥିଲେ । ରାସ୍ତାରେ ଖଣ୍ଡା, ଭୁଜାଲି ବୁଲାଇବା ସହ ଟେକାପଥର ଫିଙ୍ଗାଫିଙ୍ଗି ହୋଇଥିଲେ । କୌଣସି ପକ୍ଷରୁ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦିଆଯାଇନଥିଲା । ପୁଲିସ ଗତକାଲି ଉଭୟ ପକ୍ଷଙ୍କୁ ଥାନାକୁ ଡକାଇ ଆପୋଷ ବୁଝାମଣା କରିଥିଲା । କିନ୍ତୁ ଆକ୍ରମଣ ପରେ ପୁଲିସ ତତ୍ପର ହୋଇଉଠିଛି । ଆକ୍ରମଣ ବେଳର ସିସିକ୍ୟାମେରା ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି । ସେମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି । କୁମ୍ଭୀର କିଏ ? ତାକୁ କାହିଁକି ଟାର୍ଗେଟ କରାଯାଉଛି ସେନେଇ ପୁଲିସ ତନାଘନା ଚଳାଇଛି ।

## ଡିଏନଏ ରିପୋର୍ଟରୁ ଖୋଲିଲା ଅଢେଇ ବର୍ଷ ତଳର ହତ୍ୟା ରହସ୍ୟ : ୩ ଗିରଫ

କଟକ,(ନିପ୍ର) : ଡିଏନଏ ରିପୋର୍ଟରୁ ଖୋଲିଲା ହତ୍ୟା ରହସ୍ୟ । ଅଢେଇ ବର୍ଷ ତଳେ ହୋଇଥିବା ହତ୍ୟାକାଣ୍ଡ ଘଟଣାରେ ଗିରଫ ହେଲେ ୩ ଅଭିଯୁକ୍ତ । ଅଢେଇ ବର୍ଷ ଧରି ଅଜଣା ମୃତଦେହର ପରିଚୟ ମିଳିବା ପରେ ହତ୍ୟାକାରୀଙ୍କୁ ଗିରଫ କରିଛି କ୍ରାଇମ ବ୍ରାଞ୍ଚ ପୋଲିସ । ଗୁଣି ଗାରେଡି ସନ୍ଦେହରେ ବିଭତ୍ସ ଭାବେ ହତ୍ୟା କରିବା ସହିତ ସବୁ ପ୍ରମାଣ ଅଭିଯୁକ୍ତ ନଷ୍ଟ କରିଦେଇଥିଲେ ବୋଲି କହିଛନ୍ତି କ୍ରାଇମ ବ୍ରାଞ୍ଚ ମହାନିର୍ଦ୍ଦେଶକ ବିନାୟତୋଷ ମିଶ୍ର । ଶ୍ରୀ ମିଶ୍ରଙ୍କ ସୂଚନା ମୁତାବକ ଗତ ୨୦୨୩ ନଭେମ୍ବର ୮ ତାରିଖ ଉଦଳା ଥାନା ବହୁବନ୍ଧ ସୁରେଇସାହି ନିକଟ କାଜୁ ଜଙ୍ଗଲର ଏକ ପରିତ୍ୟକ୍ତ କୂଅ ଭିତରୁ ବସ୍ତା ଭିତରେ ପୁରାଇ ପଥର ବନ୍ଧା ଯାଇ ପଡ଼ିଥିବା ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା । ହେଲେ ମୃତକଙ୍କ ପରିଚୟ ପୋଲିସ ପାଇପାରିନଥିଲା । କେବଳ ଅଲଗା ଅଲଗା ଚପଲ ଘଟଣାସ୍ଥଳରୁ ପୋଲିସ ପାଇଥିଲା । ମୃତକଙ୍କ ପରିଚୟ ମିଳିନଥିବା ବେଳେ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡିଥିଲା । ତେବେ ଘଟଣାର ୩ ମାସ ପରେ ଏହି ମୃତଦେହ ଉଦ୍ଧାର ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା । କ୍ରାଇମବ୍ରାଞ୍ଚ ମଧ୍ୟ ସବୁ ଦିଗରୁ ତଦନ୍ତ କରି ଥକି ପଡ଼ିଥିବା ବେଳେ ଅଚାନକ ଗତ ଜୁନ ୧୭ ତାରିଖରେ ଶୁଖୁଆସାହି ଗାଁର ବିଶ୍ୱନାଥ ସିଂ ତାଙ୍କ ପିତା ଯୁବରାଜ ସିଂ ନିଖୋଜ ଥିବା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ ଓ ଥାନାରେ ତାଙ୍କ ପିତାଙ୍କ ଚପଲ ଚିହ୍ନଟ କରିଥିଲେ । ତାଙ୍କ ପିତା ଦୁଇ ଭାଇଙ୍କ ପଟେ ପଟେ ଚପଲ ବ୍ୟବହାର କରୁଥିଲେ । ଏହା ପରେ କ୍ରାଇମବ୍ରାଞ୍ଚ ତାଙ୍କ ଡିଏନଏ ନେଇ ପରୀକ୍ଷା କରାଇବା ପରେ ଶେଷରେ ଖୋଲିଗଲା ସବୁ ରହସ୍ୟ । ଯୁବରାଜ ସିଂଙ୍କୁ ଗୁଣି ଗାରେଡି ପାଇଁ ବଣସାହି ଗ୍ରାମର ସାନଗୌର ମୋହନ ସିଂ, ନରହରି ସିଂ ଏବଂ ଜଣେ ନାବାଳକ ମିଶି ଅଢେଇ ବର୍ଷ ତଳୁ ବଡ଼ବିଲା ଗ୍ରାମ ହାଟକୁ ଡାକି ସେଠାରେ ଏକ ରଶି ସାହାଯ୍ୟରେ ତାଙ୍କ ବେକ ଚିପି ହତ୍ୟା କରିଥିଲେ । ହତ୍ୟା କରିବା ପରେ ତାଙ୍କୁ ନିକଟସ୍ଥ ଜଙ୍ଗଲରେ ରଖିଥିଲେ ଏବଂ ମଧ୍ୟାହ୍ନରେ ଏକ ଗାଡ଼ିରେ ଲଦି ୫ଟି ପଥର ବାନ୍ଧି କୂଅରେ ପକାଇ ଦେଇଥିଲେ । କ୍ରାଇମବ୍ରାଞ୍ଚ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ମାଓ ଡମ୍ପିଂ ଠାବ, ଅସ୍ତ୍ରଶସ୍ତ୍ର ସହ ଅନେକ ସାମଗ୍ରୀ ଉଦ୍ଧାର



ରାୟଗଡା:(ନି:ପ୍ର): ରାୟଗଡା ପୋଲିସ ଦ୍ୱାରା ରଘୁବାରୀରେ ମାଓ ଡମ୍ପିଙ୍ଗ ଠାବ, ଅସ୍ତ୍ରଶସ୍ତ୍ର ସହ ଅନେକ ମାଓ ସାମଗ୍ରୀ ଉଦ୍ଧାର । ରାୟଗଡା ଜିଲ୍ଲା ମାଓ ମୁକ୍ତ,ଏସ.ପି । ଆଜି ଅପରାହ୍ନରେ ସ୍ଥାନୀୟ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ (ଡିପିଓ) ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ରାୟଗଡା ଆରକ୍ଷୀ ଅଧିକ୍ଷକ ଶ୍ରୀ ପି. ପ୍ରସାଦ ସୂଚନା ପ୍ରଦାନ କରି କହିଥିଲେ ଯେ, ରାୟଗଡା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ରଘୁବାରୀ ସଂରକ୍ଷିତ ବନାଞ୍ଚଳ ମଧ୍ୟରେ ଏକ ମାଓ ଡ଼ମ୍ପ ଠାବ କରି ରାୟଗଡା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଏସ.ପି ଶ୍ରୀ ପ୍ରସାଦ ଉକ୍ତ ସାମ୍ବାଦିକ ସମ୍ମିଳନୀ ରେ ସୂଚିତ କରିଥିଲେ ଯେ,ସମ୍ପ୍ରତି ଜିଲ୍ଲାରେ ଆରମ୍ଭ କରାଯାଇଥିବା ମାଓ ମୁକ୍ତ ଅଭିଯାନ ପ୍ରକ୍ରିୟାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରୀ ପ୍ରଦତ୍ତ ୩୧ ମାର୍ଚ୍ଚ ୨୦୨୬ ସମୟସିମା ମଧ୍ୟରେ ରାୟଗଡା ଜିଲ୍ଲା ସମ୍ପୂର୍ଣ ମାଓମୁକ୍ତ ହୋଇଥିବା ନେଇ ଏସ.ପି. ଶ୍ରୀ ପି. ପ୍ରସାଦ କହିଥିବା ବେଳେ ସେ ଆହୁରୀ ମଧ୍ୟ ସୂଚିତ କରିଥିଲେ ଯେ,ଏକ ନିର୍ଭର ଯୋଗ୍ୟ ସୂଚନା ଏବଂ ଗୁଇନ୍ଦା ସୂତ୍ର ଆଧାରରେ ଅମ୍ବାଦଳା ପୋଲିସ ଡି.ଭି.ଏଫ, ଏସ ଓ ଜି ଏବଂ ସି.ଆର.ପି.ଏଫ ମିଳିତ ବାହିନୀ ଅମ୍ବଦଳା ପୋଲିସ ଥାନା ସ୍ଥିତ ରଘୁବାରୀ ସଂରକ୍ଷିତ ବନାଞ୍ଚଳରେ ଗତ ଜୁଲାଇ ୨/ ୨୦୨୬ ରେ ଏକ ନକ୍ସଲ ଦମନ ଅଭିଯାନ ପ୍ରକ୍ରିୟାରେ ରାୟଗଡା ଜିଲ୍ଲା ପୋଲିସ ଅନେକ ଆଗ୍ନେୟାସ୍ତ୍ର, ଅସ୍ତ୍ରଶସ୍ତ୍ର, ସହିତ ଅନ୍ୟ ମାଓ ସାମଗ୍ରୀ ଜବତ କରି ଏକ ବଡ଼ ସଫଳତା ହାସଲ କରିଛି । ଜବତ କରାଯାଇଥିବା ମଧ୍ୟରେ ୩୮ ପ୍ରକାର ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ସାମିଲ ରହିଛି । ସେଥି ମଧ୍ୟରେ ରହିଛି ବିକେନ୍ଦ୍ରିତ ହୋଇଥିବା ସଟେନ ଗନ ଯନ୍ତ୍ରାଂଶ ଯଥା, ପିଷ୍ଟନ, ବ୍ରିଡ଼ଜବ୍ଲକ, ବ୍ୟାରେଲ, ସ୍ପ୍ରିଙ୍ଗ, ଗାଇଡ଼ ରଡ଼, ୧ଟି, ୩୦୩ ରାଇଫଲ ୧, ୩୦୩ ଗୁଳି ୩୭ ଗୋଟି, ପ୍ରାଥମିକ ତଦନ୍ତ ଅନୁସାରେ ଜବତ କରାଯାଇଥିଲା ।

## ସ୍ତ୍ରୀକୁ କିରାସିନି ଢ଼ାଳି ହତ୍ୟା ମାମଲା
## ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଧର୍ମଗଡ଼,(ନିପ୍ର) : ପାରିବାରିକ କଳହରୁ ନିଜ ସ୍ତ୍ରୀ ଉପରେ କିରାସିନି ଢାଳି ହତ୍ୟା କରିବା ମାମଲାରେ ଅଭିଯୁକ୍ତ ସ୍ୱାମୀକୁ ଆଜୀବନ କାରାଦଣ୍ଡାଦେଶ ହୋଇଛି । ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଗୁଣ୍ଡିଚା ସାମନ୍ତସିଂହାର ଏହି ସେନସେସନାଲ୍ ମାମଲାର ବିଚାର କରି ଶନିବାର ଏହି ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି । କୋର୍ଟ ଅଭିଯୁକ୍ତକୁ ଆଜୀବନ ସଜା ଶୁଣାଇବା ସହ ୫ ହଜାର ଟଙ୍କା ଜୋରିମାନା କରିଛନ୍ତି । ଜୋରିମାନା ଅନାଦେୟ ହେଲେ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ, ଗତ ୨୦୨୧ ମସିହା ଜୁଲାଇ ୨ ତାରିଖରେ ଜୁନାଗଡ଼ ଥାନା ଅନ୍ତର୍ଗତ ତେନ୍ତୁଳିପଡା ଗ୍ରାମର ସୁଦାମ ମାଝୀ (୩୧) ପାରିବାରିକ ତିକ୍ତତା ଯୋଗୁଁ ନିଜ ସ୍ତ୍ରୀ ରଶ୍ମିତା ସରାଫଙ୍କ ଶରୀରରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିଲା । ଏହି ବର୍ବରକାଣ୍ଡ ନେଇ ମୃତ ରଶ୍ମିତାଙ୍କ ଭଉଣୀ ଐଶ୍ୱର୍ଯ୍ୟା ସରାଫ ଜୁନାଗଡ଼ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ । ଏତଲାକୁ ଆଧାର କରି ଜୁନାଗଡ଼ ପୁଲିସ ଆଇପିସିର ଧାରା ୪୯୮(ଇ), ୨୯୪, ୩୦୭, ୩୨୪, ୫୦୬ ଏବଂ ୩୪ ଅଧୀନରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁଦାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଦୀର୍ଘ ଦିନର ସାକ୍ଷ୍ୟ ପ୍ରମାଣ ଓ ଗୁରୁତ୍ୱପୂର୍ଣ୍ଣ ଦଲିଲ୍‌କୁ ଭିତ୍ତି କରି ମାନ୍ୟବର କୋର୍ଟ ଆଜି ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ପ୍ରଶାନ୍ତ ତନ୍ତୀ ପରିଚାଳନା କରୁଥିଲେ ।

## ପୋଲିସ ଡିଜିଙ୍କ ସମୀକ୍ଷା ବୈଠକ

ପୁରୀ(ନିପ୍ର): ସେପଟେ ରଥଯାତ୍ରାରେ ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ସୁପରଚାଳନା ଓ ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସମୀକ୍ଷା ବୈଠକ ପରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ । ଡିଜି କହିଛନ୍ତି ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ରଥଯାତ୍ରାର ପୋଲିସ ଆରେଞ୍ଜମେଣ୍ଟ ଦାୟିତ୍ୱରେ ରହିବେ । ବରିଷ୍ଠ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ ହୋଇଛି । ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରଥଯାତ୍ରା ପାଇଁ ସମୁଦାୟ ୨୦୦ରୁ ଉର୍ଦ୍ଧ୍ୱ ପ୍ଲାଟୁନ ପୋଲିସ ଫୋର୍ସ ବା ୧୨୦୦୦ ସୁରକ୍ଷାକର୍ମୀ ପୁରୀରେ ମୁତୟନ ରହିବେ । ୨୦୦ରୁ ଉର୍ଦ୍ଧ୍ୱ ଓଏସଏପି,ଆଇଆର୍ ବାଟାଲିୟନ ଫୋର୍ସ ସହ ଓଆର କନେଷ୍ଟବଳ, ଟ୍ରାଫିକ କନେଷ୍ଟବଳ, ଏପିଆର୍ କନେଷ୍ଟବଳ ମୁତୟନ ଓ ୩୦୦୦ ପାଖାପାଖି ହୋମଗାର୍ଡ ମୁତୟନ ହେବେ । ୧୦ କମ୍ପାନୀ ସିଏପିଏଫ୍ ମୁତୟନ ରହିବ ଯୋଉଥିରେ ରାପିଡ୍ ଆକ୍ସନ ଫୋର୍ସ, ବିଏସଏଫ୍, ସିଆରପିଏଫ ମୁତୟନ ରହିବେ । ପ୍ରବଳ ବର୍ଷା ଚଳିତ ରଥଯାତ୍ରା ପାଇଁ ବଡ ଚ୍ୟାଲେଞ୍ଜ ରହିବ । ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ,, ଭିଡ ନିୟନ୍ତ୍ରଣ ପାଇଁ ଆଜି ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ବିସ୍ତୃତ ସମୀକ୍ଷା କରାଯାଇଛି । ଓଡିଶା ପୋଲିସର ପୋର୍ଟାଲ,,ଟ୍ରାଫିକ ପାଇଁ ଆଡଭାଇଜାରି ମାନି ଭକ୍ତମାନେ ପୁରୀ ଆସିବେ ।

## ଶୌଚ ହେବାକୁ ଯାଉଥିବା ମନ୍ଦିର ପୂଜକଙ୍କୁ ସାପ କାମୁଡିବାରୁ ମୃତ୍ୟୁ

ଆଠଗଡ (ନିପ୍ର): ଆଠଗଡ ଥାନା ଅନ୍ତର୍ଗତ କୁଲାଇଲୋ ପଞ୍ଚାୟତ ତଳଗଡ଼ ଗ୍ରାମର ସ୍ୱପ୍ନେଶ୍ୱର ମନ୍ଦିର ପୂଜକଙ୍କ ସାପ କାମୁଡ଼ା ଭଳି ଏକ ଅଭାବନୀୟ ଘଟଣାରେ ମୃତ୍ୟୁ ଘଟିଛି । ଆଜି ଅପରାହ୍ନରେ ପୂଜକ ନିରଞ୍ଜନ ରଣା ୫୨ ବର୍ଷ, ତଳଗଡ଼ ନାଳକୁ ଶୌଚ ହେବାକୁ ଯାଇଥିବା ବେଳେ ସର୍ପାଘାତରେ ଆହତ ହୋଇ ଦୌଡ଼ି ଦୌଡ଼ି ଆସି ଗାଁ ନିକଟରେ ପଡି ଯାଇଥିଲେ । ଗ୍ରାମବାସୀମାନେ ତାଙ୍କ ପାଟିରୁ ଫେଣ ବାହାରୁଥିବା ଦେଖି ତୁରନ୍ତ ତାଙ୍କୁ ମାଧପୁର ଡାକ୍ତର ଖାନାକୁ ନେଇଯାଇଥିଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । ଆଠଗଡ ଡାକ୍ତରଖାନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଖବର ଶୁଣିବା ପରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ଡାକ୍ତରଖାନରେ ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ଏକ ଅପମୃତ୍ୟ ମାମଲା ରୁଜୁ କରିଥିଲେ । ଆଠଗଡ ଥାନାରେ କେସ ନମ୍ବର ୨୭/୨୦୨୬ ରେ ମାମଲା ରୁଜୁ ହେବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି । ଗ୍ରାମ ଶ୍ମଶାନରେ ପୂଜକ ରଣାଙ୍କର ଶେଷ କୃତ୍ୟ ଶୋକାକୂଳ ପରିବେଶରେ ସମ୍ପର୍ଣ୍ଣ ହୋଇଥିଲା ।

## ଲକ୍ଷାଧିକ ଟଙ୍କାର ସୁନା ଓ ରୂପା ଗହଣା ଚୋରି

ଗଞ୍ଜାମ, (ନିପ୍ର): ତାରସିଙ୍ଗି ଥାନା ବେଙ୍ଗସର କୁତୁତାଇ ମୁଖ୍ୟ ରାସ୍ତାରେ ଥିବା ରାଜା ଜୁଏଲର୍ସରୁ ବହୁ ଲକ୍ଷଟଙ୍କାର ସୁନା ରୂପା ଚୋରି ହୋଇଛି । ଏନେଇ ମାଲିକ ସିମାଞ୍ଚଳ ଆଚାରୀ ପୋଲିସ ଥାନାରେ ଅଭିଯୋଗ କରିଛନ୍ତି । ୩୦୦ଗ୍ରାମ ସୁନା ଓ ୮ କିଲୋଗ୍ରାମରୁ ଅଧିକ ରୂପା ଅଳଂକାର ଚୋରି ହୋଇଥିବା ଅଭିଯୋଗ କରାଯାଇଛି । ରାତିରେ ଦୋକାନ ବନ୍ଦ ଥିଲା ବେଳେ ଚୋରମାନେ ଛାତ ଉପରକୁ ଯାଇ ସିଡ଼ିରେ ଘର ଭିତରେ ପଶି ସୁନାରୂପା ଅଳଙ୍କାର ଲୁଟି ନେଇଥିବା ଜଣାପଡିଛି । ଅଭିଯୋଗକୁ ଭିତ୍ତିକରି ପୁଲିସ ଜୋରଦାର ତଦନ୍ତ କରୁଛି ।

## ଧରାପଡିଲେ ଲୁଟେରା ଗ୍ୟାଙ୍ଗ
### ୬୬ ଗ୍ରାମ ସୁନା ଅଳଙ୍କାର ଓ ୨ କେଜିରୁ ଅଧିକ ରୁପା ଜବତ

ଭଞ୍ଜନଗର,(ନିପ୍ର): ଏକ ଚୋରି ମାମଲାର ତଦନ୍ତ କରି ଭଞ୍ଜନଗର ପୋଲିସ ହାତରେ ଏକ ଚୋର ଗ୍ୟାଙ୍ଗ ଧରାପଡିଛନ୍ତି । ୪ ଜଣଙ୍କୁ ପୁଲିସ ଗିରଫ କରିଛି । ୬୬ ଗ୍ରାମ ସୁନା ଅଳଙ୍କାର ସହ ୨ କେଜିରୁ ଅଧିକ ରୁପା ଜବତ କରିଛି । ଗତ କିଛି ଦିନ ଧରି ଏହି ଅନ୍ତଃ ରାଜ୍ୟ ସିନ୍ଧୁ ଚୋର ଗ୍ୟାଙ୍ଗ ଭଞ୍ଜନଗର, ତାରାସିଂଙ୍ଗ, ଜଗନ୍ନାଥ ପ୍ରସାଦ, ବୁଗୁଡ଼ା ଆଦି ଥାନା ଇଲାକାରେ ସକ୍ରିୟ ରହି ଥିଲେ ।ତେଣୁ ଗଞ୍ଜାମ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଭଞ୍ଜନଗର ଆଇଆଇସିଙ୍କ ନେତୃତ୍ୱରେ ଏକ ସତନ୍ତ୍ର ଟିମ ଗଠନ କରାଯାଇଥିଲା । ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୁଲିସ ସେମାନଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୫ଟି ମୋବାଇଲ ସହିତ ୬୬ଗ୍ରାମ ର ବିଭିନ୍ନ ସୁନା ଅଳଙ୍କାର ଓ ୨ କେଜି ରୁପା ଅଳଙ୍କାର ଜବତ କରାଯାଇଛି ।

## ଅଟୋକୁ ଧକ୍କା ଦେଲା ଟ୍ରକ : ବାପା-ପୁଅ ମୃତ, ମା' ଗୁରୁତର

କରଞ୍ଜିଆ,(ନିପ୍ର) : ଅଟୋକୁ ଧକ୍କା ଦେଲା ଟ୍ରକ । ଦୁର୍ଘଟଣାରେ ବାପା ଓ ପୁଅର ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ହୋଇଛି । ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ୨୨୦ ନମ୍ବର ଜାତୀୟ ରାଜପଥ କାଳିକାପୁର ନିକଟରେ । ମୃତକ ହେଲେ ପିତା ଗାନସା କିସ୍କୁ ଓ ନାବାଳକ ପୁଅ ରାମରାଜ କିସ୍କୁ । କରଞ୍ଜିଆ ମେଡିକାଲରେ ଗାନସା ନିଜ ପୁଅକୁ ଡାକ୍ତରଙ୍କୁ ଦେଖାଇ ଅଟୋରେ ନିଜ ଘର ବଡ଼ଗାଁ ପଞ୍ଚାୟତ ଶରଧା ଗ୍ରାମକୁ ଯାଉଥିଲେ । କାଳିକାପୁର ନିକଟରେ ଅଟୋକୁ ଏକ ଟ୍ରକ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ବାପା ଓ ପୁଅର ମୃତ୍ୟୁ ହୋଇଥିବା ବେଳେ ମା' ଓ ଅଟୋ ଡ୍ରାଇଭର ଗୁରୁତର ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇ କେନ୍ଦୁଝରର ମେଡିକାଲରେ ଭର୍ତ୍ତି କରାଯାଇଛି ।

## ଗୁଣ୍ଡିଚା ଘାଗି ଜଳ ପ୍ରପାତରେ ଭାସି ନିଖୋଜ ଥିବା ଯୁବକର ମୃତଦେହ ଉଦ୍ଧାର

ଘଟଗାଁ (ନିପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଗୁଣ୍ଡିଚା ଘାଗି ଜଳ ପ୍ରପାତରେ ଭାସି ନିଖୋଜ ଥିବା ଯୁବକର ମୃତ ଦେହ ୪ଦିନ ପରେ ଉଦ୍ଧାର ହୋଇଛି । ସୂଚନା ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲାର ସାରଙ୍ଗ ପୁର ଗ୍ରାମର ଯୁବକ ଗୁଲସନ କୁମାର ସାମଲ ନିଜ ସାଙ୍ଗ ମାନଙ୍କ ସହିତ ଘଟଗାଁ ବ୍ଲକ ଅନ୍ତର୍ଗତ ବଣ ଚକୁଳିଆ ଗ୍ରାମ ନିକଟରେ ଥିବା ଗୁଣ୍ଡିଚା ଘାଗି ଜଳ ପ୍ରପାତକୁ ବୁଲିବାକୁ ଚଳିତ ଜୁଲାଇ ୧ତାରିଖ ଦିନ ବୁଲିବାକୁ ଆସିଥିଲେ । ବୁଲାବୁଲି ବେଳେ ଫଟୋ ଉତୋଳନ କରୁଥିବା ସମୟରେ ହଠାତ ଗୋଡ଼ ଖସି ଯିବାରୁ ଜଳର ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ଆଜିଗ୍ରାମର କିଛି ଲୋକ ମୃତଦେହ ଦେଖି ଅଗ୍ନିଶମ ବାହିନୀଙ୍କୁ ଖବର ଦେଇ ଥିଲେ । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିଛନ୍ତି ।

## ମହିଳା ବେଶରେ ସୁନା ଚେନ ଲୁଟ୍
## ଲୁଟେରାଙ୍କ ସହ ମହିଳା କ୍ରେତାଙ୍କୁ ବାନ୍ଧିଲା ପୋଲିସ

ଭୁବେନଶ୍ୱର,(ନି.ପ୍ର): ମହିଳା ବେଶରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳେର ବୁଲିବୁଲି ବାଇକ ଯୋଗେ ସୁନା ଚେନ ଲୁଟ୍ କରିବା ଏକ ଗ୍ୟାଙ୍ଗର ମୁଖ୍ୟ ମାଷ୍ଟର ମାଇଣ୍ଡଙ୍କୁ ପୋଲିସ ଗିରଫ କରିଛି । ପୋଲିସ ଏଥିସହ ଚୋରା ସୁନା କିଣୁଥିବା ଜଣେ ମହିଳା କେତ୍ରାଙ୍କୁ ମଧ୍ୟ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ଦେବୀ ପ୍ରସାଦ ରାଉଳ ଓରଫ ସୋନୁ (୨୩) ଓ ତାଙ୍କ ଘର ଖୋର୍ଦ୍ଧା ଟାଉନ ପୋଲିସ ଅଞ୍ଚଳର ବୋଲି ଜଣାପଡିଛି । ଏଥିସହ ପୋଲିସ ସୁନା କିଣୁଥିବା ମହିଳା କେତ୍ରା ଗଡ ଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀର ରଶ୍ମିତା ବିଜୁଳି (୨୧)ଙ୍କୁ ମଧ୍ୟ ଗିରଫ କରିଛି । ଏନେଇ ନମିତା ପାଣି ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମେ ୧୦ ତାରିଖ ଦିନ ପ୍ରାୟ ସକାଳ ୧୧ଟା୫୦ ସମୟରେ ଅଭିଯୋଗକାରିଣୀ ଡେଲଟା ଛକ ଜଳେଶ୍ୱର ମନ୍ଦିର ନିକଟରେ ଛତୁ କିଣିବା ପାଇଁ ନିଜ ଗାଡ଼ିରୁ ଓହ୍ଲାଇଥିବା ବେଳେ ଏକ ପଲସର-୨୨୦ ମୋଟରସାଇକେଲରେ ଆସିଥିବା ଦୁଇଜଣ ଦୁର୍ବୃତ୍ତ, ଯାହାଙ୍କ ମଧ୍ୟରୁ ଜଣେ ମହିଳା ବେଶରେ ଥିଲେ, ତାଙ୍କ ବେକରୁ ପ୍ରାୟ ୧୮ ଗ୍ରାମ ଓଜନର ୨୨ କ୍ୟାରେଟ ସୁନା ଚେନ୍ ଛିନତାଇ କରିଥିଲେ । ଚେନ୍ ଛିନତାଇ ସମୟରେ ଅଭିଯୋଗକାରିଣୀ ରାସ୍ତାରେ ପଡ଼ିଯାଇ ଆହତ ହୋଇଥିଲେ । ଘଟଣା ପରେ ଦୁର୍ବୃତ୍ତମାନେ ଷ୍ଟୁଆର୍ଟ ସ୍କୁଲ୍ ଆଡ଼କୁ ପଳାଇ ଯାଇଥିଲେ । ତଦନ୍ତ ସମୟରେ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା । ଯାଞ୍ଚରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ମୋଟରସାଇକେଲର ନମ୍ବର ପ୍ଲେଟକୁ ଲୁଚାଇ ଯୋଜନାବଦ୍ଧ ଭାବେ ଅପରାଧ ଘଟାଇଥିଲେ । ତଦନ୍ତରେ ଆହୁରି ଜଣାପଡ଼ିଥିଲା ଯେ ସେହି ଦୁଇଜଣ ଅଭିଯୁକ୍ତ ସେହି ଦିନ ନୟାପଲ୍ଲୀ, ଖଣ୍ଡଗିରି ଓ ତମାଣ୍ଡୋ ଥାନା ଅଞ୍ଚଳରେ ଏବଂ ପରବର୍ତ୍ତୀ ସମୟରେ ନୟାପଲ୍ଲୀ ଓ ଚନ୍ଦକା ଥାନା ଅଞ୍ଚଳରେ ମଧ୍ୟ ସମାନ ପ୍ରକାର ଚେନ୍ ଛିନତାଇ ଘଟଣା ଘଟାଇଥିଲେ । ସିସିଟିଭି ଫୁଟେଜ ଯାଞ୍ଚ ଆଧାରରେ ମୋଟରସାଇକେଲ ଚାଳକ ଦେବୀ ପ୍ରସାଦ ରାଉଳ ଓରଫ ସୋନୁ ଏବଂ ପଛରେ ମହିଳା ବେଶରେ ବସିଥିବା ସହଯୋଗୀ ପ୍ରତ୍ୟୁଷ ବଳବନ୍ତରାୟ ଓରଫ ଅଂଶୁଙ୍କୁ ଚିହ୍ନଟ କରାଯାଇଥିଲା । ବାରମ୍ବାର ଚଢ଼ଉ ସତ୍ତ୍ୱେ ସେମାନେ ଫେରାର ରହିଥିଲେ । ଶନିବାର ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ଅଭିଯୁକ୍ତ ଦେବୀ ପ୍ରସାଦ ରାଉଳଙ୍କୁ ତାଙ୍କ ଘରୁ କାବୁ କରିଥିଲା । ପଚରାଉଚରା ବେଳେ ସେ ସହଯୋଗୀ ପ୍ରତ୍ୟୁଷ ବଳବନ୍ତରାୟଙ୍କ ସହ ମିଶି ଭୁବେନଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଏକାଧିକ ଚେନ୍ ଛିନତାଇ କରିଥିବା ସ୍ୱୀକାର କରିଥିଲେ ।

## ୮୬୯ ଲିଟରର ମଦ ଜବତ: ୨ ଗିରଫ

ଖୋର୍ଦ୍ଧା,(ନିପ୍ର): ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ, ବେଗୁନିଆ ଅବକାରୀ ଅଧିକାରୀ ସୀମା କିରଣ ବେଜଙ୍କ ନେତୃତ୍ୱରେ ବୋଲଗଡ଼ ତଥା ରାଜ ସୁନାଖଳା ଅଞ୍ଚଳରେ ଚଢ଼ାଉ କରି ୩୯୬ ଲିଟର ବିୟର ଓ ୪୭୩ ଲିଟର ଆଇଏମ୍ଏଫ୍ଏଲ ସହ ଓଡ଼ି୦୨କେ୧୧୭୫ ନମ୍ବର ବିଶିଷ୍ଟ ଏକ ଟାଟା ଏସି ସମେତ ଏବଂ ଏକ ମୋବାଇଲ ଫୋନ, ଜବତ କରାଯାଇଛି । ଘଟଣାରେ ଦୁଇ ଜଣ ଅଭିଯୁକ୍ତ ଙ୍କୁ ଅବକାରୀ ଥାନା କେସ ନଂ. ୮୯ /୨୬-୨୭ ରେ ଗିରଫ କରି କୋର୍ଟ ଚାଲଣ କରାଯାଇଛି । ଗିରଫ ଦ୍ୱୟ ହେଲେ ବୋଲଗଡ଼ ଥାନା କପଶିଆ କାପଶିଆ ଗାଁ ର ଅନିଲ ନାୟକ, ୨୫ ବର୍ଷ ଓ ନୟାଗଡ଼ ଜିଲ୍ଲା ରଣପୁର ଥାନା ପାଇକରାୟପୁର ଗାଁ ର ନିରଞ୍ଜନ ଦାସ, ୬୧ ବର୍ଷ ବୋଲି ଅବକାରୀ ବିଭାଗ ସୁଚନା ଦେଇଛି ।

## ମୁକୁଳା ବିଦ୍ୟୁତ୍ ସବଷ୍ଟେସନ ପାଲଟିଛି ମରଣଯନ୍ତା
### ଗାଈ ମୃତ, ପାଚେରି ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବିଦ୍ୟୁତ୍ ସେକସନ ଅଧିନସ୍ଥ ଲେଣ୍ଡୋ ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଏକ ବଡ଼ଧରଣର ଅଘଟଣ ଦେଖିବାକୁ ମିଳିଛି । ଗ୍ରାମର ଜାଗୁଳାଇ ମନ୍ଦିର ପଛପାଖ ଖେଳ ପଡ଼ିଆ ନିକଟରେ ଥିବା ଏକ ବିଦ୍ୟୁତ୍ ସବଷ୍ଟେସନ ଦୀର୍ଘ ଦିନ ହେବ ସୁରକ୍ଷା ପ୍ରାଚୀର ନଥାଇ ମୁକୁଳା ଅବସ୍ଥାରେ ପଡ଼ିରହିଛି । ଏହି ଅସୁରକ୍ଷିତ ସବଷ୍ଟେସନ ଯୋଗୁଁ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ, ଗତ ଦୁଇ ଦିନ ତଳେ ଏକ ଗାଈ ବିଦ୍ୟୁତ୍ ଆଘାତରେ



ପ୍ରାଣ ହରାଇଛି । ଏହା ସହିତ ଅନ୍ୟ କେତୋଟି ଗାଈ ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି । ସବଷ୍ଟେସନଟି ଖେଳପଡ଼ିଆ ଏବଂ ମନ୍ଦିର ନିକଟରେ ଥିବାରୁ ଏଠାରେ ସଦାସର୍ବଦା ସ୍ଥାନୀୟ ପିଲାମାନେ ଖେଳକୁଦ କରନ୍ତି ଏବଂ ଗୋରୁଗାଈ ଚରିଥାନ୍ତି । କୌଣସି ବାରଣ କିମ୍ବା ଘେରାବେରୀ ନଥିବାରୁ ଏହା ଏବେ ସ୍ଥାନୀୟ ଅଞ୍ଚଳ ପାଇଁ ଏକ 'ମରଣଯନ୍ତା' ପାଲଟିଛି । ଗାଈ ମୃତ୍ୟୁକୁ ନେଇ ସ୍ଥାନୀୟ ଗୋପାଳକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଦୁର୍ଘଟଣା ପରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଲେଣ୍ଡୋ ଗ୍ରାମବାସୀଙ୍କ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି । ଯଦି ବିଦ୍ୟୁତ୍ ବିଭାଗ ତୁରନ୍ତ ଏହି ସବଷ୍ଟେସନ ଚାରିପାଖରେ ସୁରକ୍ଷିତ ପାଚେରୀ ନିର୍ମାଣ ନକରେ, ତେବେ ଆଗକୁ କୌଣସି ମନୁଷ୍ୟ ଜୀବନହାନି ଭଳି ବଡ଼ ବିପତ୍ତି ଘଟିପାରେ ବୋଲି ଆଶଙ୍କା କରାଯାଉଛି । ତେଣୁ ବିଦ୍ୟୁତ୍ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏହାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପ୍ରାଚୀର ନିର୍ମାଣ କରିବାକୁ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି ।

ଆଇସିସି ପକ୍ଷରୁ ଦ୍ୱିତୀୟ ନୀଳ ଅର୍ଥନୀତି ସମ୍ମିଳନୀ

# କ୍ରୀଡ଼ା ଓ କ୍ରୁଜ୍ ପର୍ଯ୍ୟଟନ ବିକାଶ ପାଇଁ ବିପୁଳ ସମ୍ଭାବନା




ଭୁବନେଶ୍ୱର,୪।୭: ଇଣ୍ଡିଆନ୍ ଚାମ୍ବର ଅଫ୍ କର୍ମସ(ଆଇସିସି) ପକ୍ଷରୁ ଦ୍ୱିତୀୟ ନୀଳ ଅର୍ଥନୀତି ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆଇସିସି ଓଡ଼ିଶା ଶିଳ୍ପ ଓ ଲଜିଷ୍ଟିକ୍ସ କମିଟି ପରାମର୍ଶଦାତା ଏବଂ ପ୍ରମୁଖ ଉପଦେଷ୍ଟା ତଥା ଆଇଏଏସ୍ ସନ୍ତୋଷ ମହାପାତ୍ର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାର ଅବସରପ୍ରାପ୍ତ ବୈଜ୍ଞାନିକ ସିଡିଆର ଡ. ପି.କେ ଶ୍ରୀବାସ୍ତବ କହିଥିଲେ, ଓଡ଼ିଶା ପାଖରେ ବୃହତ୍ ସାମୁଦ୍ରିକ ବେଳାଭୂମି ହେବା ହେତୁ ପର୍ଯ୍ୟଟନ ଶିଳ୍ପ ତଥା କ୍ରୀଡା ପର୍ଯ୍ୟଟନ, କ୍ରୁଜ୍ ପର୍ଯ୍ୟଟନ ବିକାଶ ପାଇଁ ବିପୁଳ ସମ୍ଭାବନା ରହିଛି। ସ୍ୱତନ୍ତ୍ର ଅତିଥି ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ସଚିବ ତଥା ଆଇଏଏସ୍ ଏନବିଏସ୍ ରାଜପୁତ କହିଥିଲେ ଯେ ସମୁଦ୍ର ସହିତ ଓଡ଼ିଶାର ସମ୍ପର୍କ ଆଧୁନିକ ବିକାଶ ନୁହେଁ; ଏହା ଆମର ଡିଏନଏରେ ଗଭୀର ଭାବରେ ସନ୍ନିହିତ। ଏକଦା ପାଲୁର, ଚେଲିଟୋଲା ଏବଂ ତାମ୍ରଲିପ୍ତ ଭଳି ପ୍ରାଚୀନ ବନ୍ଦରଗୁଡ଼ିକ ବିଶ୍ୱ ବାଣିଜ୍ୟର ଚଳଚଞ୍ଚଳ କେନ୍ଦ୍ର ଥିଲା, ମସଲା, ରେଶମ ଏବଂ ଚିନ୍ତାଧାରାର ଆଦାନପ୍ରଦାନ କରୁଥିଲା। ସାମୁଦ୍ରିକ ପ୍ରାଧାନ୍ୟର ଏହି ଐତିହ୍ୟ ଆଜି ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ମହାନ ବାଲି ଯାତ୍ରା ମହୋତ୍ସବ ମାଧ୍ୟମରେ ପାଳନ କରାଯାଏ। ତେଣୁ, ବନ୍ଦର-ନେତୃତ୍ୱାଧୀନ ଶିଳ୍ପାୟନର ଏହି ନୂତନ ଯୁଗ ଆରମ୍ଭ ହୋଇଛି। ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ କ୍ଲଷ୍ଟର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ସୁଆର, ଆଇସିସି ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତଜିତ୍ ଦେ ଯୋଗ ଦେଇଥିଲେ। ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଆଇସିସି ଭାରତର ସବୁଠାରୁ ପୁରୁଣା ଏବଂ ସବୁଠାରୁ ସମ୍ମାନଜନକ ଜାତୀୟ ବ୍ୟବସାୟ ଚାମ୍ବର ମଧ୍ୟରୁ ଅନ୍ୟତମ। ନୀଳ ଅର୍ଥନୀତି ଆଉ କେବଳ ଏକ ଉଦୀୟମାନ ଧାରଣା ନୁହେଁ - ଏହା ସାରା ବିଶ୍ୱରେ ସ୍ଥାୟୀ ଆର୍ଥିକ ବିକାଶ ପାଇଁ ଏକ ରଣନୈତିକ ସ୍ତମ୍ଭ। ଆଇସିସି ଓଡିଶା ରାଜ୍ୟ ପରିଷଦ ଉପାଧ୍ୟକ୍ଷ ନୀଳାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଇସିସି ଓଡିଶା ଆଞ୍ଚଳିକ ନିର୍ଦ୍ଦେଶକ ଜେପି ପାଲ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଅଧିବେଶନରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ ନୀଳ ଅର୍ଥନୀତି ଉପରେ ଆଲୋଚନା କରିଥିଲେ।

# ଡେବ୍ୟୁ: ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ

ମଞ୍ଚେଷ୍ଟର,୪।୭: ଭାରତୀୟ କ୍ରିକେଟର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଶେଷରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରି ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଶନିବାର ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ତାଙ୍କୁ ଭାରତ ପାଇଁ ଖେଳିବାର ସୁଯୋଗ ମିଳିଛି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ବୈଭବଙ୍କୁ ଭାରତୀୟ ଦଳର ଡେବ୍ୟୁ କ୍ୟାପ୍ ପ୍ରଦାନ କରାଯାଇଥିଲା। ଏହାସହ ସେ ଭାରତ ପାଇଁ ଅନ୍ତର୍ଜାତୀୟ ଟି-୨୦ ଖେଳିବାରେ ୧୨୨ତମ ଖେଳାଳି ବନିଛନ୍ତି। ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଭାରତ ପାଇଁ ସବୁଠାରୁ କମ୍ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିଥିବା ଖେଳାଳି ହୋଇପାରିଛନ୍ତି। ଇଂଲଣ୍ଡ ବିପକ୍ଷ ଏହି ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଓହ୍ଲାଇବା ସମୟରେ ତାଙ୍କୁ ମାତ୍ର ୧୫ ବର୍ଷ ୯୯ ଦିନ ବୟସ ହୋଇଛି। ଏହି ସଫଳତା ସହ ବୈଭବ କ୍ରିକେଟର ଭଗବାନ କୁହାଯାଉଥିବା ମହାନ ବ୍ୟାଟର ସଚିନ ତେନ୍ଦୁଲକରଙ୍କର ପ୍ରାୟ ୩୬ ବର୍ଷ ପୁରୁଣା ରେକର୍ଡ ଭାଙ୍ଗି ଦେଇଛନ୍ତି। ସଚିନ ତେନ୍ଦୁଲକର ନଭେମ୍ବର ୧୯୮୯ରେ ପାକିସ୍ତାନ ବିପକ୍ଷ କରାଚି ଟେଷ୍ଟରେ ୧୬ ବର୍ଷ ୨୦୫ ଦିନ ବୟସରେ ଭାରତ ପାଇଁ ଡେବ୍ୟୁ କରିଥିଲେ। ଏବେ ବୈଭବ ସଚିନଙ୍କୁ ପଛରେ ପକାଇ ଭାରତର ସବୁଠାରୁ କମ୍ ବୟସର ପୁରୁଷ ଆନ୍ତର୍ଜାତୀୟ




କ୍ରିକେଟର ହୋଇଛନ୍ତି। ପୁରୁଷ କ୍ରିକେଟ୍ ସହ ମହିଳା କ୍ରିକେଟ୍‌କୁ ମିଶାଇଲେ ମଧ୍ୟ ଭାରତ ପାଇଁ ସବୁଠାରୁ କମ୍ ବୟସରେ ଡେବ୍ୟୁ କରିବାର ରେକର୍ଡ ପୂର୍ବରୁ ବିସ୍ଫୋରକ ଓପନର୍ ଶେଫାଳୀ ବର୍ମାଙ୍କ ନାମରେ ଥିଲା। ଶେଫାଳୀ ୧୫ ବର୍ଷ ୨୩୯ ଦିନ ବୟସରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲେ। କିନ୍ତୁ ଆଜି ମାତ୍ର ୧୫ ବର୍ଷ ୯୯ ଦିନ ବୟସରେ ମୈଦାନକୁ ଓହ୍ଲାଇ ବୈଭବ, ଶେଫାଳୀଙ୍କ ରେକର୍ଡକୁ ମଧ୍ୟ ଭାଙ୍ଗି ସର୍ବକାଳୀନ ସର୍ବକନିଷ୍ଠ ଭାରତୀୟ ଅନ୍ତର୍ଜାତୀୟ କ୍ରିକେଟର ହେବାର ଗୌରବ ହାସଲ କରିଛନ୍ତି।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୪।୭: ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପାଳନ ଅଧ୍ୟକ୍ଷତାରେ ଶନିବାର ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପାଇଁ ନିଯୁକ୍ତ ଭୋଟର ତାଲିକା ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଉପ-ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ,ଶ୍ରୀମତୀ ଅନାମିକା ସିଂ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ସମୀକ୍ଷା ବୈଠକ ବସିଥିଲା। ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଏସଆଇଆର ୨୦୨୬ ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ୧୦ ଜଣ ଆଇଏଏସ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ପରିଗଣନା ଫର୍ମ ବଂଟନ ଓ ସଂଗ୍ରହପ୍ରକ୍ରିୟାର ସଫଳ ସମାପ୍ତି, ଚାଲିଥିବା ଡିଜିଟାଲାଇଜେସନର ପ୍ରଗତି ଏବଂ ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏହାସହ ପର୍ଯ୍ୟବେକ୍ଷକମାନଙ୍କୁ ସମଗ୍ର ଏସଆଇଆର ପ୍ରକ୍ରିୟା ଏବଂ ଆଗାମୀ ପର୍ଯ୍ୟାୟଗୁଡ଼ିକରେ ସେମାନଙ୍କର ଦାୟିତ୍ୱ ବିଷୟରେ ଅବଗତ କରାଯାଇଥିଲା।

# ହରିଣ ଶିକାର କରି ମାଂସ ଖାଇଲେ, ୪ ଗିରଫ

## ତାଲିମପ୍ରାପ୍ତ କୁକୁର ବ୍ୟବହାର କରିଥିଲେ !

ଅନୁଗୋଳ, ୪।୭: ରକ୍ଷକ ଭକ୍ଷକ ସାଜିବା ଅଭାବନୀୟ ଘଟଣା। ମାତ୍ର ଏପରି ଘଟିଛି ଏଠାରେ। ବନ୍ୟପ୍ରାଣୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କିଛି ବନ ଜଗୁଆଳି ଏକ ହରିଣ ଶିକାର କରି ତାହାର ମାଂସ ରାନ୍ଧି ଖାଇଥିବା ଘଟଣା ସାମ୍ନାକୁ ଆସିଛି। ଅନୁଗୋଳ ଜିଲାର ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ରେଞ୍ଜରେ ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଗୁପ୍ତ ସୂଚନା ଆଧାରରେ ବନ ବିଭାଗର ଏକ ଟିମ୍ ଟିକରପଡ଼ା ରେଞ୍ଜରେ ଚଢ଼ାଉ କରିଥିଲା। ସେଠାରେ ୪ ଜଣ ବ୍ୟକ୍ତି ହରିଣ ମାଂସ ରାନ୍ଧି ଖାଉଥିବା ବେଳେ ସେମାନଙ୍କୁ ଧରାଯାଇଥିଲା। ଅଭିଯୁକ୍ତମାନଙ୍କ ମଧ୍ୟରେ ୨ ଜଣ ବନ ଜଗୁଆଳି ଓ ଅନ୍ୟ ୨ ଜଣ ଶିକାରୀ ଥିଲେ ବୋଲି କୁହାଯାଇଛି। ଘଟଣାସ୍ଥଳରୁ ରନ୍ଧା ହରିଣ ମାଂସ ସହ ମୃତ ହରିଣର ମୁଣ୍ଡ ଜବତ କରାଯାଇଛି। ଏହାସହ ଶିକାରରେ ବ୍ୟବହୃତ ସାମଗ୍ରୀ ଥିବା ସନ୍ଦେହରେ କିଛି ଜିନିଷ ମଧ୍ୟ ଜବତ କରାଯାଇଛି। ଜବତ ସାମଗ୍ରୀକୁ ଯାଞ୍ଚ କରି ବନ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରି ପଚରାଉଚରା କରାଯାଉଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ରାମିମୁଣ୍ଡାର କୁଳମଣି ନାୟକ (୩୪), ଶିବପ୍ରସାଦ ନାୟକ (୨୧) ଏବଂ ଯୋଗେନ୍ଦ୍ର ପାଇକରା (୬୫) ଏବଂ ଅନୁଗୁଳର ମାଝିପଡ଼ାର ପ୍ରତାପ ଦେହୁରୀ (୪୬)। ବନ୍ୟପ୍ରାଣୀ ଶିକାର ରୋକିବା ପାଇଁ ବନ ବିଭାଗ ସାତକୋଶିଆର ଟିକରପଡ଼ା ରେଞ୍ଜରେ କୁଳମଣି ଏବଂ ପ୍ରତାପଙ୍କୁ ଜଗୁଆଳି ଭାବରେ ନିୟୋଜିତ କରିଥିଲା। ଖବର ଅନୁଯାୟୀ, ଏହି ଚାରି ଜଣ ବ୍ୟକ୍ତି ଗତକାଲି ରାତିରେ ଏକ ହରିଣ ଶିକାର କରିଥିଲେ ଏବଂ ଅଭୟାରଣ୍ୟରେ ଥିବା ବନ ବିଭାଗର ଶିବିରରେ ଏହାର ମାଂସ ରାନ୍ଧିଥିଲେ। କୌଣସି ସୂତ୍ରରୁ ସୂଚନା ପାଇ, ଟିକରପଡ଼ା ରେଞ୍ଜ ଅଧିକାରୀ ସୁମନ୍ତ ମହାକୁଡଙ୍କ ନେତୃତ୍ୱରେ ବନ ବିଭାଗର ଏକ ଦଳ ଚଢାଉ କରି ଚାରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଧିକାରୀମାନେ ଶିବିରରୁ ହରିଣ ମାଂସ ଏବଂ ଶରୀରର ଅନ୍ୟାନ୍ୟ ଅଂଶ ମଧ୍ୟ ଜବତ କରିଥିଲେ। ପଚରାଉଚରା ସମୟରେ, ୪ ଅଭିଯୁକ୍ତ ସ୍ୱୀକାର କରିଥିଲେ ଯେ ସେମାନେ ହରିଣ ଶିକାର କରିଥିଲେ ଏବଂ ଏହାର ମାଂସ ଖାଇଥିଲେ। ଅଭିଯୁକ୍ତ ବ୍ୟକ୍ତିମାନେ ତାଲିମପ୍ରାପ୍ତ କୁକୁର ବ୍ୟବହାର କରି ହରିଣ ଶିକାର କରିଥିଲେ ବୋଲି କୁହାଯାଉଛି।

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dtd 25.06.2026, I Gitanjali Odandaray, W/o-Sudarshan Odandaray, At-Dandigadia, Po-Dibyasinghapur, Ps-Banpur, Dist- Khurda, Odisha, Pin-752031, declare that, I have changed my name from Gita Odandaray to Gitanjali Odandaray, Henceforth, I Shall be Known As Gitanjali Odandaray For all purposes.

**Sd/-Gitanjali Odandaray**

**AFFIDAVIT**

By virtue of an affidavit sworn before The Notary Public, Jaleswar affidavit no.1564 dtd.02.07.2026, I Sekh Majuddin S/o-Sekh Niyajuddin At-Panigrahi, Po-Nampo, Ps-Jaleswar, Dist-Baleswar, Odisha, Pin-756034 do hereby declare that I have changed my name from SK Majuddhin to Sekh Mujuddin. Henceforth I shall be known as Sekh Mujuddin for all purposes.

**Sd/-Sekh Mujuddin**

# ବସ୍ ଧକ୍କାରେ ୩ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ

ବାଲିଗୁଡ଼ା,୪।୭: ବାଲିଗୁଡା ଥାନା ଅଞ୍ଚଳରେ କେ. ନୂଆଗାଁ ରାସ୍ତାରେ ମହାସିଙ୍ଗେ ବ୍ରିଜ୍ ନିକଟରେ ଶୁକ୍ରବାର ରାତିରେ ମଦନପୁର-ରାମପୁରରୁ ଭୁବନେଶ୍ୱର ଯାଉଥିବା ଚକାଡୋଲା ବସ୍ ଧକ୍କାରେ ୩ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତଯୁବକମାନେ ହେଲେ ନବରଙ୍ଗପୁର ସହର ତୋଟାସାହି ଅଞ୍ଚଳର ଶୁଭମ୍ ରାଜ ଜେନା, ହିର୍ଲିର ସୁନିଲ ଜାନି ଓ ଚାମୁରିଆଗୁଡାର ଚନ୍ଦନ ସୁନା। ସୂଚନା ଅନୁଯାୟୀ, ଏହି ୩ ଜଣ ଗୋଟିଏ ବାଇକରେ ଯାଉଥିବା ବେଳେ ରାତି ପ୍ରାୟ ସାଢ଼େ ୧୦ଟା ବେଳେ ବସ୍‌ଟି ଧକ୍କା ଦେଇ ଘଟଣା ସ୍ଥଳରୁ ପଳାଇଥିଲା ବୋଲି କୁହାଯାଇଛି। ସୂଚନା ପାଇବା ପରେ ବାଲିଗୁଡ଼ା ଥାନାର ଏସଆଇ ଯୁଗଳ କିଶୋର ନାୟକ ଓ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାଟି ଏତେ ତୀବ୍ର ଥିଲା ଯେ ମୃତ ଚନ୍ଦନଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଥିଲା। ଦୁଇ ଜଣ ଶୁଭମ୍ ଓ ସୁନୀଲ ଗୁରୁତର ଆହତ ହୋଇଥିଲେ। ଏହି ଦୁଇ ଜଣଙ୍କୁ ପୁଲିସ ଗାଡିରେ ବାଲିଗୁଡା ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ଶରଧାବାଲିରେ ବଣ୍ଟାଯିବ ରନ୍ଧା ଓ ଶୁଖିଲା ଖାଦ୍ୟ

ପୁରୀ,୪।୭(ନିପ୍ର): ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବାକୁ ପ୍ରଶାସନ ଓ ମହାନଗର ନିଗମ ସମସ୍ତ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଛନ୍ତି। ଗତକାଲି ମଧ୍ୟ ନଗର ଉନ୍ନୟନ ବିଭାଗ ର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ରଥଯାତ୍ରା ପରିପ୍ରେକ୍ଷୀରେ ବିଭାଗର ସମୀକ୍ଷା କରିଥିଲେ। ମହାନଗର ନିଗମ ସମସ୍ତ ଆହ୍ୱାନ ପାଇଁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସମଗ୍ର ସହରକୁ ସ୍ୱଚ୍ଛ ରଖାଯିବା ସହ ପବିତ୍ର ବଡଦାଣ୍ଡକୁ ମଧ୍ୟ ସ୍ୱଚ୍ଛତା ପାଇଁ ଅତିରିକ୍ତ ଦୃଷ୍ଟି ଦିଆଯାଇଛି। ସଫେଇ ପାଇଁ ଅଧିକ କର୍ମଚାରୀ ମୁତୟନ କରାଯାଇଛି। ଅପରପକ୍ଷରେ ବଡଦାଣ୍ଡର ଶ୍ରୀମନ୍ଦିରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ କୌଣସି ରନ୍ଧା ଖାଦ୍ୟ ପରିବେଷଣ କରାଯାଇ ପାରିବ ନାହିଁ। କେବଳ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବ। ତେବେ ମାର୍କେଟ ଛକଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଆବଣ୍ଟିତ ସ୍ଥାନରେ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇପାରିବ ବୋଲି ନିଷ୍ପତ୍ତି ନିଆଯାଇଛି। ଫଳରେ ଶ୍ରଦ୍ଧାଳୁମାନେ ବିଶେଷ ଉପକୃତ ହୋଇ ପାରିବେ ବୋଲି ମହାନଗର ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ବିଭାଗୀୟ ମାମଲା ପରିଚାଳନାରେ ସହକାରୀ ନିର୍ଦ୍ଦେଶକ ବିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ




ଭୁବନେଶ୍ୱର,୪।୭: ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଆଇନ ବିଭାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ । ନୂଆ ଆଇନ ପ୍ରଣୟନଠାରୁ ଆରମ୍ଭ କରି ପୁରୁଣା ଆଇନରେ ଆବଶ୍ୟକ ସଂଶୋଧନ ଏବଂ ବିଭିନ୍ନ ବିଭାଗଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କ୍ଷେତ୍ରରେ ଆଇନ ବିଭାଗ ସବୁବେଳେ କାର୍ଯ୍ୟକରି ଆସିଛି । ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକରେ ପଡ଼ି ରହିଥିବା ମାମଲାର ସଠିକ୍ ପରିଚାଳନା ଏବଂ ଆଇନଗତ ପରାମର୍ଶ ଦେବା କ୍ଷେତ୍ରରେ ସହକାରୀ ନିର୍ଦ୍ଦେଶକ ବିଧି(ଏ.ଡି.ଏଲ୍.)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଶନିବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଅନୁଷ୍ଠିତ ଏ.ଡି.ଏଲ୍. ଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗରେ ଥିବା ମାମଲାଗୁଡ଼ିକର ସ୍ଥିତି ଓ ଅଗ୍ରଗତି ବିଷୟରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଚାରି ବୁଝିଥିଲେ । ଏଥି ସହିତ ବିଭିନ୍ନ ମାମଲାଗୁଡ଼ିକୁ ପରିଚାଳନା କରିବା ଏବଂ ବିଭାଗକୁ ସଠିକ୍ ଆଇନଗତ ପରାମର୍ଶ ଦେବାରେ ଏଡିଏଲ୍ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପଡ଼ି ରହିଥିବା ମାମଲାର ତ୍ୱରିତ ସମାଧାନ ଏବଂ ମଧ୍ୟସ୍ଥତା ଆଇନର ସଠିକ୍ ଉପଯୋଗ କ୍ଷେତ୍ରରେ ଆଇନ ବିଭାଗ ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ଏ. ଡି. ଏଲ. ମାନେ ସେତୁ ଭଳି କାର୍ଯ୍ୟ କରିପାରିବେ। ବର୍ତ୍ତମାନ ସମୟରେ ଏଡିଏଲ୍‌ମାନଙ୍କ ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଛି । ତେଣୁ ନିଜର ଦକ୍ଷତା ବୃଦ୍ଧି କରି ସମୟୋପଯୋଗୀ ହେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ନୂତନ ନିଯୁକ୍ତି ଏବଂ କ୍ୟାଡର ପୁନର୍ଗଠନ ସହ ଲିଟିଗେସନ୍ ମ୍ୟାନେଜମେଣ୍ଟ ପଲିସି ପ୍ରଣୟନ ଓ ମାମଲାଗୁଡ଼ିକର ସଠିକ ପରିଚାଳନା ପାଇଁ ଏସ୍‌ଓପି ଜାରିନେଇ ସରକାର ଚିନ୍ତା କରୁଥିବା ନେଇ ସେ କହିଥିଲେ। ଏହି ଅବସରରେ ୨୦୨୫-୨୬ ବର୍ଷର ଆଚିଭମେଣ୍ଟ ରିପୋର୍ଟ ପୁସ୍ତିକାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉନ୍ମୋଚନ କରିଥିଲେ

# ୯ରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୪।୭: ଭାରତର ଉପରାଷ୍ଟ୍ରପତିଙ୍କ ୯ ଜୁଲାଇରେ ଓଡ଼ିଶା ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା, ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଉପରାଷ୍ଟ୍ରପତି ସେଦିନ ଭୁବନେଶ୍ୱରସ୍ଥ କୃଷି ଶିକ୍ଷା ସଦନ ଠାରେ 'ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗଦେବେ। ଏହାସହ ସେ ଖୋର୍ଦ୍ଧା ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ନାଇଜର) ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ।

34001/440/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER GANJAM [R&B] DIVISION NO II, BERHAMPUR
Phone/Fax 0680-2233996, e-mail sernb2.ganjam@gmail.com
INVITATION FOR BIDS (IFB) [e-Procurement]

**TENDER CALL NOTICE**

**Bid Identification No. SC (R&B)-GM-II-08/2026-27** **No.** **Dated.29.06.2026**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single cover system to be received in **ONLINE MODE** only for the work as detailed below:
2) Nature of Work : Road work
3) No. of work : 02 Nos.
4) Tender Cost : Rs. 6000/-
5) Class of Contractor : C' Class & B' Class
6) Availability of bid documents in the website : From 07.07.2026 10.00 AM 17.07.2026 4.00 P.M.
7) Date of opening of Bid : 18.07.2026 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in
9) The bidders must submit all the original uploaded documents within 03 days from opening of the tender.
10) The authority reserves the right to cancel/reject any or all bids without assigning any reason thereof

(Sd/- S. Panigrahi)
Superintending Engineer
Ganjam (R&B) Division No.II

OIPR-34001/34080/1/26-27/0009

# ବୈଭବ ନଗରରେ ପଶିଲା ପାଣି, ଶତାଧିକ ଘର ବାହ୍ୟଜଗତରୁ ବିଚ୍ଛିନ୍ନ

ଭୁବନେଶ୍ୱର,୪।୭: ବିଏମସି ଅଧିନସ୍ଥ ୪ ନମ୍ବର୍ ୱାର୍ଡର ବୈଭବ ନଗରରେ ଶତାଧିକ ଘର ବାହ୍ୟ ଜଗତରୁ ବିଚ୍ଛିନ୍ନ । ସାମାନ୍ୟ ବର୍ଷାରେ ଉବୁଟୁବୁ ଏହି ଅଞ୍ଚଳ। ଲୋକେ ଘରୁ ବହରି ପାରୁନାହାନ୍ତି । ଜାତୀୟ ରାଜପଥକୁ ଲାଗିଥିବ ଏହି ଅଞ୍ଚଳର ଦୁର୍ଦ୍ଦଶା କହିଲେ ନ ସରେ । ପିଲା ସ୍କୁଲ୍ କଲେଜ ଯାଇପାରୁନାହାନ୍ତି। ରୋଗୀଙ୍କୁ ହସ୍ପିଟାଲ୍ ମଧ୍ୟ ନେବା ସମ୍ଭବ ହୋଇପାରୁନାହିଁ । ଏହାସହ ଜାତୀୟ ରାଜପଥରୁ ମିଲିନିୟମ ସିଟିକୁ ଯାଉଥିବା ମୁଖ୍ୟ ରାସ୍ତାରେ ଅଣ୍ଟାଏ ପାଣି, ପାଖାପାଖି ୩୦୦ ଘର ମଧ୍ୟ ଏଥିପାଇଁ ପ୍ରଭାବିତ ହେଉଛନ୍ତି । ବିଏମସି ଅଫିସକୁ ବାରମ୍ବାର ଯାଇ ଏଥିପାଇଁ ଗୁହାରି କଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ ହେଉଛି।

# ନିର୍ମାଣ ପରେ ଧସିଲା ଗେଙ୍ଗୁଟି ନଦୀବନ୍ଧ

## କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ମିଳୁନି ସ୍ଥାୟୀ ସମାଧାନ

ଧାମନଗର,୪।୭(ନିପ୍ର): ଧାମନଗର ଜଳସମ୍ପଦ ବିଭାଗ ଅଧୀନ ଦଳାଙ୍ଗ ପଞ୍ଚାୟତର ରାମେଶ୍ୱରପୁର ମଲିକସାହି ନିକଟ ଗେଙ୍ଗୁଟି ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ପୁଣି ଧସିଯାଇଛି। ଗତ ଦୁଇ ଦିନର ଲଗାଣ ବର୍ଷା ପରେ ବନ୍ଧରେ ପ୍ରାୟ ୫୦ ଫୁଟ ଲମ୍ବର ଫାଟ ସୃଷ୍ଟି ହେବା ସହ କିଛି ଅଂଶ ନଦୀଗର୍ଭକୁ ଧସିଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ଏହି ସ୍ଥାନରେ ୧୫ରୁ ଅଧିକ ଥର ବନ୍ଧ ଧସିଥିବାରୁ ଲୋକଙ୍କ ଚିନ୍ତା ବଢ଼ିଛି। ବାରମ୍ବାର ବନ୍ଧ ଧସୁଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଚଳିତ ବର୍ଷ ବନ୍ଧ ସୁରକ୍ଷା ପାଇଁ ନଦୀ ଭିତର ପାର୍ଶ୍ୱରେ କଂକ୍ରିଟ ୱାଲ ନିର୍ମାଣ ଓ ପଥର ପିଚିଂ କାମ ଆରମ୍ଭ କରାଯାଇଥିଲା। ମାତ୍ର ପ୍ରାୟ ଦୁଇ ଫୁଟ ଉଚ୍ଚତାର କଂକ୍ରିଟ ୱାଲ ନିର୍ମାଣ ସହ ଅଳ୍ପ



ପରିମାଣରେ ପଥର ବିଛାଯାଇଥିବାରୁ ବନ୍ଧର ଚାପ ସମ୍ଭାଳି ପାରୁନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବନ୍ଧର ଉଚ୍ଚତା ଅନୁଯାୟୀ ସୁଦୃଢ଼ କଂକ୍ରିଟ ୱାଲ ନିର୍ମାଣ କରାଯାଇଥାନ୍ତା, ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। ପୂର୍ବଥର ବନ୍ଧ ଧସିଥିବାରୁ ଏଠାରେ ବନ୍ଧ କମ୍ ଉଚ୍ଚତା ରହିଛି। ଏଥିସହ କାର୍ଯ୍ୟର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପଥର ପିଚିଂ ସ୍ଥାନରେ ମାଟି ଭର୍ତ୍ତି କରାଯାଇଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ସମୟରେ କାମ ଶେଷ ନହେବାରୁ ବର୍ଷା ପୂର୍ବରୁ ପ୍ରକଳ୍ପ ଅଧାରେ ଅଟକି ରହିଥିଲା। ବର୍ତ୍ତମାନ ସେହି ସ୍ଥାନରେ ପୁଣି ବନ୍ଧରେ ଫାଟ ସୃଷ୍ଟି ହୋଇ କିଛି ଅଂଶ ନଦୀ ଗର୍ଭକୁ ଧସିଯାଇଛି । ଏହି ସ୍ଥାନର ଭୌଗୋଳିକ ଗଠନ ଏବଂ ରାମେଶ୍ୱରପୁର-କରଦା ଗେଙ୍ଗୁଟି ପୋଲର ଆବଟମେଣ୍ଟ ୱାଲ ଯୋଗୁଁ ନଦୀର ପ୍ରଖର ସ୍ରୋତ ସିଧାସଳଖ ବନ୍ଧ ଉପରେ ଚାପ ସୃଷ୍ଟି କରୁଛି। ପ୍ରବାହ ପଥ ସଂକୀର୍ଣ୍ଣ ହୋଇଯାଇଥିବାରୁ ଜଳସ୍ରୋତ ବାରମ୍ବାର ଦିଗ ପରିବର୍ତ୍ତନ କରି ମଲିକ ସାହି ନିକଟ ବନ୍ଧରେ ମାଡ଼ ହେଉଛି, ଯାହା ଧସିବାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏନେଇ ଜଳସେଚନ ବିଭାଗର ଜନୈକ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିବାରୁ କୁହନ୍ତି ଏହି ଘଟଣା ତଦନ୍ତ କରିବି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ